

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୪ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 April 2026
Vol.No. 36 ■ No.99 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଆମେରିକାର ଧମକରେ ଚିହିଁକି ଉଠିଲା ଚାଇନା: ଆମ ପାଇଁ ସବୁବେଳେ ହର୍ମୁଜ ଖୋଲା



ନୂଆଦିଲ୍ଲୀ, ୧୩/୪ : ଇସଲାମାବାଦରେ ୨୧ ଘଣ୍ଟା ଧରି ଚାଲିଥିବା ମାରାଥନ ବୈଠକରେ କୌଣସି ସମାଧାନର ବାଟ ବାହାରିପାରିଲା ନାହିଁ। ଫଳରେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ପରି ମନେ ହେଉଛି। ଆଜି ଅର୍ଥାତ୍ ଏପ୍ରିଲ ୧୩ଠାରୁ ହର୍ମୁଜ ପ୍ରଣାଳୀ ଅବରୋଧ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଧମକର କଡ଼ା ଜବାବ ଦେଇଛି ଚାଇନା। ଚାଇନାର ପ୍ରତିରକ୍ଷା ମନ୍ତ୍ରୀ ଆଡମିରାଲ ଡଙ୍ଗ ଜୁନ୍ କହିଛନ୍ତି, ଆମେ ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା ପାଇଁ ପ୍ରତିବଦ୍ଧ। ଆମେ ମଧ୍ୟପ୍ରାଚ୍ୟର ପରିସ୍ଥିତି ଉପରେ ନଜର ରଖୁଛୁ। ଆମର ଜାହାଜ ନିରନ୍ତର ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରୁଛି। ଆମର ଇରାନ ସହିତ ବାଣିଜ୍ୟ ଏବଂ ଶକ୍ତି ଚୁକ୍ତିନାମା ଅଛି। ଆମେ ସେମାନଙ୍କୁ ସମ୍ମାନ ଦେବୁ ଏବଂ ଅନ୍ୟମାନେ ଆମ କଥାରେ କେହି ମୁଣ୍ଡ ନ ପୂରାଇବା ପାଇଁ ଆଶା କରୁଛୁ। ଇରାନ ହର୍ମୁଜ ପ୍ରଣାଳୀକୁ ନିୟନ୍ତ୍ରଣ କରେ ଏବଂ ଏହା ଆମ ପାଇଁ ସବୁବେଳେ ଖୋଲା ଅଛି। ଇରାନକୁ ଘେରିବା ପାଇଁ ଆମେରିକାର ମାଷ୍ଟରପ୍ଲାନ୍। ହର୍ମୁଜ ପ୍ରଣାଳୀରେ ରୋକିବ ତେଲ ଏବଂ ଜାହାଜ ଚଳାଚଳ । ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ରଣନୀତି ଅନୁଯାୟୀ , ଆମେରିକା ଏବେ ଇରାନର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିବା ପାଇଁ ପ୍ରସ୍ତୁତ ହେଉଛି । ବିଶେଷ କରି ହର୍ମୁଜ ପ୍ରଣାଳୀରେ ଥିବା ୪ଟି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଚେକ ପଏଣ୍ଟ କରି ଇରାନକୁ ଅଣନିଶ୍ୱାସୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ଟ୍ରମ୍ପ ପ୍ରଶାସନ ଖାର୍ଗ ଦ୍ୱୀପରୁ ତେଲ ରପ୍ତାନି ଏବଂ ବନ୍ଦର ଅବ୍ୱାସରୁ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୋଜନା କରୁଛି । ଇରାନର ପ୍ରାୟ ୯୦ ପ୍ରତିଶତ ତେଲ ରପ୍ତାନି ଖାର୍ଗ ଦ୍ୱୀପ ଦେଇ ହୋଇଥାଏ, ଯାହା ଏବେ ଆମେରିକାର ଟାର୍ଗେଟରେ ଅଛି। ଯଦି ଆମେରିକା ଏହି ଅଞ୍ଚଳଗୁଡ଼ିକରେ ନାକାବନ୍ଦୀ କରେ, ତେବେ ଇରାନର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ । ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇ ଦେଇଛି, ଯାହା ବିଶ୍ୱ ବଜାରରେ ତେଲ ଦର ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଆମେରିକାର ଏହି 'ମ୍ୟାକ୍ସିମମ୍ ପ୍ରେସର' ନୀତି ଇରାନକୁ ଆଲୋଚନା ପାଇଁ ବାଧ କରିବାକୁ ଏକ ବଡ଼ ଚାଲ୍ ଭାବେ ଦେଖାଯାଉଛି।

## ରାଜ୍ୟ ରାଜନୀତି ନେଇପାରେ ନୂଆ ମୋଡ଼: ପଞ୍ଚାୟତରେ ମିଶିକି ଲଢ଼ିବେ ବିଜେଡି ଓ କଂଗ୍ରେସ



ଭୁବନେଶ୍ୱର, ୧୩/୪ (ନି.ପ୍ର): ଆଗରୁ କହୁଥିଲେ ପ୍ରସଙ୍ଗ ଭିତ୍ତିକ ସମର୍ଥନ। ଏବେ କହୁଛନ୍ତି ହାଇକମାଣ୍ଡ ଚାହିଁଲେ ମେଣ୍ଟ ହେବ। ରାଜ୍ୟସଭା ନିର୍ବାଚନରୁ ବିଜେଡି-କଂଗ୍ରେସ ଭିତରେ ପଡ଼ିଥିବା ମେଣ୍ଟ ସଂପର୍କର ମୂଳଦୂଆ ଆଗକୁ ସ୍ଥାୟୀ ରୂପ ନେଉଥିବା ଚର୍ଚ୍ଚା। କାରଣ ମେଣ୍ଟ ହୋଇପାରେ ବୋଲି ଖୋଦ୍ ପିସିସି ସଭାପତିଙ୍କ ବୟାନ ପରେ, ସମ୍ଭାବନା ସବୁକ୍ଷେତ୍ରରେ ରହିଛି ବୋଲି ଦେବୀଙ୍କ ପ୍ରତିକ୍ରିୟାରୁ ଜୋର ଧରିଛି କଳ୍ପନାଜଳ୍ପନା। ପଞ୍ଚାୟତରେ ମିଶିକି ଲଢ଼ିବେ ବିଜେଡି-କଂଗ୍ରେସ ! ରାଜ୍ୟ ରାଜନୀତି ନେଇପାରେ ନୂଆ ମୋଡ଼ ! ଜିଲ୍ଲା ପରିଷଦ ସିଟ ପାଇଁ ହୋଇପାରେ ବୁଝାମଣା ! ଭକ୍ତ, ଦେବୀଙ୍କ ବୟାନ ପରେ ବଢିଲା ଚର୍ଚ୍ଚା ରାଜ୍ୟସଭା ନିର୍ବାଚନ ଠାରୁ ରାଜ୍ୟରେ ବିଜେଡି-କଂଗ୍ରେସ ମେଣ୍ଟ ଚର୍ଚ୍ଚା ଲାଗି ରହିଥିବା ବେଳେ ଏବେ ପିସିସି ସଭାପତିଙ୍କ ପ୍ରତିକ୍ରିୟା ସେଇ ଚର୍ଚ୍ଚାର ନିଆଁରେ ଘିଅ ଢାଳିଛି।

◆◆ପୃଷ୍ଠା ୭

## ପୋଲିସ ଏସଆଇ ପରୀକ୍ଷା ସ୍କାମ ନେଇ ସିବିଆଇର ଜୋରଦାର ଧରପଗଡ: ଅନଲାଇନ ପରୀକ୍ଷା ସେଣ୍ଟରରେ ବ୍ୟାପକ ରେଡ୍



ଭୁବନେଶ୍ୱର, ୧୩/୪ (ନି.ପ୍ର): ବହୁଚର୍ଚ୍ଚିତ ପୋଲିସ ଏସଆଇ ପରୀକ୍ଷା ସ୍କାମ ନେଇ ସିବିଆଇର ଜୋରଦାର୍ ରେଡ୍ । ଭୁବନେଶ୍ୱରର ଦ ଟେକ୍ନୋ ସ୍କୁଲ କ୍ୟାମ୍ପସ ମଧ୍ୟରେ ଥିବା ଅନଲାଇନ ପରୀକ୍ଷା ସେଣ୍ଟରରେ ହୋଇଛି ବ୍ୟାପକ ରେଡ୍ । ଆଉ ଏହା ପରେ ସାମ୍ନାକୁ ଆସିଛି ଆଉ ଜଣେ ଅଭିଯୁକ୍ତଙ୍କ ନାମ । ବାଲିଗୁଡାରେ ଶିକ୍ଷକତା କରୁଥିବା ଗୋବିନ୍ଦ ତ୍ରିପାଠୀ ଏହି ସ୍କାମରେ ରହିଛନ୍ତି ସିବିଆଇ ସ୍କାନରରେ । ତେଣେ ସିବିଆଇର ରେଡ୍ ପରେ ଏହି ପରୀକ୍ଷା ସେଣ୍ଟରରେ ହୋଇଥିବା ସମସ୍ତ ପରୀକ୍ଷାକୁ ନେଇ ଉଠିଛି ପ୍ରଶ୍ନ। ସରିନାହିଁ ତଦନ୍ତ। ବନ୍ଧା ହୋଇନି ଶେଷ ଅଭିଯୁକ୍ତ । ରାଜ୍ୟର ସବୁଠୁ ବଡ଼ ସ୍କାମ କୁହାଯାଉଥିବା ପୋଲିସ ଏସଆଇ ପରୀକ୍ଷା ସ୍କାମରେ ଏବେବି ତଦନ୍ତ ଚଳାଇଛି ସିବିଆଇ । ପରୀକ୍ଷା ନେଇ ଫିକ୍ସିଂ କରାଯାଇଥିବା ସେଣ୍ଟର ଉପରେ ସିବିଆଇ ପକ୍ଷରୁ ହୋଇଛି ଜୋରଦାର ଚଢଉ । ଭୁବନେଶ୍ୱର ପାତ୍ରପଡାରେ ଥିବା ଦ ଟେକ୍ନୋ ସ୍କୁଲ କ୍ୟାମ୍ପସରେ ଥିବା ଏକ ଅନଲାଇନ ପରୀକ୍ଷା ସେଣ୍ଟରରେ ହୋଇଛି ବ୍ୟାପକ ରେଡ୍ ।

◆◆ପୃଷ୍ଠା ୭

## ବିଶ୍ୱ-ଇତିହାସ ସୃଷ୍ଟିକାରୀ ଭାରତୀୟ ନାରୀ

### ଈଶାଣୀ ବୈଶାଖୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ବିରଳ ସନ୍ଧ୍ୟା



ବାଲେଶ୍ୱର, ୧୩/୪ (ନି.ପ୍ର): ମହିଳାମାନଙ୍କର ବିକାଶ ଗାଁ, ଗଣ୍ଡା, ଜିଲ୍ଲା, ରାଜ୍ୟ ସର୍ବୋପରି ପବିତ୍ର ଆମ ଦେଶ ଭାରତ ପାଇଁ ଦୃଷ୍ଟାନ୍ତ ସୃଷ୍ଟିକାରୀ ହେବ ଏବଂ ପରିଶେଷରେ ଭାରତୀୟ ନାରୀ ବିଶ୍ୱ ମାନଚିତ୍ରରେ ଇତିହାସ ହିଁ ସୃଷ୍ଟି କରିବ। ବାଲେଶ୍ୱରର ଈଶାଣୀ, ଚାଉଳିଆବର ଏକ ଐତିହାସିକ ପବିତ୍ର ମାଟି। ମହାତ୍ମାଙ୍କ ମାଟି। ଲୁଣମରା ଆନ୍ଦୋଳନର ସଂଗ୍ରାମୀ ମାଟି। ଏଇଠି ସର୍ଦ୍ଦାର ସୁରେନ୍ଦ୍ର ଦାସ, ରବୀନ୍ଦ୍ର ମୋହନ ଦାସ ଓ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ଭଳି ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ଭାବରେ ସ୍ମୃତି ପାଲଟି ଯାଇଥିବାବେଳେ ଏ ଅଂଚଳର ଉତ୍ତରାଧିକାରୀମାନେ ଈଶାଣୀର ଏହି ବିଶାଳ ବୈଶାଖୀ ମହୋତ୍ସବ ପାଳନ କରିଆସୁଥିବା ଯୁବକ ଯୁବତୀମାନେ ଏପରି ସତ୍‌କର୍ମରେ ନିଜକୁ ନିୟୋଜିତ କରି ସାଂପ୍ରତିକ ସମୟର ଆଦର୍ଶ ପାଲଟିଛନ୍ତି। ଏ ମାଟି ୧୧ ବର୍ଷର ବାଘାଯତୀନ୍‌ର ଉତ୍ସବ। ଏ ମାଟି ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହର ଇତିହାସ ବୋଲି ଉପସ୍ଥିତ ସହସ୍ରାଧିକ ମହିଳା ମା' ଭଉଣୀମାନଙ୍କୁ ଉଦ୍‌ବୁଦ୍ଧ କରିଥିଲେ।

◆◆ପୃଷ୍ଠା ୭

## ୨ ଲକ୍ଷ ୩୪ ହଜାର ଟଙ୍କା ସହିତ ଧରାପଡ଼ିଲେ ଗୁଡ଼ାରି ରେଞ୍ଜର

ରାୟଗଡ଼ା, ୧୩/୪ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରାୟଗଡ଼ା ଜିଲ୍ଲା ଗୁଡ଼ାରି ରେଞ୍ଜର ସୁକୁମାର ଦୁଖୁ। ଆଜି ସେ ନବରଙ୍ଗପୁର ସହର ସ୍ଥିତ ନିଜ ଘରକୁ ନିଜ ଗାଡ଼ିରେ ଯାଉଥିବା ବେଳେ ବେଳେ ଇନ୍ଦ୍ରାବତୀ ବ୍ରିଜ ନିକଟରେ ତାଙ୍କୁ ଧରିଥିଲା ଭିଜିଲାନ୍ସ। ଯାଞ୍ଚ ବେଳେ ତାଙ୍କ ନିକଟରୁ ନଗଦ ୨ ଲକ୍ଷ ୩୪ ହଜାର ୮୦୦ ଟଙ୍କା ପାଇଥିଲା ଭିଜିଲାନ୍ସ। ଏତେ ପରିମାଣରେ ନଗଦ ଟଙ୍କା ସହିତ ରେଞ୍ଜର ସୁକୁମାର

◆◆ପୃଷ୍ଠା ୭

## ସିମେଣ୍ଟ ମିକ୍ସର ସହ ପିଟି ହେଲା ଭ୍ୟାନ: ଗାଡ଼ି ଚୂରମାର, ଚାଲିଗଲା ୧୧ ଜୀବନ



ନୂଆଦିଲ୍ଲୀ, ୧୩/୪ : ବ୍ରିଜ ଉପରେ ଘଟିଛି ବଡ଼ ଦୁର୍ଘଟଣା। ମହାରାଷ୍ଟ୍ରର ଥାଣେରେ ଥିବା ଗୋଟିଏ ବ୍ରିଜ ଉପରେ ଯାତ୍ରୀବାହୀ ଭ୍ୟାନ ଓ ସିମେଣ୍ଟ ମିକ୍ସର ମଧ୍ୟରେ ହୋଇଛି ଧକ୍କା। ଦୁର୍ଘଟଣାରେ ଭ୍ୟାନଟି ପୂରା ଚୂରମାର ହୋଇ ଯାଇଥିବା ବେଳେ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଉ ୨ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ମୁରବାଦ ଠାରେ ଥିବା ରୈତା ବ୍ରିଜରେ ଆଜି ଦିନ ୧୦.୪୫ରେ ପୂରା ଘଟଣା ଘଟିଛି। ଭ୍ୟାନଟି କଲ୍ୟାଣରୁ ମୁରବାର ଆଡ଼କୁ ଯାଉଥିଲା। ଏହି ସମୟରେ ସାମ୍ନା ପଟୁ ଆସୁଥିବା ସିମେଣ୍ଟ ମିକ୍ସର ସହ ଏହାର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇଟି ଯାକ ଗାଡ଼ି ପୂରା ଛିନଛତ୍ର ହୋଇ ଯାଇଛି। ସିମେଣ୍ଟ ମିକ୍ସର ତୁଳନାରେ ଭ୍ୟାନଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା

◆◆ପୃଷ୍ଠା ୭


15001/16/2627





ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା
ଓଡ଼ିଆ ନବବର୍ଷ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR: 15001/15001/2/26-27/0016



15001/16/2627



ଓଡ଼ିଆ ନବବର୍ଷ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି ।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା ।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0016

# ବିଷୁବ ବିଶେଷାଙ୍କ



## ଓଡ଼ିଆ ନବବର୍ଷ...

### ରାମଚନ୍ଦ୍ର ବେହେରା



ଆଜି ପରା ପୂଣ୍ୟ ପହିଲି ବୈଶାଖ
ମହା ବିଷୁବ ସଂକ୍ରାନ୍ତି
ନବବର୍ଷ ବୋଲି ସାରା ଉତ୍କଳରେ
ରହିଛି ଏହାର ଖ୍ୟାତି
ଆଜି ଏ ଶୁଭ ଦିବସେ
ପ୍ରଭୁ ଦିବାକର ମେଷ ରାଶି ଦେଇ
ଚଳିବେ ହର୍ଷ ଉଲ୍ଲାସେ।
ଏହି ଦିନଟିକୁ ଭକ୍ତିଭାବ ସହ
ପାଳିବେ ଓଡିଶାବାସୀ
ସାରା ଦେବାଳୟେ ଭକ୍ତଂକ ଗହଳି
ଦୃଶ୍ୟ ହେବ ଦିବାନିଶି
ଶ୍ରଦ୍ଧାଭାବ ମନେ ଜାଗେ
ଛତୁଆ ନଡିଆ ଛେନା କଦଳୀରେ
ପଣାର ପ୍ରସାଦ ଲାଗେ।
ସାରା ଶକ୍ତିପୀଠ ଉଛୁଳି ପଡିବ
ହେବ ପୂଣ୍ୟ ଝାମୁଯାତ
ଜଳନ୍ତା ନିଆଁରେ ପାଟୁଆ ଚାଲିବେ
ଶେଷ ହେବ ତାଂକ ବ୍ରତ
ଚମକିବ ଘଣ୍ଟ ନୃତ୍ୟ
ଭକ୍ତିଭାବ ସହ ଶ୍ରଦ୍ଧାଳୁ ଦେଖିବେ
ପ୍ରାଣ ହେବ ପୁଲକିତ।
ଗବଡାଳ ସହ ଛୋଟ ଛାମୁଡିଆ
ହସିବ ଚଉଁରା ଶିରେ
ଚନ୍ଦନ ଚର୍ଚ୍ଚିତ ବସନ୍ତରା ଠେକି
ଝୁଲିବ ତୁଳସୀ ପରେ
ଝରି ବୁନ୍ଦା ବୁନ୍ଦା ପାଣି
ଗ୍ରୀଷ୍ମ ପ୍ରକୋପରୁ ଶୀତଳତା ଦେବ
ହସିବ ତୁଳସୀ ରାଣୀ।
ଶିରୀ ମନ୍ଦିରରେ ଚଳନ ହୋଇବ
ନୂଆ ପାଂଜି ଏହିଦିନେ
ସାରା ଶକ୍ତିପୀଠେ ମାତାଂକୁ ଦର୍ଶନ
କରିବେ ଶ୍ରଦ୍ଧାଳୁ ଜନେ
ଜଳଛତ୍ର ଯିବ ଖୋଲି
ବାଟୋଇ ପିଇବେ ଶୀତଳ ଜଳକୁ
ଗ୍ରୀଷ୍ମ ପ୍ରକୋପକୁ ଭୁଲି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ପଞ୍ଚ ବଦନାୟ ନମୋ ନମଃ...

### ପଣ୍ଡିତ ସୋମନାଥ ଦାଶ

'ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି। ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି। ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି। ସେହିପରି କଲ୍କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ। ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ। ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରାଧନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ।



ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ। କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ। ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି। ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ। ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ। ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ। ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ। ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ। ଏହା ସକଳ ବିଘ୍ନ ନିବାରକ ମଧ। ଏହି ଗରୁଡ଼ମୁଖଙ୍କୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ। ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି। କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ।

ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ। ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ। ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ। ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ। ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ। ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ। ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ। ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ। ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ। ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ। ଲୋକବିଶ୍ୱାସ ରହିଛି ପଞ୍ଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରଧାନ କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ ଗୃହଦୋଷ ଓ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଞ୍ଚମୁଖୀ ହନୁମାନ। ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା। ଜୟ ବୀର ହନୁମାନ।

+କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ, ଦୂରଭାଷ : ୭୦୦୮୦୦୦୮୯୮

## ମହାବିଷୁବ ପଣା ସଂକ୍ରାନ୍ତି

### ନିରଞ୍ଜନ ସାହୁ



ପଣା ସଙ୍କରାନ୍ତି ଆସିଲା ସଜନୀ
ନିଜକୁ ପ୍ରସ୍ତୁତ କର
ଓଡ଼ିଆ ଜାତିର ନବବର୍ଷ ଏହା
ଲିପାପୋଛା କର ଘର ।

ତୁଳସୀ ଚଉଁରା ଉପରେ ଗୋଟିଏ
ଛାମୁଣ୍ଡିଆ ମୁହିଁ କରେ
ଜାମୁଡାଳ ଆଣି ଛାଆଣି କରିବି
ଦିନେ ଦୁଇ ଦିନ ପରେ
ବସୁନ୍ଧରା ଘଡ଼ି ତହିଁରେ ଟାଙ୍ଗିବୁ
ଝରୁଥିବ ପାଣି ଝର ।

ପଣା ଛତୁଆ ଯେ ଭୋଗ ଲାଗିହେବ
ଏକଥା ନିଶ୍ଚୟ ଜାଣି
ଆବଶ୍ୟକ ଦ୍ରବ୍ୟ ସାଇତି ରଖିଥା '
ବଜାରରୁ ସବୁ ଆଣି
ବିଷୁବ ରେଖାରେ ସୂର୍ଯ୍ୟ ଅବସ୍ଥାନ
ଏକଥା ହୃଦରେ ଭର ।

ମେଷ ସଙ୍କରାନ୍ତି ନାମେ ଏ ନାମିତ
ଝାମୁଯାତ୍ରା ପୁଣି ହେବ
ଶକ୍ତିପୀଠେ ନିଆଁ ଉପରେ କାଳିସୀ
ଚାଲିଚାଲି ଦେଖା ଦେବ
ହନୁମାନଙ୍କର ଜୟନ୍ତୀ ପାଳିଲେ
ମିଳିବ ଅଭୟ ବର ।

ଆଜିଠାରୁ ନୂଆ ପଞ୍ଜିକା ଚଳିବ
ଏମନ୍ତ ରହିଛି ପ୍ରଥା
ଓଡ଼ିଆ ଜାତିର ଜନଜୀବନରେ
ଏହାର ମହତ୍ତ୍ୱ ଯଥା
ଗ୍ରୀଷମ ଋତୁର ଆରମ୍ଭ ଆଜିଠୁଁ
ହେବ ଅଂଶୁଘାତ ଡ଼ର ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ଓଡ଼ିଆଙ୍କ ନବବର୍ଷ

### ଜେନା ପ୍ରଦୀପ

ସୂର୍ଯ୍ୟ ଯେବେ ଢ଼ଳେ ବିଷୁବ ବୃତ୍ତରୁ
ଉତ୍ତର କର୍କଟ ଦିଗେ
ଝାଞ୍ଜିବାତ ଝାସ ଦେହକୁ ଆମର
ରଡନିଆଁ ପରି ଲାଗେ।
ଗଛଲତା ବିଲ ଦିଶନ୍ତି ନୁଖୁରା
ନଈ ନାଳ ଯାଏ ଶୁଖି
ନପାଇଲେ ପାଣି ଛଟପଟ ପ୍ରାଣୀ
ହୁଅନ୍ତି ସକଳେ ଦୁଃଖୀ।
ଏମିତି ସମୟେ ଠାକୁରାଣୀଙ୍କର
ହୋଇଥାଏ ଝାମୁଯାତ
ନାଚେ ଭକତିରେ ଘଣ୍ଟପାଟୁଆ
ଶୁଭୁଥାଏ ତାର ଗୀତ।
ବୃନ୍ଦାବତୀଙ୍କର ଚଉରା ଉପରେ
ଟାଙ୍ଗି ବସନ୍ତରା ଘଡି
ମାଆଙ୍କ ପାଖରେ ମଙ୍ଗଳ ମନାସୁ
ଭକତିରେ ହାତ ଯୋଡ଼ି।
ବେଲ ପଣା ଘୋଳ ଦହି ଜଳଛତ୍ର
ଖୋଲିଥାଏ ସ୍ଥାନେ ସ୍ଥାନେ
କେତେ ଉପକାର କରିଥାଏ ଏହା
ତୃଷାରେ ଆତୁର ଜନେ।
ହୋଇଥିଲେ ଜନ୍ମ ବୀର ହନୁମାନ
ବିଷୁବ ସଂକ୍ରାନ୍ତି ଦିନ
ଚାଳିଶା ପଠନ ହୁଅଇ ସବୁଠି
ଶୁଭେ ତାଙ୍କ ଜୟଗାନ ।
ପବିତ୍ର ଦିନ ଏ ବିଷୁବ ସଂକ୍ରାନ୍ତି
ଓଡ଼ିଆଙ୍କ ନବବର୍ଷ
ଖେଳାଏ ପୁଲକ ସବୁରି ପରାଣେ
ଭରି ଆନନ୍ଦ ଉଲ୍ଲାସ।

ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର
କଟକ,
ମୋ - ୯୯୩୮୫୨୦୩୭୧

## ପଣା ସଂକ୍ରାନ୍ତି

### ସୁଧାକର ରାଉତ

ବୈଶାଖ ମାସର ପହିଲି ତିଥିରେ
ପଣା ସଂକରାନ୍ତି ଆସି
ସୁଆଦିଆ ପଣା ପିଇବାର ମଜା
ପକାଉଛି ମନେ ହସି ।
ଆଜିଠାରୁ ପରା ବିଷୁବ ରେଖାରେ
ଅବସ୍ଥିତ ହେବେ ସୂର୍ଯ୍ୟ
ଏ ପବିତ୍ର ଦିନେ ହୋଇବଟି ନାନା
ପୂଜା ଉପାସନା କାର୍ଯ୍ୟ ।
ଜାମୁଡାଳ ଆଣି ଚଉରା ଉପରେ
ଛାମୁଣ୍ଡିଆ ଟିଏ କରି
ବସୁନ୍ଧରା ଘଡି ଝୁଲାନ୍ତି ତହିଁରେ
ଭକ୍ତିଭରେ ଜଳ ଭରି ।
ଘଡିର ଛିଦ୍ରରୁ ତୁଳସୀଙ୍କ ପରେ
ପଡ଼େ ଠୋପା ଠୋପା ଜଳ
ବୃନ୍ଦାବତୀଙ୍କ ସୁଦୟାରୁ ମିଳଇ
ନିଜର ଅଭିଷ୍ଟ ଫଳ ।
ଛେନା, ନଡ଼ିଆ, ମିଠା, ଦହି ସହିତ
ଅଳେଇଚ ଗୁଣ୍ଡ ମିଶି
ସେ ନିଆରା ପଣା ହୁଅଇ ପ୍ରସ୍ତୁତ
ପିଇ ସର୍ବେ ହୋନ୍ତି ଖୁସି ।
ଦେବାଳୟେ ଯାଇ ଇଷ୍ଟ ଦେବାଦେବୀ
ସରବେ କରନ୍ତି ପୂଜା
ଆଧ୍ୟାତ୍ମିକତାର ପରିବେଶ ମଧ୍ୟେ
ଉଡେ କି ଧର୍ମର ଧ୍ୱଜା ।
ଆମର ସଂସ୍କୃତି ପରମ୍ପରା ସହ
ଜଡ଼ିତ ନବବରଷ
ପାଳିତ ହୁଏ ଆଜି ପୁରପଲ୍ଲୀରେ
ମନେ ଭରିଣ ଉଲ୍ଲାସ ।



ଉତ୍କଳର ଜନ ଜୀବନ ସହିତ
ଏ ପର୍ବ ଜଡ଼ିତ ହୋଇ
ବଜାୟ ରଖଇ ନିଜର ସ୍ୱାତନ୍ତ୍ର୍ୟ
ଧର୍ମ ପ୍ରତି ନିଷ୍ଠା ଦେଇ ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

## ସଂକ୍ରାନ୍ତିର ବୈଶିଷ୍ଟ୍ୟ ଓ ଓଡ଼ିଆ ନବବର୍ଷ

### ହେମନ୍ତ କୁମାର ଗନ୍ତାୟତ



ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ନଅଗୋଟି ଗ୍ରହ,ବାରଗୋଟି ରାଶି ଓ ସତେଇଶି ଗୋଟି ନକ୍ଷତ୍ର ରହିଛନ୍ତି। ସେଥି ମଧ୍ୟରୁ ରବି ( ସୂର୍ଯ୍ୟ ) ହେଉଛନ୍ତି ଗ୍ରହରାଜ । ସେହି ଗ୍ରହରାଜଙ୍କୁ ପୃଥିବୀ ନିଜ କକ୍ଷପଥରେ ରହି ପ୍ରତିବର୍ଷ ପରିକ୍ରମା କରିଥାଏ। ଏହି ସମୟରେ ସୂର୍ଯ୍ୟ ବାରଗୋଟି ରାଶିରେ ଏକ ଏକ ମାସ ଅବସ୍ଥାନ କରିଥାନ୍ତି। ସେ ଗୋଟିଏ ରାଶିଚକ୍ରରୁ ଅନ୍ୟ ଗୋଟିଏ ରାଶିଚକ୍ରକୁ ସଂକ୍ରମଣ ( ଗମନ ) କରିବା ସମୟକୁ ସଂକ୍ରାନ୍ତି କୁହାଯାଏ। ତେଣୁ ଶାସ୍ତ୍ରରେ କୁହାଯାଇଛି: 'ରବି ସଂକ୍ରମଣଂ ଚୈବ ସଂକ୍ରାନ୍ତିରିତି କଥ୍ୟତେ'। ସାଧାରଣତଃ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟଙ୍କର ଦୁଇ ପ୍ରକାରର ଗତି ରହିଛି। ଗୋଟିଏ ହେଉଛି 'ନିରୟଣ' ଏବଂ ଅନ୍ୟଟି 'ସାୟନ'। ଉଭୟ ଗତି ଜ୍ୟୋତିଷ ଶାସ୍ତ୍ରରେ ଗ୍ରହମାନଙ୍କ ସ୍ଥିତି ଗଣନା କରିବାର ମୁଖ୍ୟ ଦୁଇଟି ପଦ୍ଧତି । ନିରୟଣର ଅର୍ଥ ହେଉଛି ଅୟନ ବିହୀନ। ସେ'ପରି ସାୟନ ଏହାର ଅର୍ଥ ହେଉଛି 'ଅୟନ ସହିତ'। ଏହି ପଦ୍ଧତି ଋତୁ ପରିବର୍ତ୍ତନ ଏବଂ ସୂର୍ଯ୍ୟଙ୍କ ଅୟନ ଚଳନ ଉପରେ ଆଧାରିତ।

ପଞ୍ଜିକାନୁଯାୟୀ ପ୍ରତ୍ୟେକ ସଂକ୍ରାନ୍ତି ସୂର୍ଯ୍ୟଙ୍କ ରାଶିଚକ୍ରର ନାମାନୁସାରେ ନାମିତ ହୋଇଛି। ଯଥା: ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ। ଏହି ବାରଗୋଟି ସଂକ୍ରାନ୍ତିକୁ ପ୍ରତେକ ବାର ଅନୁଯାୟୀ ମଧ୍ୟ ନାମିତ କରାଯାଇଛି। ଯେପରି ରବିବାର ଦିନ ସଂକ୍ରାନ୍ତି ହେଲେ ଏହାର ନାମ ଘୋରା ହୋଇଥାଏ । ସେ'ପରି ସୋମବାର ହେଲେ ଧ୍ୱାଂକ୍ଷୀ, ମଙ୍ଗଳବାର ହେଲେ ମହୋଦରୀ, ବୁଧବାର ହେଲେ ମନ୍ଦାକିନୀ, ଗୁରୁବାର ହେଲେ ମନ୍ଦା, ଶୁକ୍ରବାର ହେଲେ ମିଶ୍ରା ଓ ଶନିବାର ହେଲେ ରାକ୍ଷସୀ କୁହାଯାଏ। ଏ ବରଗୋଟି ସଂକ୍ରାନ୍ତି ବର୍ଷର ସମସ୍ତ ସୌରମାସରେ ହୋଇଥାଏ କିନ୍ତୁ ଚନ୍ଦ୍ର ଗଣନା ଅନୁଯାୟୀ ଅଧିମାସ ବା ମଳମାସ ହେଲେ , ଉକ୍ତ ମାସରେ ସଂକ୍ରାନ୍ତି ହୁଏ ନାହିଁ। ସଂକ୍ରାନ୍ତିକୁ ନିରଂଶ ଦିବସ ମଧ୍ୟ କୁହାଯାଏ। ଏଣୁ ଶାସ୍ତ୍ରାଦିରେ ଉକ୍ତ ଦିନ



ଯାତ୍ରାଦି ଶୁଭକର୍ମ ନିଷିଦ୍ଧ କରାଯାଇଛି ପରନ୍ତୁ ଏହି ସମୟରେ ଦାନ, ଧର୍ମ, ଶାନ୍ତି ହୋମ ଓ ପୂଜାପାଠ କରିବା ଦ୍ୱାରା ଅଶେଷ ପୁଣ୍ୟ ମିଳିଥାଏ ବୋଲି କୁହାଯାଇଛି:

ସାୟନସ୍ୟ ରବେର୍ବାପି ଯଦା ସଙ୍କ୍ରମଣଂ ଭବେତ୍ ।

ତଦା ସ୍ୟାଦଧିକଂ ପୁଣ୍ୟଂ ରହସ୍ୟଂ ବିଦୁଷା ହି ତତ୍ ?'

ଅର୍ଥାତ୍ ଯେତେବେଳେ ସାୟନ ସୂର୍ଯ୍ୟଙ୍କର ସଂକ୍ରାନ୍ତି ହୁଏ, ସେତେବେଳେ ଅଧିକ ପୁଣ୍ୟ ପ୍ରାପ୍ତି ହୋଇଥାଏ; ଯା'ର ରହସ୍ୟ କେବଳ ବିଦ୍ୱାନମାନଙ୍କୁ ହିଁ ଗୋଚର।'

ଆମର ଓଡ଼ିଆ ସଂସ୍କୃତିରେ ପ୍ରତେକ ସଂକ୍ରାନ୍ତିର ମହତ୍ତ୍ୱ ରହିଛି। ସେଥି ମଧ୍ୟରୁ ମେଷ ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ଦେଖିବାକୁ ମିଳେ । ଯାହା ଆମ ପାଇଁ ଅତିଆନନ୍ଦ ଓ ଉତ୍ସବର ଦ୍ୱିସ। କାରଣ ଏହା ହେଉଛି ଓଡ଼ିଆ ଜାତିର ନୂତନ ବର୍ଷ। ଏହି ସମୟରେ ପୃଥିବୀ ବିଷୁବ ରେଖାକୁ ଗତି କରିଥାଏ। ଏଥି ଯୋଗୁଁ ଦିନ ଓ ରାତି ସମାନ ହୋଇଥାଏ, ତେଣୁ ଏହାକୁ 'ବିଷୁବ ସଂକ୍ରାନ୍ତି' କୁହାଯାଏ। ଏ କାଳରେ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ଏଥି ଯୋଗୁଁ ଉତ୍ତାପ ବୃଦ୍ଧି ଘଟେ, ତେଣୁ ଶରୀରକୁ ସନ୍ତୁଳିତ ରଖିବା ପାଇଁ ବେଲ, ଛେନା, କଦଳୀ ଓ କ୍ଷୀରରୁ ପ୍ରସ୍ତୁତ ସୁସ୍ୱାଦୁ ପଣା ଭୋଗ କରାଯାଇ ବଣ୍ଟନ କରାଯାଏ। ଏଣୁ ଏହାର ନାମ ପଣା ସଂକ୍ରାନ୍ତି। ଏହି ଦିନ ଓଡ଼ିଆଙ୍କ ଘରେ ଚଉରା

ଉପରେ ଏକ ଛୋଟ ଝରା ମାଠିଆ ବନ୍ଧାଯାଏ , ଯାହାକୁ 'ବସୁଧା ବସା' କୁହାଯାଏ। ସେ'ପରି ଏହି ଦିନ ବୀର ହନୁମାନଙ୍କ ଜନ୍ମୋତ୍ସବ ପାଳନ କରାଯିବା ସହିତ ବିଶେଷଭାବେ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏ୍ଵଂ ହନୁମାନ ଚାଳିଶା ପାଠ କରାଯାଏ। ତତ୍ସହିତ ମା' ମଙ୍ଗଳା ଓ ମା' ଚର୍ଚ୍ଚିକାଙ୍କ ପୀଠରେ 'ଝାମୁ ଯାତ୍ରା' ହୋଇଥାଏ। ଏ ଶୁଭାବସରରେ ଭକ୍ତମାନେ ନିଆଁ ଉପରେ ଚାଲି ନିଜର ଭକ୍ତି ପ୍ରଦର୍ଶନ କରନ୍ତି ଏବଂ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଦଣ୍ଡ ନାଚର ଉଦଯାପନୀ ମଧ୍ୟ ହୋଇଥାଏ ।

ମହାବିଷୁବ ସଂକ୍ରାନ୍ତି ବା ଓଡ଼ିଆ ନବବର୍ଷ ଆମକୁ ଆମର ମୂଳ ସଂସ୍କୃତି ସହ ଯୋଡ଼ିଥାଏ। ଏହା କେବଳ ଏକ ପର୍ବ ନୁହେଁ, ବରଂ ପ୍ରକୃତିର ପୂଜା ଏବଂ ମାନବ ସମାଜ ମଧ୍ୟରେ ଭାତୃଭାବ ସୃଷ୍ଟି କରିବାର ଏକ ଶ୍ରେଷ୍ଠ ମାଧ୍ୟମ। ଯାହା ଆମ ସଂସ୍କୃତି ଓ ପରମ୍ପରାର ଏକ ଅମ୍ଳାନ ପ୍ରତୀକ। ଆମର ଏହି ଗୌରବମୟ ପରମ୍ପରାକୁ ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ। ଆସନ୍ତୁ, ଏହି ନୂତନ ବର୍ଷରେ ଶପଥ ନେବା ଯେ ଆମେ ଆମର ମାତୃଭାଷା ଓ ମାତୃଭୂମିର ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରିବା।

+ଖମ୍ବେଶ୍ୱରୀ ପାଟଣା, ଆସିକା, ଗଞ୍ଜାମ
ମୋ: ୯୮୬୧୩୩୪୮୬୮

## ପଣା... ଟଙ୍କ ତୋରାଣିରୁ ରୁହ୍ ଅଫ୍‌ଜା

### ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ

ଆଜି ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ପରମ୍ପରା ସଂସ୍କୃତି ଓ ଭାଇଚାରାର ପାର୍ବଣକୁ ସୂଚାଇଥାଏ। ଓଡ଼ିଶାର ପ୍ରଥା ପରମ୍ପରାକୁ ଦେଖିଲେ ଘରେ ଘରେ ବର୍ଷ ତମାମ କିଛି ନା କିଛି ପଣା ଆମେ ପିଇଥାଉ। ପ୍ରଚଣ୍ଡ ନିଦାଘରେ ଦେହ ଓ ମନକୁ ଶୀତଳ କରିବା ସହ ଏହା ପୁଷ୍ଟି ଯୋଗାଇଥାଏ। ପଣାଟି ଆମ ସଂସ୍କୃତିର ଅମୃତଧାରା କହିଲେ ଅତ୍ୟୁକ୍ତି ହେବନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଦେବ ଦେବ ମହାଦେବ, ମାଣବସା ଗୁରୁବାର ହେଉ ବା ଖୁଦୁରୁକୁଣୀ ଓଷା ଏପରିକି ସାବିତ୍ରୀ ବ୍ରତରେ ମଧ୍ୟ କାଷ୍ଠା ନିଷ୍ଠା କ୍ଷେତ୍ରରେ ପଣା ଲୋଡ଼ା ହୋଇଥାଏ। ତେବେ ବିଷୁବ ସଂକ୍ରାନ୍ତିର ପଣା ବାସ୍ତବରେ ସ୍ୱତନ୍ତ୍ର। ବୃନ୍ଦାବତୀଙ୍କ ନିକଟରେ ମଧ୍ୟ ଠେକି ବନ୍ଧା ଯାଇ ପଣା ଅର୍ପଣ କରାଯାଏ। ସେହିପରି ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥ ଉପରେ ଶ୍ରୀମନ୍ଦିର ବାହୁଡ଼ା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଧ୍ୟ ଅର୍ପଣ କରାଯାଇଥାଏ ମହାପ୍ରଭୁଙ୍କ ଅଧର ପଣା। ସେହିପରି ଚୈତ୍ର ମାସରେ ପ୍ରତି ଘର ଅଗଣା ସାମ୍ନାରେ ନାଲି ମାଟିରେ ଲିପା ଯାଇ ମା'ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରାଯାଏ। ପଣା ଆଲେଖ୍ୟ ସମୟରେ ମହାନ ଭକ୍ତ ସାଲବେଗଙ୍କ କାଳଜୟୀ ଧାଡ଼ିଟି ମନେ ପଡ଼େ - 'ଖିରି ଖେଚୁଡ଼ିରେ ମନ ନପୁରେଇ ଟଙ୍କ ତୋରାଣିରେ ମନ ତୋର ତୋଷ।' ଲୋକକଥା ଅନୁଯାୟୀ ଶ୍ରୀ ଚୈତନ୍ୟଙ୍କ ସହିତ ଏହି ଟଙ୍କ ତୋରାଣିର ସମ୍ପର୍କ ରହିଛି। ଯେ କେହି ଶ୍ରୀମନ୍ଦିର ଯାଉଥିବେ ଆନନ୍ଦ ବଜାରରେ ଏହି ଟଙ୍କ ତୋରାଣିର ଦିବ୍ୟ ସ୍ୱାଦ ନିଶ୍ଚିନ୍ତ ପାଇଥିବେ।

ଆଧୁନିକତାର ସମୟରେ ପାରମ୍ପରିକ ପାନୀୟ ଆଦୌ ହଜି ନାହିଁ। ଗ୍ରୀଷ୍ମ ଦିନରେ ଓଡ଼ିଆଣୀମାନେ ଆମ୍ବପଣା, ସାଗୁ ପଣା, ବେଲପଣା, ନବାତ ଛେନା ପଣା, ଆଖୁରସ ଓ ଲେମ୍ବୁପାଣି ଆଦି ଭରପୁର ପଣାର ମହକକୁ ସମସ୍ତଙ୍କ ଭିତରେ ବାଣ୍ଟିଥାନ୍ତି। ଦକ୍ଷିଣ ଭାରତରେ ମଧ୍ୟ ପଣାର ପାରମ୍ପରିକ ପ୍ରଚଳନ ରହିଛି। ଯାହାର ନାମ ହେଉଛି 'ପାନକମ୍'। ତେବେ ଏହି ପଣାର ବର୍ତ୍ତମାନ ସମୟରେ ବଡ଼ ସ୍ଥାନ ନେଇଛି 'ରୁହ୍ ଅଫ୍‌ଜା'। ତଥ୍ୟ ମୁତାବକ ଆଜିକୁ ୧୧୮ ବର୍ଷ ତଳେ ଦିଲ୍ଲୀର ଏକ ଛୋଟ ଔଷଧ ଦୋକାନରେ ଏହାର ସୃଷ୍ଟି। ୟୁନାନି ଚିକିତ୍ସା କରୁଥିବା ହଫିଜ ଅବଦୁଲ ମଜିଜ ନାମକ ଜଣେ ଦେଶୀ ଚିକିତ୍ସକ ଗରମ ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଭିନ୍ନ ସୁସ୍ୱାଦୁ ଫଳ, ଜଡ଼ିବୁଟି, ସୁଗନ୍ଧି ଫୁଲର ନିର୍ଯାସ ଆଉ କିଛି ସ୍ୱତନ୍ତ୍ର ମସଲାକୁ ସମ୍ମିଶ୍ରିତ କରି ଯେଉଁ ସିରପଟି ତିଆରି କରିଥିଲେ ତାହା ହିଁ ଅନେକଙ୍କ ଭିତରେ ଉଭୟ ସୁସ୍ୱାଦ ଓ ଖ୍ୟାତିକୁ ନେଇ ସଞ୍ଚରିଗଲା। ବାସ୍ତବରେ ରୁହ୍ ଅଫଜାର ଅର୍ଥ ହେଉଛି ଆତ୍ମାକୁ ସତେଜ କରୁଥିବା। ୧୯୨୨ରେ ହଫିଜଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ବର୍ଗ ଏହି ପାନୀୟ ସତ୍ତ୍ୱାଧିକାରୀ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ଏହା ଆଫଗାନିସ୍ଥାନରେ ବଡ଼ ବ୍ୟବସାୟ କରିଥିଲା।

ବାସ୍ତବରେ ଆଜିର ସମୟକୁ ଦେଖିଲେ ପାରମ୍ପରିକ ପାନୀୟ ଭିତରେ କିଛି ତଥାକଥିତ ବର୍ତ୍ତମାନ ସମୟର ପାନୀୟରେ ରାସାୟନିକ ଏସେନ୍ସ ମିଶା ପାନୀୟ ସବୁ ରହୁଛି। ନୂତନ ପିଢ଼ି ଏହି ପାରମ୍ପରିକ ପାନୀୟ ସ୍ୱାଦ ଅପେକ୍ଷା ସୁଗାର ସିରପ, ସୋଡ଼ା ଓ ବିଭିନ୍ନ କୃତ୍ରିମ ଫ୍ଲେଭର ମିଶା ପାନୀୟକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଯାହାହେଉନା କାହିଁକି ପାଟିକୁ ସୁଆଦିଆ ଓ ପେଟକୁ ଥଣ୍ଡା ଲାଗୁଥିବା ଏହି ମୃଦୁ ପାନୀୟ କେବେହେଲେ ପଣାର ବିକଳ୍ପ ହୋଇପାରିବ ନାହିଁ। ଗ୍ରୀଷ୍ମଋତୁରେ ଶରୀର ପାଇଁ ପଣା ଶୀତଳତା ଓ ସତେଜତା ପ୍ରଦାନ କରିଥାଏ। କାରଣ ପଣାରେ ପଡୁଥିବା ସମସ୍ତ ଉପାଦାନରେ ଶରୀରକୁ ଥଣ୍ଡା ରଖିବାର ଗୁଣ ରଖିଥାଏ। ପଣା ଆମ ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ଏବଂ ଏଥିରେ ଏପରି ପୋଷକ ତତ୍ତ୍ୱ ଥାଏ ଯେ ଗ୍ରୀଷ୍ମ କାଳୀନ ଉପାସରେ ମଧ୍ୟ ଏହା ଗୃହୀଣିମାନଙ୍କର ଅତ୍ୟନ୍ତ ପ୍ରିୟ ପାନୀୟ। ପଣାରେ କ୍ୟାଲସିୟମ, ଫସଫରସ ଓ ଆଇରନ ସହ ଭିଟାମିନ ସି ପ୍ରଚୁର ମାତ୍ରାରେ ରହିଥାଏ। ଆସନ୍ତୁ ପଣା ସଂକ୍ରାନ୍ତିରୁ ଆରମ୍ଭ ହେଉଥିବା ପଣାର ଆନନ୍ଦ ଉଲ୍ଲାସ ମହୋତ୍ସବରେ ଦେଶୀୟ ପାନୀୟ ଘରେ ପ୍ରସ୍ତୁତ କରି ଆନନ୍ଦ ଓ ଶାନ୍ତି ଉପଭୋଗ କରିବା।

+ସେକ୍ଟର-୬, ସିଡିଏ, କଟକ,
ମୋ : ୮୬୫୮୫୩୧୭୩୧

## ଝାଡ଼ଖଣ୍ଡରେ ପଣା ସଂକ୍ରାନ୍ତି, କବିତା ପାଠ ଓ ଉତ୍କଳ ଆସୋସିଏସନ



### ଇନ୍ଦୁ ଭୂଷଣ ଭୂୟାଁ

ଓଡ଼ିଶାବାସୀଙ୍କ ପାଇଁ ପଣା ସଂକ୍ରାନ୍ତି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ। ଏହି ଦିନ ଠାରୁ ଓଡ଼ିଆ ନବବର୍ଷ ଆରମ୍ଭ ହୋଇଥାଏ। ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥାଏ। ଚଉଁରା ଓ ବେଲଗଛ ମୂଳେ ବେଲପଣା ଭୋଗ ଲଗାଯାଇଥାଏ। ବସୁନ୍ଧରା ଠେକିରେ ଏକ କଣା କରି ସେଥିରେ ଛତୁଆ, ଦହି, ଗୁଡ଼ ମିଶା ବେଲପଣା ରଖି ଚଉଁରାରେ ଟଙ୍ଗା ଯାଇଥାଏ। ଏହି ଅବସରରେ ଦକ୍ଷିଣ ଓଡ଼ିଶାରେ ଝାମୁଜାତ, ଦଣ୍ଡ ନାଚ ଓ ଉତ୍ତର ଓଡ଼ିଶାରେ ଚଡ଼କ ପର୍ବ ବେଶ୍ ଧୂମଧାମରେ ପାଳିତ ହୋଇଥାଏ। ଦଣ୍ଡପାଟୁଆମାନେ ଠାକୁରାଣୀଙ୍କ ମନ୍ଦିର ଆଗରେ ନିଆଁରେ ଚାଲିଥାନ୍ତି। ମହାବିଷୁବ ସଂକ୍ରାନ୍ତି ଠାରୁ ଓଡ଼ିଆ ନୂଆବର୍ଷ ଆରମ୍ଭ ହେଉଥିବାରୁ ଘରେ ଘରେ ଦେବାଦେବୀଙ୍କ ସ୍ଥାନାନ୍ତର ପୂଜା, ଭୋଗ, ହୋମ ଆଦି ଅନୁଷ୍ଠିତ ହୋଇଥାଏ। ନୂଆ ଓଡ଼ିଆ ପଞ୍ଜିକା ପ୍ରଚଳିତ ହୋଇଥାଏ। ପଣା ସଂକ୍ରାନ୍ତିରେ ଲୋକମାନେ ବ୍ରତ ଧାରଣ କରିଥାନ୍ତି। ଏହି ଦିନ ହନୁମାନଙ୍କ ଜୟନ୍ତୀ ହୋଇଥିବାରୁ ହନୁମାନଙ୍କ ପୂଜା ମଧ୍ୟ କରାଯାଇଥାଏ। ଅଗ୍ନି ଓ ବାୟୁଙ୍କ କୋପରୁ ରକ୍ଷା ନିମନ୍ତେ ହନୁମାନଙ୍କ ପୂଜା ଅନୁଷ୍ଠିତ ହୋଇଥାଏ।

ତେବେ ଓଡ଼ିଶାକୁ ଲାଗିଥିବା କିନ୍ତୁ ଭୌଗୋଳିକ ଦୃଷ୍ଟିକୋଣରୁ କିଛି ବାଟ ଦୂରରେ ଥାଇ ମଧ୍ୟ ଝାଡ଼ଖଣ୍ଡରେ ପ୍ରତି ବର୍ଷ ପଣା ସଂକ୍ରାନ୍ତି ମହାସମାରୋହର ସହିତଲ ଏହାର ଲୌହନଗରୀ ଜାମସେଦପୁର ଠାରେ ପାଳିତ ହୋଇ ଆସୁଛି। ଏ ବର୍ଷ ସାକଚି ଠାରେ ଥିବା ଉତ୍କଳ ଆସୋସିଏସନ ପରିସରରେ ଏଠାରେ ଥିବା କବି ମାନଙ୍କ କବିତା ପାଠରେ ଝଙ୍କୃତ ହେବ। ତା ସହ ଶୀତଳ ପଣାର ପାନୀୟ ଓ ତା'ପରେ ସୁରୁଚି ଖାଦ୍ୟର ବ୍ୟବସ୍ଥା କରାଯାଇଛି। କାହିଁ କେଉଁ ଅନାଦି କାଳରୁ ପାଳନ ହୋଇ ଆସୁଛି ଏ ଠେକି ବସା ସଂକ୍ରାନ୍ତି। ଗାଁ ଠୁ ସହର ବୃନ୍ଦାବତୀଙ୍କ ଚଉରା, ତା ଉପରେ ଠେକି ବସି ଠେକିରୁ କୁଶ ମାଧ୍ୟମରେ ତୁଳସୀ ଗଛ ଉପରେ ଧାର ଧାର ପାଣି ବୁନ୍ଦାର ପ୍ରବାହ ଓଡ଼ିଆ ବା ଓଡ଼ିଶାର କୃଷିକାର୍ଯ୍ୟ ବା ଚାଷ କାର୍ଯ୍ୟ ଆରମ୍ଭର ସୂଚକ। ଚାଷ ଚାଷି ଓ କୃଷି କର୍ମ ମଣିଷକୁ ଦିଏ ଆହାର ଓ ଜୀବନକୁ ଦିଏ ଆହ୍ଲାଦ।

ଜାମସେଦପୁର ସହରର ବର୍ମା ମାଇନସ, କଦମା, ସାକଚି, ବିଷ୍ଟୁପୁର, ସୋନାରୀ, ଆଦିତ୍ୟପୁର, ବାରିଡିହ, ବିଜୟା ଗାଡ଼େନ, ଟେଲକୋ, ବିରସାନଗର, ବାଗୁନ ହାତୁ, ଏଗ୍ରିକୋ, ସିଦ୍‌ଗୋଡ଼ା, ଭାଲୁବାସା ଆଦି ଅଞ୍ଚଳରେ ଥିବା ପ୍ରତି ଓଡ଼ିଆଙ୍କ ଘରେ ଚଉରା ଉପରେ ଠେକି ବସିବାର ଦୃଶ୍ୟ ଅନାୟାସେ ନଜରକୁ ଆସିଯିବ। ପ୍ରତିବର୍ଷ ପଣା ସଂକ୍ରାନ୍ତି ଦିନ ଜାମସେଦପୁର ସହରର ଅନ୍ୟତମ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା 'ସିଂହଭୂମ' ଦ୍ୱାରା ପଣା ସଂକ୍ରାନ୍ତି ସମାରୋହ ସହିତ ପାଳିତ ହେଉଥିଲା। ଏଥିରେ ଓଡ଼ିଶାର ସାହିତ୍ୟିକ, ସାମ୍ବାଦିକ, କବି, ରାଜନେତା ଓ ସମ୍ପାଦକଗଣ ଯୋଗଦେଇ ସଭାର ଗାରିମା ବଢ଼ାଇଛନ୍ତି। କବିତା ପାଠ, ଗଳ୍ପ କର୍ମଶାଳା, ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବିଭୂତି ମାନଙ୍କୁ ସମ୍ବର୍ଦ୍ଧିତ କରିବା, ଝୋଟି, ପାନ, ପିଠା ଓ ଓଡ଼ିଆ ଖାଦ୍ୟର ବିପଣୀ ମାନ ଲଗାଇବା ଏହିସବୁ ସମାରୋହର ମୁଖ୍ୟ ଆକର୍ଷଣ। କବି ମାନଙ୍କ ମଧ୍ୟରେ କାଶୀନାଥ ପଣ୍ଡା, ଆଦିତ୍ୟ କବି, କାଶୀନାଥ ଗୌଡ଼, ମଣି ଚରଣ ସାହୁ, ପ୍ରାଧାପକ ସୁଧୀର କୁମାର ସାହୁ, ରଞ୍ଜନ ଭୂୟାଁ, ରଞ୍ଜନ ପଣ୍ଡା, ସୁଜାତା ସାହୁ, ଦେବେନ୍ଦ୍ର କୁମାର ଭଞ୍ଜ, ସାଧନା ମହାନ୍ତି, ବିଜୟ ମିଶ୍ର ପ୍ରମୁଖ କବିତା ପର୍ବରେ ଯୋଗ ଦେବା ପାଇଁ ନିଜର ସହମତି ଜଣାଇଛନ୍ତି। କବିତା ପାଠୋତ୍ସବକୁ ସଂଯୋଜନା କରିବେ ପ୍ରଦୀପ ଦାସ, ମହିଳା ସମିତିର ସସ୍ମିତା ପାତ୍ର, କୁମୁଦିନୀ ପ୍ରଧାନ, ପ୍ରତିଭା ମହାନ୍ତି, ସଙ୍ଗୀତା ବେହେରାଙ୍କ ନିର୍ଦ୍ଦେଶରେ ମହିଳାମାନେ ବହୁ ସଂଖ୍ୟାରେ ଯୋଗ ଦେବେ ତା ଛଡ଼ା ଉତ୍କଳ ଆସୋସିଏସନର ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ଦୁଇ ଉପସଭାପତି ସଞ୍ଜୟ ପାତ୍ର ଓ ବାଦଲ ଭୂୟାଁ ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ସହ-ସମ୍ପାଦକ ବିଭୂତି ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାଶଙ୍କ ବ୍ୟତୀତ ନିରଞ୍ଜନ ନାୟକ, ମନୋରଞ୍ଜନ ଗୌଡ଼, ଅଶୋକ ମହାପାତ୍ର, ଜୟ ପ୍ରକାଶ ଲେଙ୍କା, କିଶୋର ନାୟକ, କିଶୋର ମହାନ୍ତି, ସୌମେନ୍ଦ୍ର ଭୂୟାଁ, ମନୋରଞ୍ଜନ ପଶାୟତ, ମନୋରଞ୍ଜନ ସ୍ୱାଇଁ, ପବିତ୍ର ଜେନା, ସଞ୍ଜୟ ମହାନ୍ତି, ଦିଲ୍ଲୀପ ସାହୁ, ପ୍ରଶାନ୍ତ ଦାସ, ମନୋରଞ୍ଜନ ଗିରି, ଡକ୍ଟର ବିଧୂ ଭୂଷଣ ଭୂୟାଁ ଓ ଡକ୍ଟର ପ୍ରଭାତ କୁମାର ପାଢ଼ୀ, ଅଶୋକ ସାମନ୍ତ ପ୍ରମୁଖ ସଦସ୍ୟ ମାନଙ୍କ ସହଯୋଗରେ ଓଡ଼ିଆ ନୂଆବର୍ଷ ପାଳନ ହେବାର କାର୍ଯ୍ୟକ୍ରମ ରହିଅଛି।



ସମସ୍ତ ଦୃଷ୍ଟିକୋଣରୁ ମହାବିଷୁବ ସଂକ୍ରାନ୍ତି ଓଡ଼ିଆମାନଙ୍କର ଏକ ବିଶିଷ୍ଟ ପର୍ବ। ଏହି ପର୍ବ ଓଡ଼ିଆଙ୍କର ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ସୌରମାନ ଗଣନା ଅନୁଯାୟୀ ସୂର୍ଯ୍ୟ ଗୋଟିଏ ରାଶିରେ ଏକ ମାସ ଅବସ୍ଥାନ କରି ଅନ୍ୟ ରାଶିକୁ ଗମନ କରନ୍ତି। ଯେଉଁ ଦିନ ଅନ୍ୟ ରାଶିକୁ ଗମନ କରନ୍ତି, ସେହି ଦିନକୁ ମାସର ପ୍ରଥମ ଦିନ ବା ସଂକ୍ରାନ୍ତି କୁହାଯାଏ। ସଂକ୍ରାନ୍ତି ଶବ୍ଦଟି ସଂସ୍କୃତ ଭାଷାର ସଂକ୍ରମଣ ଶବ୍ଦରୁ ଆସିଛି। ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଇଥିବାରୁ, ଆଜି ଓଡ଼ିଆ ନବ ବର୍ଷର ପ୍ରଥମ ଦିନ। ବର୍ଷର ପ୍ରଥମ ଦିନ ହୋଇଥିବାରୁ, ଏହି ଉପଲକ୍ଷେ ପ୍ରତ୍ୟେକ ଓଡ଼ିଆ ଘରେ, ଦେବାଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ, ଭୋଗରାଗ, ହୋମାଦି ଅନୁଷ୍ଠିତ ହୁଏ। ଏହି ଦିନରେ ମନ୍ଦିର ମାନଙ୍କରେ ଛତୁ ଓ ପଣା ଭୋଗର ବିଧି ରହିଛି। ପଡ଼ୋଶୀ, ବନ୍ଧୁବାନ୍ଧବ, ବ୍ରାହ୍ମଣମାନଙ୍କୁ ପଣା ବଣ୍ଟାଯାଏ। ଏହି କାରଣରୁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ। ଏହି ସମୟରେ ଜଳଦାନ କଲେ ପୁଣ୍ୟ ହୁଏ। ତେଣୁ, ପଣା ସଂକ୍ରାନ୍ତିରୁ ରାସ୍ତା କଡ଼ରେ ବାଟୋଇଙ୍କ ତୃଷା ନିବାରଣ ପାଇଁ ଜଳଛତ୍ର ଖୋଲାଯାଏ। ଏହାଛଡ଼ା ଗଛ ମୂଳରେ ଜଳଦାନ ପ୍ରଥା ପ୍ରଚଳିତ। ଚଉଁରାରେ ପୂଜିତ ତୁଳସୀ ଗଛ ଉପରେ ଛାମୁଡ଼ିଆ ବନ୍ଧାଯାଇ, ଠେକିରେ ଜଳ ରଖି, ଅତି କ୍ଷୁଦ୍ର କଣା ମାଧ୍ୟମରେ ଜଳଧାରର ବ୍ୟବସ୍ଥା କରାଯାଏ। ଏହି ଦିନକୁ ମହାବୀର ହନୁମାନଙ୍କ ଜୟନ୍ତୀ ଭାବେ ଗ୍ରହଣ କରାଯାଇଛି। ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷୁବର ପବିତ୍ର ପାର୍ବଣ ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ଅପୂର୍ବ ସମ୍ପର୍କର ଭିତ୍ତିଭୂମିକୁ ସୁଦୃଢ଼ କରିଛି ନିଶ୍ଚୟ।


+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର


## ଓଡ଼ିଆ ସଂସ୍କୃତି ପଣା ସଂକ୍ରାନ୍ତି

### ବସନ୍ତ କୁମାର ପ୍ରଧାନ



ଓଡ଼ିଆ ସଂସ୍କୃତି ପଣା ସଂକ୍ରାନ୍ତି
ଆମର ନୂଆ ବରଷ
ବସନ୍ତର ଶେଷ ଗ୍ରୀଷମ ପ୍ରବେଶ
ପଣା ପାନେ ମନ ତୋଷ ।

ନିଦାଘର ତାତି ହୁଅଇ ପ୍ରଖର
ଶୁଖି ଫାଟିଯାଏ ମାଟି
ଶୁଷ୍କ ତରୁଲତା ଦିଶନ୍ତି ମଳିନ
ଶୋଷେ ଶୁଖିଯାଏ ତଣ୍ଟି ।

ସ୍ଥାନେ ସ୍ଥାନେ ଖୋଲା ଯାଏ ଜଳ ଛତ୍ର
କେ କରନ୍ତି ପଣା ଦାନ
ବିଭିନ୍ନ ଦେବା ଦେବୀଙ୍କ ପୀଠରେ
ପଣା ଭୋଗର ବିଧାନ ।

ଝାମୁ ଯାତ୍ରାର ହୁଏ ଉଦଯାପନ
ବିଷୁବ ସଂକ୍ରାନ୍ତି ଦିନ
ପାଟୁଆ ଭକତ ଅଗ୍ନିରେ ଚାଲିଣ
କରେ ନିଷ୍ଠା ପ୍ରଦର୍ଶନ ।

ମହାବୀର ହନୁମାନଙ୍କ ଜୟନ୍ତୀ
ବିଭିନ୍ନ ସ୍ଥାନେ ପାଳନ
ସଂକଟରୁ ମୁକ୍ତ ହୋଇବା ନିମନ୍ତେ
ଚିନ୍ତିଥାନ୍ତି ଭକ୍ତଜନ ।

ବାୟୁ ଅଗ୍ନି ଭୟ ଦୂର କରିବାକୁ
ସମର୍ଥ ପବନ ସୁତ
ସେଥିପାଇଁ ବହୁ ଭକ୍ତି ସହକାରେ
ହୁଏ ପୂଜା ଅନୁଷ୍ଠିତ ।

ଆମ ସମ୍ବିଧାନ ଜନକ ଅଟନ୍ତି
ଡକ୍ଟର ଆମ୍ବେଦକର
ଜୟନ୍ତୀ ପାଳନ କରିଥାନ୍ତି ଜନ
ଦେଇ ଭକ୍ତି ପୁଷ୍ପ ହାର ।

ପଣା ସଙ୍କରାନ୍ତି ପାଳନ ମୂଳରେ
ମହତ୍ତ୍ୱ ଅଛି ଅନେକ
ଗୌରବୋଜ୍ଜ୍ୱଳ ଆମରି ସଂସ୍କୃତି
ହୃଦରେ ଭରେ ପୁଲକ ।


ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪


## ତୁମେ ଜ୍ଞାନ ବୁଦ୍ଧି ଦାତା

### ରାଜ କିଶୋର ସ୍ୱାଇଁ

ଆହେ ରାମ ଦୂତ ପବନଙ୍କ ସୁତ
ଆଜି ପଣା ସଙ୍କରାନ୍ତି
ଜନମ ବାସରେ ଜଣାଉ ପ୍ରଣତି
ତୁମ ପାଦେ ମଥା ପାତି ।
ଲଲାଟରେ ଚିତା କାନ୍ଧରେ ପଇତା
ଦେହ ତୁମ ନାଲି ରଙ୍ଗ
ଆଜୀବନ ବ୍ରହ୍ମଚାରୀ କପିଶ୍ରେଷ୍ଠ
ବଜ୍ର ପରି ତୁମ ଅଙ୍ଗ ।
ରାମଙ୍କ ଆଶିଷେ ଜଗତରେ ତୁମେ
ଅମର ହେ ହନୁମାନ
ଦୁରକରିପାର ବୋଲି ଶଙ୍କଟକୁ
ନାଆଁ ଶଙ୍କଟ ମୋଚନ ।
ରାମ ବିନା ପରା ଦୁନିଆରେ ତୁମେ
କିଛି ଆଉ ଜାଣ ନାହିଁ
ତୁମ ପରି ପ୍ରଭୂ ଭକ୍ତ ମହାବୀର
ସଂସାରେ ଅଛିକେ କାହିଁ ।
ଭାବ ଭକତିରେ ନିଇତି ତୁମକୁ
କରେ ଯିଏ ସୁମରଣ
ମିଳିଥାଏ ତାକୁ ରାମଙ୍କର କୃପା
ହୁଏତା ରିଷ୍ଟ ଖଣ୍ଡନ ।
ଏ ଧରାଧାମରେ ରୁଦ୍ର ଅବତାର
ତୁମେ ଜ୍ଞାନ ବୁଦ୍ଧି ଦାତା
ନକରି ନିରାଶ ଆମକୁ କପିଷ
ଫେଡ଼ ଆମ ଅଜ୍ଞାନତା ।
ଶୁଭାଶିଷ ତୁମ ଢାଳିଦିଅ ଆମ
ମଥାରେ ନ କରି ଡେରି
ଯେତେ ଯାହା ଅଛି ଦୁଃଖକଷ୍ଟ ସବୁ
ଜୀବନରୁ ଯାଉ ଫେରି ।
ଝରି ଯାଉ ଫୁଲ ହୋଇ ତୁମ ପାଦେ
ଆମରି ଆଖିର ଲୁହ
ତୁମ କରୁଣାରୁ ଦୂର ହେଉ ଆମ
ମନୁ ମିଛ ମାୟା ମୋହ ।


+ଅବସର ପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ଶାନ୍ତିନଗର, ନୂଆପଡା ,
ନୂଆବଜାର ଜିଲ୍ଲା -କଟକ ,
ପିନ -୭୫୩୦୦୪
ମୋବାଇଲ -୯୪୩୭୪୪୨୦୪୧


## ବିଷୁବ ମିଳନର ପର୍ବ ଓଡ଼ିଆ ନବବର୍ଷ

### ଡକ୍ଟର ଲକ୍ଷ୍ମଣ ସାହୁ



ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଇଛି । ଏହା ସାଧାରଣତଃ ଅପ୍ରେଲ ୧୪ (ବୈଶାଖ ୧) ତାରିଖରେ ପଡ଼େ । ଏହି ଦିନଠାରୁ ବସନ୍ତ ଋତୁର ଶେଷ ଓ ଗ୍ରୀଷ୍ମ ଋତୁ ଆରମ୍ଭ ହୁଏ । ସେହି ଦିନକୁ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଉଛି । ବର୍ଷ ଆରମ୍ଭ ହେଉଥିବାରୁ ଓଡ଼ିଆ ପରିବାରରେ ଦେବଦେବୀଙ୍କୁ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ ଆଦି କରାଯାଏ । ଏହି ସମୟରେ ସୂର୍ଯ୍ୟଙ୍କ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଗରିଷ୍ଠ ଖାଦ୍ୟ ହଜମ ହେଉଥିବାରୁ ବୁଟଛତୁ ପରି ଗରିଷ୍ଠ ଖାଦ୍ୟପଦାର୍ଥ ଗ୍ରହଣ ପାଇଁ ଆୟୋଜନ ଥାଏ । ଦେହର ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣାପାନର ବ୍ୟବସ୍ଥା ହୁଏ । ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିରମାନଙ୍କରେ ଛତୁ ଓ ପଣା ଭୋଗର ବିଧି ରହିଛି । ଏହି ଦିନ ସାଇପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ । ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ମଧ୍ୟ କୁହାଯାଇଥାଏ ।

ପଣାସଂକ୍ରାନ୍ତିରୁ ରାସ୍ତାକଡ଼ରେ ଅସହ୍ୟ ଗ୍ରୀଷ୍ମ ତାତିରୁ ପଥିକମାନଙ୍କର ତୃଷ୍ଣା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ । ଆମ ସମାଜରେ ବୃକ୍ଷମୂଳରେ ଜଳଦାନର ପ୍ରଥା ପ୍ରଚଳିତ ଅଛି । ସେଥିପାଇଁ ହିନ୍ଦୁ ପରିବାରରେ ଚଉଁରାରେ ପୂଜା ପାଉଥିବା ତୁଳସୀ ବୃକ୍ଷ ଉପରେ ଛାମୁଡ଼ିଆ କରି ଘଡ଼ି ବା ଠେକିରେ ଜଳ ରଖି ତାର ନିମ୍ନ ଅଂଶରେ ସରୁ କଣାକରି ସୂକ୍ଷ୍ମ ଧାରରେ ଜଳଦାନ କରାଯାଇଥାଏ । ଟୋପା ଟୋପା ଜଳ ତୁଳସୀ ବୃକ୍ଷ ମୂଳରେ ପଡ଼ି ଥାଏ । ଏହି ଠେକିକୁ ବସୁନ୍ଧରା ଠେକି କହାଯାଏ । ତୁଳସୀ ବୃକ୍ଷରେ ସୂର୍ଯ୍ୟକିରଣ ନପଡ଼ିବା ପାଇଁ ଛାମୁଣ୍ଡିଆ ମଧ କରିଥାନ୍ତି । ଏହି ସଂକ୍ରାନ୍ତି ଠାରୁ ବୃକ୍ଷଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳସଂକ୍ରାନ୍ତି ବୋଲି କହିଥାନ୍ତି । ଏହି ସଂକ୍ରାନ୍ତି ପରେ ପରେ ବାୟୁର ଗତି ମଧ୍ୟ ପ୍ରଖର ହୁଏ । ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ହନୁମାନ ଜୟନ୍ତି ମଧ୍ୟ ପାଳନ କରାଯାଏ । ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ । ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ । ବ୍ରତ ଉଦ୍ ?ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି । ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ , ଏହାକୁ ଝାମୁ ବା ପାଟୁଆ ଯାତ୍ରା କହନ୍ତି । ବ୍ରତଧାରୀମାନେ ସମାଜକୁ କଠୋର ତାପ ସହ୍ୟ କରିବାର ଶକ୍ତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାନ୍ତି ।

କେତେକ ସ୍ଥାନରେ ଛତୁଆ, ଦହି, ଗୁଡ଼, କଦଳୀ ଓ ନଡିଆକୁ ମିଶାଇ ତୁଳସୀ ଚଉରା ପାଖରେ ଭୋଗ ଲଗାଯାଏ । ବେଲ ପଣାରେ ବଟା ଭାଙ୍ଗ ମିଶାଇ ଭାଙ୍ଗ ପଣା ସେବନ ମଧ୍ୟ କରାଯାଇଥାଏ । ଚଣ୍ଡୀ, ସାରଳା, ବିରଜା ଆଦି ଠାକୁରାଣୀ ମନ୍ଦିରମାନଙ୍କରେ ଏହି ଦିନ ଝାମୁ ଯାତ୍ରା ପାଳନ କରାଯାଏ । ଘଣ୍ଟ ପାଟୁଆମାନେ ଘଣ୍ଟ ମୁଣ୍ଡେଇ, କାଠ ଗୋଡ଼ ପିନ୍ଧି ଠାକୁରାଣୀ ମନ୍ଦିର ଆଗରେ ନିଆଁ ଉପରେ ଚାଲିବାର ପ୍ରଥା ରହିଛି । ଦକ୍ଷିଣ ଓଡ଼ିଶାରେ ମାସାଧିକ କାଳ ଧରି ଚାଲିଥିବା ଦଣ୍ଡ ନାଟର ଅନ୍ତିମ ଭାବେ ଏହି ଦିନ ମେରୁ ଯାତ ପାଳନ କରାଯାଏ । ଲୋକେ ବେଲ ପଣା ଓ ଛତୁଆ ସହ ଏହାକୁ ପାଳନ କରନ୍ତି । ଉତ୍ତର ଓଡ଼ିଶାରେ ଏହି ଦିନକୁ ଚଡ଼କପର୍ବ ନାମରେ ପାଳନ କରିଥାନ୍ତି । ଏହି ଦିନ ପାଟୁଆ ମାନେ ନିଷ୍ଠାର ସହିତ ଦେବୀ ପୀଠରେ ସେମାନଙ୍କ ଭକ୍ତି ଭାବ ଅର୍ପଣ କରନ୍ତି ।



ପାଟୁଆ ଯାତ୍ରାର ଧାର୍ମିକ ଭିତ୍ତିଭୂମି ସମ୍ପର୍କରେ ଭିନ୍ନ ଭିନ୍ନ ମତ ଥିଲେ ମଧ ଏଥିରେ ତନ୍ତ୍ରର ବିଶେଷ ପ୍ରଭାବ ପଡିଥିବା ଗ୍ରହଣ କରାଯାଏ । ଓଡ଼ିଶାରେ ବାମମାର୍ଗ ତନ୍ତ୍ରର ଉତ୍ପତି ଖ୍ରୀଷ୍ଟୀୟ ୬ଷ୍ଠ/୭ମ ଶତାବ୍ଦୀରୁ ଆରମ୍ଭ ହୋଇଥିବା- ଅନୁମାନ କରାଯାଇଛି । ଯୋଗାଚାର ପନ୍ଥୀମାନେ ଜପ, ଯଜ୍ଞ ପ୍ରକ୍ରିୟାରେ ମହାମାୟାଙ୍କୁ ସନ୍ତୁଷ୍ଟ କରିବାରେ ବିଶ୍ୱାସ କରୁଥିଲାବେଳେ ବାମମାର୍ଗୀମାନେ ହଠଯୋଗ ପ୍ରକ୍ରିୟାରେ ଦେବୀଙ୍କୁ ଆରାଧନା କରିବାରେ ମନ ବଳାଇଥିଲେ । ବିଶେଷତଃ ଖ୍ରୀଷ୍ଟୀୟ ୮ମ, ୯ମ ଶତାବ୍ଦୀରେ ବାମପନ୍ଥୀ ତାନ୍ତ୍ରିକମାନଙ୍କର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ସେତବେଳକୁ ତାନ୍ତ୍ରିକ ମତରେ ଶ୍ରୀ ବିମଳାଙ୍କୁ ଭୈରବୀ ଓ ଶ୍ରୀ ଜଗନ୍ନାଥଙ୍କୁ ତନ୍ତ୍ରର ଅଧିଷ୍ଠାତା ଭୈରବ ରୂପେ ସ୍ୱୀକାର କରି ଓଡ଼ିଶାକୁ ଉଡ୍ରପୀଠ ରୂପେ ତନ୍ତ୍ର ସ୍ୱୀକୃତି ମିଳିଲା । ବୌଦ୍ଧ ଧର୍ମର ଜାତିଭେଦ ବିରୋଧୀ ସ୍ୱର ଓ ତାନ୍ତ୍ରିକଧାରା ଯୋଗୁଁ ଏହା ଜନ ସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା । ସ୍ୱାଭିବିକ ପ୍ରତିକ୍ରିୟା ଭାବେ ହିନ୍ଦୁଧର୍ମର ଶୈବ ଓ ଶାକ୍ତ ଗୋଷ୍ଠୀ ଏଥିରେ ପ୍ରଭାବିତ ହେଲା । ଯାହା ଫଳରେ ସମଗ୍ର ଓଡ଼ିଶାରେ ହଠଯୋଗ ମାଧ୍ୟମରେ ଶିବ ଓ ଶକ୍ତିଙ୍କର ଆରାଧନା କରାଗଲା । ଏହି ଆରାଧନା କୁଳୀନ ବ୍ରାହ୍ମଣମାନଙ୍କ ମଧ୍ୟରେ କେବଳ ସୀମିତ ରହିଲା ନଥିଲା । ବରଂ ସମାଜର ନିମ୍ନ ଜାତିର ଲୋକମାନଙ୍କୁ ମଧ ଆକୃଷ୍ଟ କରାଗଲା । ହଠଯୋଗ ଓ କାୟାକ୍ଲେଶ ସାଧନା ଫଳରେ ଶିବ ଓ ଶକ୍ତିଙ୍କୁ ଆରାଧନା କରିବା ନିମନ୍ତେ ଏ ଯେଉଁ ପ୍ରଚେଷ୍ଟା ଆରମ୍ଭ ହେଲା, ତାହାର ଫଳଶ୍ରୁତି ହେଲା 'ପାଟୁଆଯାତ୍ରା' ।

ଶିବ ହେଉଛନ୍ତି ପାଟୁଆଯାତ୍ରାର ମୁଖ୍ୟ ଦେବତା । ଏହି ଯାତ୍ରାରେ ଭାଗ ନେଉଥିବା ଭକ୍ତମାନଙ୍କୁ ଭକ୍ତା ବୋଲି କୁହାଯାଇଥାଏ । ଏହି ଭକ୍ତାମାନେ ନିଜକୁ ଶିବପ୍ରିୟା ପାର୍ବତୀ ଭାବେ ନିଜକୁ ମନେକରି କଠିନ କାୟକ୍ଲେଶ ସାଧନ ପୂର୍ବକ ଶିବକୃପା ଲାଭ କରିବାର ପ୍ରଚେଷ୍ଟା କରନ୍ତି । ସେଥିପାଇଁ ଭକ୍ତା ନିଜକୁ ନାରୀ ଭାବେ ସଜାଇ ଏହି ଯାତ୍ରାରେ ଅଂଶଗ୍ରହଣ କରିଥାଏ । ବାସ୍ତବରେ କୌଣସି ପ୍ରକୃତ ନାରୀ ଏଥିରେ ଅଂଶ ନେଇପାରନ୍ତି ନାହିଁ । ଉତ୍ତର ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ପାଟୁଆ ଯାତ୍ରା ହେବାର ଲକ୍ଷ୍ୟ କରାଯାଏ । ବହୁ ସ୍ଥାନରେ ଶିବଙ୍କ ସହିତ ଶକ୍ତିକୁ ମଧ ଆରାଧନା କରାଯାଇଥାଏ । ମୂଖ୍ୟତଃ ଶିବ କୃପା ଲାଭ ନିମନ୍ତେ ଶକ୍ତିଙ୍କୁ ମାଧ୍ୟମ ରୂପେ ଗ୍ରହଣ କରି ନିଜ ମଧ୍ୟରେ ଶକ୍ତିଙ୍କର ସମାବେଶ ଘଟାଇବା ନିମନ୍ତେ ଭକ୍ତ ତାଙ୍କର ଶରଣ ପଶିଥାଏ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଚରମ୍ପା 'ପାଟୁଆଯାତ୍ରା', ମୟୂରଭଞ୍ଜର 'ରଉଆଁ' ଓ 'ଠାକୁରମୁଣ୍ଡା'ର, ପୁରୀଜିଲ୍ଲାର 'କାକଟପୁର', କଟକ ଜିଲ୍ଲାର 'ବାଙ୍କୀ', 'ଝଙ୍କଡ଼' ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ପାଟୁଆ ଯାତ୍ରା ମାନଙ୍କରେ ଆରାଧ୍ୟା ହେଉଛନ୍ତି 'ଶକ୍ତି' ।

ଦେଖିବାକୁ ଗଲେ ଓଡ଼ିଶାର ସମାଜିକ ଜୀବନରେ ପାଟୁଆଯାତ୍ରାର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାତି ବର୍ଣ୍ଣ ନିର୍ବିଶେଷରେ ଲୋକେ ଏହିଯାତ୍ରାରେ ସାମିଲ ହୁଅନ୍ତି । ଶିବ ଓ ଶକ୍ତିଙ୍କ ଭୟରେ କେହି ଏହି ଯାତ୍ରାରେ ସାମିଲ ହୋଇଥିବା ଯୋଗୁଁ କାହାରିକୁ ଜାତି ପାଟକରୁ ଅଲଗା କରିପାରି ନଥାନ୍ତି । କେତେକ ଯାଗାରେ ଦେବୀଙ୍କୁ ନୈବେଦ୍ୟ ଦିଆଯାଇଥିବା ଅନ୍ନ କେବଳ ନୀଚ ଜାତିର ଲୋକେ ଖାଇଥାନ୍ତି । ମାତ୍ର ଉଡ଼ା ପାଟୁଆମାନେ ଫିଙ୍ଗୁଥିବା ମିଷ୍ଟାନ୍ନ ସକଳକୁ ସମସ୍ତେ ଆଗ୍ରହର ସହ ଗ୍ରହଣ କରିଥାନ୍ତି । ଅଦ୍ୟାବଧି ଓଡ଼ିଶାର ତନ୍ତ୍ର ସଂସ୍କୃତିର କ୍ଷୀଣଧାରାକୁ ପାଟୁଆଯାତ୍ରା' ବଞ୍ଚାଇ ରଖିଛି । ପାଟୁଆମାନେ ଆରାଧ୍ୟ ଦେବଦେବୀ ଉପରେ ଅଖଣ୍ଡ ବିଶ୍ୱାସ ରଖି କଠିନ ସାଧନା କରନ୍ତି । ପାଟୁଆ ଯାତ୍ରାରେ ଭକ୍ତମାନେ ଅନେକ ଗୀତ ଗାଇଥାନ୍ତି । ପାଟୁଆଯାତ୍ରାର ସାହିତ୍ୟ ହେଉଛି ଲୋକସାହିତ୍ୟ । ଗାଁ ଗଣ୍ଡାରେ ପାଟୁଆମାନେ ମାଗଣ କଲାବେଳେ ଅନେକ କ୍ଷେତ୍ରରେ ଲୋକକବିମାନଙ୍କ ରଚିତ ପଦ ଆବୃତି ବି ସ୍ତୁତି କରିଥାନ୍ତି । ବେଳେବେଳେ ପଦ ମନେ ନପଡ଼ିଲେ ନିଜେ ମନରୁ ଫାନ୍ଦି ବୋଲିଥାନ୍ତି - ' ଗୋହିରୀର ବେତ, ମାଆ ମଙ୍ଗଳାଙ୍କୁ ମୋ ଦଣ୍ଡବତ, ଅନୁକୂଳ ହେଲା ଗୀତ / ଚିରିଚିରି ଗଲା ବତା, ପତ୍ରଶୁଣୀ ବୋଲି ବଡ଼ ଦେବତା, ଶୂନ୍ୟେ ଉଡ଼େ ପାଟଛତା । ଚିରିଦେଲି ଚିରାବତା, ସ୍ୱର୍ଗରେ ବନ୍ଦିଲି ସ୍ୱର୍ଗ ଦେବତା/ ତଳେ ବନ୍ଦେ ବସୁମାତା । ଶିଝୁକାଠ ପୋଲି ପୋଲି/ କ୍ଷେତ୍ରରେ ବନ୍ଦିଲି ମା' ବିମଳୀ, ବନ୍ଦେ କଲିକତା କାଳୀ ' । ଭକ୍ତା ପାଟୁଆ ଗାଁ ପରିକ୍ରମା କଲାବେଳେ ଦେବ ଦେବୀ ଜଣାଣ , ସ୍ତୁତି ସହିତ ନିଜର ବ୍ୟକ୍ତିଗତ ସୁଖଦୁଃଖ ହସକାନ୍ଦର ଜୀବନ ସମ୍ପର୍କରେ ଯେଉଁ ସୂଚନା ଦେଇ ଗାଇଥାଏ ତାହା ବେଶ୍ ହୃଦୟସ୍ପର୍ଶୀ ।

ବାସ୍ତବରେ କହିବାକୁ ଗଲେ ପାଟୁଆ ଯାତ୍ରା ଓଡ଼ିଶାର ଏକ ପ୍ରମୁଖ ଲୋକନୃତ୍ୟ । ଓଡ଼ିଶା ବାହାରେ ମଧ ଏହା ବିଭିନ୍ନ ନାମରେ ପାଳିତ ହୋଇଥାଏ । ପାଟୁଆ ଯାତ୍ରା ଚୈତ୍ର ମାସରେ ଆରମ୍ଭ ହୋଇ ବୈଶାଖ ସଂକ୍ରାନ୍ତି ଦିନ ଶେଷ ହୁଏ । ଏଥିରେ ଭକ୍ତମାନେ ନିଷ୍ଠାର ସହିତ କଠୋର କାୟକ୍ଲେଶ ବରଣ କରିଥାନ୍ତି । ଏହାକୁ ଗଣ୍ଡ ଜାତିର ଲୋକମାନେ 'ମେଘନାଦ', ବିହାରର ଛୋଟନାଗପୁର ଅଞ୍ଚଳର ଲୋକମାନେ 'ମାଣ୍ଡା', ତାମିଲନାଡୁରେ 'ଚେଡ଼ଡୁଲ', ଦାକ୍ଷିଣାତ୍ୟର ଅନ୍ୟ କେତେକ ଅଞ୍ଚଳରେ 'ବାଗଡ଼', ବଙ୍ଗଳାରେ 'ଚଡକ ପୂଜା', ପ୍ରଭୃତି ନାମରେ ନାମିତ ହୋଇଛି । ଉତ୍ତର ଓଡ଼ିଶାରେ ଏହାକୁ 'ପାଟୁଆ ଯାତ୍ରା' କୁହାଯାଇଥିଲା ବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏହାକୁ ଦଣ୍ଡନାଟ ଓ ଝାମୁ ଯାତ୍ରା ବୋଲି କୁହାଯାଏ । ପୁଣି ପାଟୁଆ ଯାତ୍ରା, ଦଣ୍ଡ ଯାତ୍ରା ଓ ଝାମୁ ଯାତ୍ରା ମଧ୍ୟରେ ବିଶେଷ ପାର୍ଥକ୍ୟ ଦେଖା ଯାଇନଥିଲେ ମଧ ଏହି ତିନି ପ୍ରକାର ଯାତ୍ରା ଆଞ୍ଚଳିକ ବୈଷମ୍ୟ ଦେଖାଯାଏ।

କାରଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦଣ୍ଡପୂଜା ହୋଇ ଆସୁଛି । କଟକ, ଢେଙ୍କାନାଳ, ଗଂଜାମ, ନୟାଗଡ଼ ଆଦି ଦଣ୍ଡ ପୂଜା ବହୁ ପୁରୁଷ ଧରି ଚାଲିଛି । ଦଣ୍ଡନାଚର ପାଳନରେ ଭିନ୍ନ ?ତା ପରିଲକ୍ଷିତ ହୋଇଥାଏ । ଶୈବ ଧର୍ମରୁ ଏହାର ଉତ୍ପ ?ତ୍ତି । ରଣ ଶିବ ସକଳ ନାଟ୍ୟପ୍ରକଟ ଶାସ୍ତ୍ର ମୂଳ ଦେବତା । କୋଠର ନିୟମରେ ରହି ଶିବ ପାର୍ବତୀଙ୍କ କଥା ପ୍ରଚାର କରିବା ଦଣ୍ଡ ନାଟର ଲକ୍ଷ୍ୟ । ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ । ଏହାର ସୃଷ୍ଟି ସମ୍ପର୍କରେ ଶିବ ପୁରାଣରେ ବର୍ଣ୍ଣନା ଅଛି । ଚୈତ୍ର ବୈଶାଖ ମାସ ଶିବଶକ୍ତି ଉପାସନା ପାଇଁ ଉପଯୁକ୍ତ ସମୟ । ଏହି ଦଣ୍ଡ ବ୍ରତ ୧୩ କିମ୍ବା୨୧ ଦିନ ଧରି ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଶେଷ ହୁଏ । ତେଣୁ ଉତ୍ତର ଓଡ଼ିଶାରେ ଏହାକୁ 'ପାଟୁଆ ଯାତ୍ରା' କୁହାଯାଇଥିବା ବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏହାକୁ ଦଣ୍ଡନାଟ ଓ ଝାମୁ ଯାତ୍ରା କୁହାଯାଏ । ତା' ସତ୍ତ୍ୱେ ଓଡ଼ିଶାରେ ଏହାକୁ ଓଡ଼ିଆ ନବବର୍ଷ ଭାବେ ମାନିଥାନ୍ତି ।ଏସବୁକିଛି ମୂଳ ଗୋଟିଏ ବୋଲି ଗ୍ରହଣ କରାଯାଇଛି..!!!


+ ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦୧୫ ୧୪୭୫


## ଆସିଛି ପବିତ୍ର ପଣା ସଂକ୍ରାନ୍ତି

### ନଳିନୀ ଦାଶ

ବୈଶାଖ ଆଣିଛି ବିଷୁବ ସଂକ୍ରାନ୍ତି
ସବୁରି ମନ ହରଷ
ଏହି ଦିନଟିକୁ ପାଳନ କରନ୍ତି
ଓଡ଼ିଆ ନବ ବରଷ ।
ସଂକ୍ରାନ୍ତି ତିଥିରେ ବିଷୁବ ରେଖାରେ
ସୂର୍ଯ୍ୟଙ୍କର ଅବସ୍ଥାନ
ଉତ୍ତରାୟଣ ହୋଇ ମେଷ ରାଶିଟିକୁ
କରିଥାଆନ୍ତି ଚଳନ ।
ବୈଶାଖ ମାସଟି ଆଜିଠୁ ଆରମ୍ଭ
ଗ୍ରୀଷ୍ମ ତାପ ବଢ଼ି ଯାଏ
ସବୁ ଦେବାଳୟେ ଗହଳି ଚହଳି
ଯାତରା ପରବ ହୁଏ ।
ନଡ଼ିଆ କଦଳୀ ଆମ୍ବ ଛେନା ଚିନି
ମିଶିଲେ ହୁଅଇ ପଣା
ଗୋଲମରିଚ ଓ ବେଲ ଅଦାଛେଚା
ପଡିଗଲେ ମନଜିଣା ।
ଦେବାଦେବୀ ପୀଠେ ଭୋଗ ଲାଗି ହୁଏ
ପଣା ସଂକ୍ରାନ୍ତି ତିଥିରେ
ଓଡିଆ ମାନଙ୍କ ପରବଟି ପରା
ପଣା ହୁଏ ଘରେଘରେ ।
ବସନ୍ତରା ଘଡି ବନ୍ଧା ହୋଇଥାଏ
ତୁଳସୀ ଗଛ ଉପରେ
ରନ୍ଧ୍ରଟିଏ କରି ପାଣି ରଖାଯାଏ
ଟପ ଟପ ହୋଇ ଝରେ ।
ଖୁସିରେ ଭକତ ହନୁମାନଙ୍କର
ଜନମ ଦିନ ପାଳନ୍ତି
ଗ୍ରୀଷ୍ମ ତାପ ଅଗ୍ନି ବାୟୁ ପ୍ରବାହରୁ
ସଭିଏଁ ମୁକ୍ତି ପାଆନ୍ତି ।
ସରବେ ମିଶିଣ ଛତୁଆ ଖାଆନ୍ତି
ପୁଣ୍ୟ ସଂକ୍ରାନ୍ତି ଦିନରେ
ଭକ୍ତି ଭାବ ରଖି ପଣା ପିଇଥାନ୍ତି
ଶ୍ରଦ୍ଧାରେ ଖୁସି ମନରେ ।
ଝାମୁ ଯାତରାଟି ଶେଷ ହୋଇଥାଏ
ପାଟୁଆ ଚାଲନ୍ତି ନିଆଁରେ
ପଣା ପରବଟି ଖୁସି ଭରିଦିଏ
ସହର ହେଉ ବା ଗାଆଁରେ ।
ଏହି ଦିନଠାରୁ ନୂତନ ପଞ୍ଜିକା
ହୋଇଥାଏ ପରା ଗଣା
ବରଷ ଯାକର ଶୁଭ ତିଥି ବେଳା
ସବୁ ପଡ଼ିଥାଏ ଜଣା ।


ଭିକାରିପଡ଼ା,ଶରଣକୁଳ,
ନୟାଗଡ଼
ମୋ: ୯୨୩୮୯୯୬୬୪୯

ଧ୍ୱନି ପ୍ରତିଧ୍ୱନି

# ଭୌତିକ ବନାମ ଫ୍ୟୁଚର୍ସ ବଜାର: ଶକ୍ତି ସଙ୍କଟର ଅକୁହା କାହାଣୀ

ଏପ୍ରିଲ୍ ୨୦୨୬ ସୁଦ୍ଧା ବିଶ୍ୱ ଏକ ଅଭୂତପୂର୍ବ ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛି । ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଭୂ-ରାଜନୈତିକ ଅସ୍ଥିରତା ବିଶ୍ୱ ତୈଳ ବଜାରକୁ ଗଭୀର ଭାବରେ ପ୍ରଭାବିତ କରିଛି । ତଥାପି, ଖବରକାଗଜର ଶିରୋନାମାରେ ଆମେ ଯେଉଁ ତୈଳ ଦର ଦେଖୁଛୁ, ତାହା ସମ୍ପୂର୍ଣ୍ଣ ସତ୍ୟ ବୟାନ କରୁନାହିଁ । ବିଭିନ୍ନ ଆନ୍ତର୍ଜାତୀୟ ଶକ୍ତି ବିଶ୍ଳେଷଣ ଏବଂ ଅର୍ଥନୈତିକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଭୌତିକ ତୈଳ ଦର ଏବଂ କାଗଜପତ୍ର ବା ଭବିଷ୍ୟତ ଚୁକ୍ତି ଦର ମଧ୍ୟରେ ଏକ ବିଶାଳ ବ୍ୟବଧାନ ସୃଷ୍ଟି ହୋଇଛି । ଏହି ବ୍ୟବଧାନ ସୂଚାଉଛି ଯେ ବର୍ତ୍ତମାନର ଶକ୍ତି ସଙ୍କଟ ସାଧାରଣ ଜନତା ଏବଂ ନୀତି ନିର୍ଦ୍ଧାରକମାନଙ୍କ ଧାରଣାଠାରୁ ଯଥେଷ୍ଟ ଅଧିକ ଗମ୍ଭୀର ଅଟେ । ଏହି ପରିସ୍ଥିତିରେ ତୈଳର ମୂଲ୍ୟ କିପରି ନିର୍ଦ୍ଧାରଣ କରାଯାଏ, ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାର ବାସ୍ତବତା କ'ଣ ଏବଂ ଭାରତ ସମେତ ସମଗ୍ର ବିଶ୍ୱର ଅର୍ଥନୀତି ଉପରେ ଏହାର କି ପ୍ରଭାବ ପଡ଼ିବ, ତାହାର ଏକ ବିଶ୍ଳେଷଣର ଆବଶ୍ୟକତା ରହିଛି ।

ବର୍ତ୍ତମାନର ବଜାର ଗତିଶୀଳତାକୁ ବୁଝିବା ପାଇଁ, ତତ୍କାଳ ଦର ଏବଂ ଭବିଷ୍ୟତ ଚୁକ୍ତି ଦର ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା ନିହାତି ଜରୁରୀ । ତୈଳ ତୁରନ୍ତ ବିତରଣ ପାଇଁ କିଣାଯାଉଛି ନା ମାସ ମାସ ପରେ ବିତରଣ ପାଇଁ କିଣାଯାଉଛି, ତାହା ଉପରେ ଭିତ୍ତି କରି ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ତତ୍କାଳ ଦରର ପ୍ରମୁଖ ମାନଦଣ୍ଡ ହେଉଛି ଡେଟେଡ୍ ବ୍ରେଣ୍ଟ, ଯାହା ଆଗାମୀ କିଛି ଦିନ ମଧ୍ୟରେ ପଠାଯିବାକୁ ଥିବା ତୈଳର ମୂଲ୍ୟକୁ ପ୍ରତିଫଳିତ କରେ । ଅନ୍ୟପକ୍ଷରେ, ବ୍ରେଣ୍ଟ ଫ୍ୟୁଚର୍ସ ଭବିଷ୍ୟତର ମୂଲ୍ୟ ଆଶାକୁ ପ୍ରତିଫଳିତ କରିଥାଏ। ସାଧାରଣ ପରିସ୍ଥିତିରେ ଏହି ଦୁଇଟି ମୂଲ୍ୟ ପାଖାପାଖି ସମାନ ରହିଥାଏ । କିନ୍ତୁ ସାମ୍ପ୍ରତିକ ଯୁଦ୍ଧ ଏହି ସମାନତାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି । ତୁରନ୍ତ ଭୌତିକ ତୈଳର ଘୋର ଅଭାବ କାରଣରୁ, ଡେଟେଡ୍ ବ୍ରେଣ୍ଟର ତତ୍କାଳ ଦର ବ୍ୟାରେଲ ପିଛା ୧୪୪ ଡଲାରରୁ ଅଧିକ ହୋଇ ଏକ ଐତିହାସିକ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହାର ବିପରୀତରେ, ଖବରକାଗଜର ଶିରୋନାମା ପାଲଟୁଥିବା ଫ୍ୟୁଚର୍ସ ଦର ଆମେରିକା ପ୍ରଶାସନର କଠୋର ପଦକ୍ଷେପ ଘୋଷଣା ପରେ ମଧ୍ୟ ବ୍ୟାରେଲ ପିଛା ପ୍ରାୟ ୧୦୩ ଡଲାର ଆଖପାଖରେ ରହିଛି । ଏହି ୩୫ ରୁ ୪୦ ଡଲାରର ବ୍ୟବଧାନ ଅତ୍ୟନ୍ତ ଅସ୍ୱାଭାବିକ ଏବଂ ଏହା ପ୍ରମାଣିତ କରୁଛି ଯେ ବାସ୍ତବରେ ତୈଳ ଯୋଗାଣ କମିଯାଉଥିବାରୁ କ୍ରେତାମାନେ ବର୍ତ୍ତମାନ ଉପଲବ୍ଧ ଥିବା ତୈଳ ପାଇଁ ବହୁଳ ଅଧିକ ମୂଲ୍ୟ ଦେବାକୁ ବାଧ୍ୟ ହେଉଛନ୍ତି ।

ଏହି ସଙ୍କଟର ଭୂ-ରାଜନୈତିକ କେନ୍ଦ୍ରବିନ୍ଦୁ ହେଉଛି ହର୍ମୁଜ୍ ପ୍ରଣାଳୀ, ଯାହା ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ମଧ୍ୟରେ ଥିବା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ଜଳପଥ ଅଟେ । ସାଧାରଣ ପରିସ୍ଥିତିରେ ଏହି ପଥ ଦେଇ ବିଶ୍ୱର ମୋଟ ତୈଳ ଯୋଗାଣର ପ୍ରାୟ ଏକ ପଞ୍ଚମାଂଶ ଅର୍ଥାତ୍ ଦୈନିକ ପ୍ରାୟ ୨ କୋଟି ବ୍ୟାରେଲ୍ ତୈଳ ପରିବହନ ହୋଇଥାଏ । ଆମେରିକା ଏବଂ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଏହି ପ୍ରଣାଳୀ ଦେଇ ଯାତାୟାତ ପ୍ରାୟତଃ ବନ୍ଦ ହୋଇଯାଇଛି । ତଥ୍ୟରୁ ଜଣାପଡିଛି ଯେ ଯୁଦ୍ଧ ପୂର୍ବରୁ ଦୈନିକ ହାରାହାରି ୧୩୦ ଟି ବାଣିଜ୍ୟିକ ଜାହାଜ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ତାହା ମାତ୍ର ପାଖାପାଖି ୧୦କୁ ଖସି ଆସିଛି । ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସି ଏହାକୁ ବିଶ୍ୱ ତୈଳ ବଜାର ଇତିହାସରେ ସବୁଠାରୁ ବଡ଼ ଯୋଗାଣ ବାଧା ବୋଲି ଆଖ୍ୟା ଦେଇଛି ଏବଂ ବିଶ୍ୱସ୍ତରୀୟ ଯୋଗାଣରେ ଦୈନିକ ୮୦ ଲକ୍ଷ ବ୍ୟାରେଲର ହ୍ରାସ ଘଟିଥିବା ଦର୍ଶାଇଛି। ଜାହାଜ କମ୍ପାନୀମାନେ ନିଜର ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ବିପଜ୍ଜନକ ପଥ ଦେଇ ଯିବାକୁ କୁଣ୍ଠାବୋଧ କରୁଛନ୍ତି, ଯାହା ଫଳରେ ଭୌତିକ ବଜାରରେ ଏକ ବିରାଟ ନିଅଣ୍ଟ ଦେଖାଦେଇଛି । ତତ୍କାଳ ଦର ତୁଳନାରେ ଫ୍ୟୁଚର୍ସ ଦର କମ୍ ରହିବାର ମୁଖ୍ୟ କାରଣ ହେଉଛି ବ୍ୟବସାୟୀଙ୍କ ମାନସିକତା ଏବଂ ରାଜନୈତିକ ସନ୍ଦେହ । ଅନେକ ବଜାର ବିଶ୍ଳେଷକ ଏବଂ ବ୍ୟବସାୟୀ ଆଶା କରୁଛନ୍ତି ଯେ କୂଟନୈତିକ ସମାଧାନ ହୋଇପାରେ କିମ୍ବା ପରିସ୍ଥିତି ଶାନ୍ତ ପଡିପାରେ, କିନ୍ତୁ ଏହି ଆଶାବାଦୀ ଦୃଷ୍ଟିକୋଣ ବାସ୍ତବିକ ଯୋଗାଣ ସମସ୍ୟାକୁ ସମାଧାନ କରିପାରିବ ନାହିଁ ।

ବାସ୍ତବ ସ୍ଥିତିକୁ କେବଳ ଆଶାବାଦୀ ଫ୍ୟୁଚର୍ସ ବାଣିଜ୍ୟ ଦ୍ୱାରା ଲୁଚାଯାଇପାରିବ ନାହିଁ, କାରଣ ବିଶ୍ୱସ୍ତରୀୟ ତୈଳ ବ୍ୟବହାର କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଏହି ବ୍ୟାପକ ଚାହିଦା ଏବଂ ସୀମିତ ଯୋଗାଣ ମଧ୍ୟରେ ଥିବା ଗାଣିତିକ ପାର୍ଥକ୍ୟ ଏକ ବିରାଟ ନିଅଣ୍ଟ ପରିସ୍ଥିତି ସୃଷ୍ଟି କରୁଛି ଯାହାକୁ ସହଜରେ ପୂରଣ କରାଯାଇପାରିବ ନାହିଁ । ଏହାକୁ ମୁକାବିଲା କରିବା ପାଇଁ ବିଭିନ୍ନ ରାଷ୍ଟ୍ର ସେମାନଙ୍କର ଜରୁରୀକାଳୀନ ଭଣ୍ଡାରରୁ କୋଟି କୋଟି ବ୍ୟାରେଲ ତୈଳ ଛାଡିବାକୁ ରାଜି ହୋଇଛନ୍ତି। ଯଦିଓ ସାଉଦି ଆରବ ପରି ପ୍ରମୁଖ ଉତ୍ପାଦକ ଦେଶଗୁଡିକ ବିକଳ୍ପ ଯୋଗାଣ ମାର୍ଗ ବୃଦ୍ଧି କରିବାକୁ ଚେଷ୍ଟା କରିଛନ୍ତି, ଯେପରିକି ପାଇପଲାଇନ ମାଧ୍ୟମରେ ଦୈନିକ ଲକ୍ଷ ଲକ୍ଷ ବ୍ୟାରେଲ ପମ୍ପିଂ କରିବା, ତଥାପି ଏହି ପଦକ୍ଷେପଗୁଡିକ ହର୍ମୁଜ୍ ପ୍ରଣାଳୀର ଅବରୋଧଜନିତ କ୍ଷତିକୁ ସମ୍ପୂର୍ଣ୍ଣ ରୂପେ ଭରଣା କରିବା ପାଇଁ ଯଥେଷ୍ଟ ନୁହେଁ । ଅଭିଜ୍ଞ ଶକ୍ତି ଅର୍ଥନୀତିଜ୍ଞମାନେ ନୀତି ନିର୍ଦ୍ଧାରକମାନଙ୍କୁ ଚେତାବନୀ ଦେଉଛନ୍ତି ଯେ ସେମାନେ ଅତ୍ୟଧିକ ଆତ୍ମସନ୍ତୋଷରେ ଅଛନ୍ତି ଏବଂ ପରିସ୍ଥିତିର ଗମ୍ଭୀରତାକୁ ଅଣଦେଖା କରୁଛନ୍ତି । କେବଳ ଜରୁରୀକାଳୀନ ଭଣ୍ଡାର ଉପରେ ନିର୍ଭର କରିବା ପରିବର୍ତ୍ତେ, ସରକାରମାନେ ନାଗରିକମାନଙ୍କୁ ଶକ୍ତି ସଞ୍ଚୟ ଏବଂ ବ୍ୟବହାର ହ୍ରାସ ଉପରେ ପରାମର୍ଶ ଦେବାର ଜରୁରୀ ଆବଶ୍ୟକତା ରହିଛି ।

ଭାରତ ପରି ଏକ ଦ୍ରୁତ ବିକାଶଶୀଳ ଅର୍ଥନୀତି ପାଇଁ ଏହି ବିଶ୍ୱସ୍ତରୀୟ ଯୋଗାଣ ସଙ୍କଟର ପ୍ରଭାବ ବହୁମୁଖୀ ଏବଂ ଅତ୍ୟନ୍ତ ଗଭୀର ଅଟେ । ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଦେଶ, ଯାହା ଦୈନିକ ପ୍ରାୟ ୫୫ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ବ୍ୟବହାର କରିଥାଏ । ଐତିହାସିକ ଭାବରେ, ଭାରତ ନିଜର ଶକ୍ତି ଆମଦାନୀ ପାଇଁ ହର୍ମୁଜ୍ ପ୍ରଣାଳୀ ଉପରେ ଅଧିକ ନିର୍ଭରଶୀଳ ରହିଆସିଛି । ତେବେ, ବିଗତ କିଛି ବର୍ଷ ମଧ୍ୟରେ ସକ୍ରିୟ ରଣନୈତିକ ବିବିଧକରଣ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କବଚ ପ୍ରଦାନ କରିଛି । ସରକାରୀ ତଥ୍ୟ ଅନୁଯାୟୀ, ଭାରତ ବର୍ତ୍ତମାନ ପ୍ରାୟ ୪୦ ଟି ବିଭିନ୍ନ ଦେଶରୁ ଅଶୋଧିତ ତୈଳ ସଂଗ୍ରହ କରୁଛି ଏବଂ ବର୍ତ୍ତମାନ ଦେଶର ପ୍ରାୟ ୭୦ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ ହର୍ମୁଜ୍ ପ୍ରଣାଳୀ ବାହାର ମାର୍ଗ ଦେଇ ଆସୁଛି, ଯାହା ପୂର୍ବରୁ ଯଥେଷ୍ଟ କମ୍ ଥିଲା । ଏକ ଉଲ୍ଲେଖନୀୟ ପରିବର୍ତ୍ତନ ସ୍ୱରୂପ, ବିଶ୍ୱସ୍ତରୀୟ କଟକଣା କୋହଳ ହେବାର ଫାଇଦା ଉଠାଇ ଋଷରୁ ଭାରତର ଅଶୋଧିତ ତୈଳ ଆମଦାନୀ ବୃଦ୍ଧି ପାଇଛି । ଏହି ରଣନୈତିକ ପଦକ୍ଷେପ ସୁନିଶ୍ଚିତ କରିଛି ଯେ ଭାରତର ଅଶୋଧିତ ତୈଳ ଯୋଗାଣ ଅପେକ୍ଷାକୃତ ସୁରକ୍ଷିତ ରହିଛି ଏବଂ ଘରୋଇ ରିଫାଇନାରୀଗୁଡ଼ିକ ସେମାନଙ୍କର ସମ୍ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିପାରୁଛନ୍ତି ।

ତଥାପି, ଭାରତ ପାଇଁ ଏହି ସଙ୍କଟ ସମ୍ପୂର୍ଣ୍ଣ ରୂପେ ଟଳିନାହିଁ, ବିଶେଷ କରି ଯେତେବେଳେ ଘରୋଇ ଶକ୍ତି ସୁରକ୍ଷା କଥା ବିଚାରକୁ ଆସେ । ଯଦିଓ ଅଶୋଧିତ ତୈଳ ମାର୍ଗଗୁଡିକ ବିବିଧ କରାଯାଇଛି, ଭାରତର ପ୍ରକୃତ ଦୁର୍ବଳତା ତରଳ ପେଟ୍ରୋଲିୟମ ଗ୍ୟାସ ଏବଂ ତରଳ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ରହିଛି । ଭାରତର ଏଲପିଜି ଚାହିଦାର ପ୍ରାୟ ୬୦ ପ୍ରତିଶତ ଆମଦାନୀ ମାଧ୍ୟମରେ ପୂରଣ ହୋଇଥାଏ ଏବଂ ଚିନ୍ତାର ବିଷୟ ହେଉଛି ଯେ ଏହି ଆମଦାନୀର ୯୦ ପ୍ରତିଶତ ପାରମ୍ପରିକ ଭାବରେ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ। ଏହି ଅବରୋଧ କାରଣରୁ ଭାରତର ଏଲପିଜି ଆମଦାନୀରେ ଏକ ତୀବ୍ର ହ୍ରାସ ଘଟିଛି, ଯାହା କୋଟି କୋଟି ପରିବାରର ରୋଷେଇ ଇନ୍ଧନ ଯୋଗାଣ ପ୍ରତି ସିଧାସଳଖ ବିପଦ ସୃଷ୍ଟି କରିଛି । ଏହାର ଜବାବରେ, ଭାରତ ସରକାରଙ୍କୁ ଘରୋଇ ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସଗୁଡ଼ିକୁ ଅନ୍ୟ ରାସାୟନିକ ପ୍ରବାହକୁ ଏଲପିଜି ଉତ୍ପାଦନ ଆଡକୁ ମୋଡିବାକୁ ଜରୁରୀକାଳୀନ ନିର୍ଦ୍ଦେଶ ଦେବାକୁ ପଡିଲା । ଏହି ତ୍ୱରିତ ହସ୍ତକ୍ଷେପ ଏକ ତୁରନ୍ତ ଘରୋଇ ସଙ୍କଟକୁ କିଛି ମାତ୍ରାରେ ପ୍ରଶମିତ କରିବାରେ ସାହାଯ୍ୟ କରିଛି । କିନ୍ତୁ ବ୍ୟାପକ ଆର୍ଥିକ ପ୍ରଭାବ ଏବେ ବି ଏକ ବଡ଼ ବିପଦ ହୋଇ ରହିଛି । ଭୌତିକ ତୈଳର ଅତ୍ୟଧିକ ମୂଲ୍ୟ ଏବଂ ପରିବହନ ମାର୍ଗ ପରିବର୍ତ୍ତନର ଲଜିଷ୍ଟିକାଲ୍ ସମସ୍ୟା ଅନିବାର୍ଯ୍ୟ ଭାବରେ ମାଲ ପରିବହନ ଖର୍ଚ୍ଚ ବୃଦ୍ଧି କରିବ, ଯାହା ବ୍ୟାପକ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବ ।

ଏହା ବ୍ୟତୀତ, ତୈଳ ଦରର ଏହି ଅହେତୁକ ବୃଦ୍ଧିର ପ୍ରଭାବ କେବଳ ଇନ୍ଧନ ଷ୍ଟେସନରେ ସୀମିତ ରହିବ ନାହିଁ, ବରଂ ଏହା ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଏକ ଶୃଙ୍ଖଳିତ ପ୍ରଭାବ ପକାଇବ । ଯେତେବେଳେ ତୈଳର ତତ୍କାଳ ଦର ଏତେ ଉଚ୍ଚ ସ୍ତରରେ ରହୁଛି, ସମସ୍ତ ସାମଗ୍ରୀର ପରିବହନ ଖର୍ଚ୍ଚ ଆକାଶଛୁଆଁ ହେବା ସ୍ୱାଭାବିକ ଅଟେ। ଭାରତ ଭଳି ଏକ ଦେଶ, ଯେଉଁଠାରେ ଅଧିକାଂଶ ଘରୋଇ ସାମଗ୍ରୀ ସଡ଼କ ପଥରେ ଟ୍ରକ୍ ମାଧ୍ୟମରେ ପରିବହନ କରାଯାଏ, ମହଙ୍ଗା ଡିଜେଲର ସିଧାସଳଖ ଅର୍ଥ ହେଉଛି ପନିପରିବା, ଖାଦ୍ୟଶସ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି । ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ବିଶ୍ୱର ଅନ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଏକ କଠିନ ଆହ୍ୱାନ ସୃଷ୍ଟି କରିବ । ଯଦି ମୁଦ୍ରାସ୍ଫୀତି କେବଳ ଯୋଗାଣ ବାଧା କାରଣରୁ ବୃଦ୍ଧି ପାଏ, ତେବେ ବ୍ୟାଙ୍କଗୁଡ଼ିକ ପାଇଁ ସୁଧ ହାର ହ୍ରାସ କରିବା ସହଜ ହେବ ନାହିଁ । ଏହା ଫଳରେ ଅର୍ଥନୀତିରେ ଏକ ଷ୍ଟାଗଫ୍ଲେସନ୍ ପରିସ୍ଥିତି ସୃଷ୍ଟି ହୋଇପାରେ, ଯେଉଁଠାରେ ଅର୍ଥନୈତିକ ଅଭିବୃଦ୍ଧି ସ୍ଥିର ରହିବ କିନ୍ତୁ ମୁଦ୍ରାସ୍ଫୀତି ଉଚ୍ଚ ସ୍ତରରେ ରହି ଲୋକଙ୍କ କ୍ରୟ କ୍ଷମତାକୁ ହ୍ରାସ କରିବ । ଏହାର ସମ୍ପୂର୍ଣ୍ଣ ବୋଝ ଶେଷରେ ସାଧାରଣ ଖାଉଟିଙ୍କ ଉପରେ ପଡିବ । ଅଧିକନ୍ତୁ, ମହଙ୍ଗା ଅଶୋଧିତ ତୈଳ କିଣିବା ପାଇଁ ବିପୁଳ ପରିମାଣର ଡଲାର ଖର୍ଚ୍ଚ ହେବା ଦ୍ୱାରା ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବ, ଯାହା ଇଲେକ୍ଟ୍ରୋନିକ୍ସ, ସାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନୀକୁ ଆହୁରି ବ୍ୟୟବହୁଳ କରିଦେବ ଏବଂ ଦେଶର ବାଣିଜ୍ୟ ନିଅଣ୍ଟକୁ ବୃଦ୍ଧି କରିବ।

ପରିଶେଷରେ, ଯଦି କେହି କେବଳ ଫ୍ୟୁଚର୍ସ ବଜାରକୁ ଦେଖନ୍ତି, ତେବେ ବିଶ୍ୱସ୍ତରୀୟ ତୈଳ ଦରକୁ ନେଇ ବର୍ତ୍ତମାନର ଚିତ୍ର ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିକର ଅଟେ । ଅତ୍ୟଧିକ ଉଚ୍ଚ ତତ୍କାଳ ଦର ଏବଂ ଅପେକ୍ଷାକୃତ କମ୍ ଫ୍ୟୁଚର୍ସ ଦର ମଧ୍ୟରେ ଥିବା ଅଭୂତପୂର୍ବ ବ୍ୟବଧାନ ଏକ ଭୌତିକ ଯୋଗାଣ ସଙ୍କଟର କଠୋର ଚେତାବନୀ ଦେଉଛି । ମଧ୍ୟପ୍ରାଚ୍ୟରେ ଭୂ-ରାଜନୈତିକ ସଂଘର୍ଷ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳାର ଦୁର୍ବଳତାକୁ ପଦାରେ ପକାଇଦେଇଛି ଏବଂ ଆଧୁନିକ ଇତିହାସର ସବୁଠାରୁ ଭୟଙ୍କର ବାଧା ସୃଷ୍ଟି କରିଛି । ଯଦିଓ ଭାରତ ଭଳି ଦେଶ ଅଶୋଧିତ ତୈଳ ଉତ୍ସର ରଣନୈତିକ ବିବିଧକରଣ ଏବଂ ଜରୁରୀକାଳୀନ ଘରୋଇ ଉତ୍ପାଦନ ପଦକ୍ଷେପ ମାଧ୍ୟମରେ ନିଜର ଦୃଢ଼ତା ପ୍ରଦର୍ଶନ କରିଛନ୍ତି, ତଥାପି ହର୍ମୁଜ୍ ପ୍ରଣାଳୀ ପରି ଗୁରୁତ୍ୱପୂର୍ଣ୍ଣ ଜଳପଥ ସହିତ ଜଡିତ ଗଠନମୂଳକ ଦୁର୍ବଳତା ଏବେ ବି ବିଦ୍ୟମାନ ଅଛି । କେବଳ ରାଜନୈତିକ ଉତ୍ତେଜନା ହ୍ରାସ ପାଇବାର ଆଶା ଉପରେ ନିର୍ଭର କରିବା ଏକ ସ୍ଥାୟୀ ଅର୍ଥନୈତିକ ରଣନୀତି ହୋଇନପାରେ । ନବୀକରଣଯୋଗ୍ୟ ଶକ୍ତି ଉତ୍ସ ଆଡକୁ ଦ୍ରୁତ ଗତିରେ ଅଗ୍ରସର ହେବା, ଘରୋଇ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏବଂ କଠୋର ଶକ୍ତି ସଞ୍ଚୟ ନୀତି କାର୍ଯ୍ୟକାରୀ କରିବା ପାଇଁ ଏକ ସମ୍ମିଳିତ ତଥା ତ୍ୱରିତ ବିଶ୍ୱସ୍ତରୀୟ ପ୍ରୟାସ ହେବା ଆବଶ୍ୟକ । ଯେପର୍ଯ୍ୟନ୍ତ ଭୌତିକ ଯୋଗାଣ ଏବଂ ବିଶ୍ୱସ୍ତରୀୟ ଚାହିଦା ମଧ୍ୟରେ ଥିବା ମୌଳିକ ଅସନ୍ତୁଳନର ସ୍ଥାୟୀ ସମାଧାନ ନହୋଇଛି, ସେପର୍ଯ୍ୟନ୍ତ ବିଶ୍ୱ ଅର୍ଥନୀତି କେବଳ ଭୂ-ରାଜନୈତିକ ଇଚ୍ଛା ଏବଂ ଅସ୍ଥିର ଭୌତିକ ତୈଳ ବଜାରର ଦୟା ଉପରେ ନିର୍ଭର କରି ରହିବ ।

# ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହାବିଷୁବ ସଂକ୍ରାନ୍ତି



## ଶ୍ରୀ ଭୋଳାନାଥ ସାହୁ



ସଂସ୍କୃତି ଗୋଟିଏ ଜାତିର ଜାତୀୟତାର ପରିଚାୟକ। ସମ୍ପୃକ୍ତ ଜାତିର କଳା, ସାହିତ୍ୟ, ଧର୍ମ, ପରମ୍ପରା, ଶିଳ୍ପ ପ୍ରଭୃତିକୁ ନେଇ ସଂସ୍କୃତି ବୃଦ୍ଧିମନ୍ତ। ଗୋଟିଏ ଜାତିର ସଂସ୍କୃତିରୁ ସେ ଜାତିର ରୀତି-ନୀତି, ଚାଲି-ଚଳନ, କଥା-ଭାଷା, ଖାଦ୍ୟ-ପେୟ, ପୋଷାକ-ପରିଛଦ, ଆଚାର-ବ୍ୟବହାର, ପ୍ରଥା-ପରମ୍ପରା, ଐତିହ୍ୟ-ମୂଲ୍ୟବୋଧ ଓ ଆଦର୍ଶର ଚିତ୍ର ସ୍ପଷ୍ଟ ହୋଇଥାଏ । ତେଣୁ କୁହାଯାଏ -ଯେଉଁ ଜାତିର ସଂସ୍କୃତି ଯେତିକି ସମୃଦ୍ଧ, ସେ ଜାତିର ସଭ୍ୟତା ସେତିକି ଗୌରବାବହ । ଏହି ସମସ୍ତ ଦୃଷ୍ଟିରୁ ଓଡ଼ିଶାର ସଂସ୍କୃତି ବିଶ୍ୱବନ୍ଦନୀୟ। ଓଡ଼ିଶାର ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତିକୁ ବୁଝାଏ । ଯେଉଁ ସଂସ୍କୃତିର ମହାନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ ମାନବୀୟ ଲୀଳା ପ୍ରଦର୍ଶନ କରିଥାନ୍ତି । ଯେଉଁ ସଂସ୍କୃତିରେ ଆଦିବାସୀ ପରମ୍ପରା ଓ କୃଷିଭିତିକ ପର୍ବପର୍ବାଣୀର ପ୍ରତିଫଳନ ଦେଖାଯାଏ। ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଏକାନ୍ତ ଭାବରେ ନୀତିଗତ ଓ ଶୃଙ୍ଖଳିତ। ଜଗନ୍ନାଥ ସଂସ୍କୃତି 'ଜୀବହତ୍ୟା ନୁହେଁ'; ବରଂ 'ଜୀବେଦୟା' ନୀତି ଉପରେ ପର୍ଯ୍ୟବସିତ। ଏହା ସନାତନ ଧର୍ମର ସୂଚକ । 'ସନାତନ' ଶବ୍ଦର ଅର୍ଥ - ନା ଅଛି ଯାହାର ଆରମ୍ଭ, ନା ଅଛି ଶେଷ। ବରଂ ଏହା ଚିରନ୍ତନ । ପ୍ରତିଟି ପର୍ବପର୍ବାଣୀ ପାଳନରେ ରହିଛି ବିଜ୍ଞାନ ସମ୍ମତ କାରଣ । ଯେଉଁଥିରେ ଶରୀରକୁ ସୁସ୍ଥ, ନିରୋଗ ଓ ଶୃଙ୍ଖଳିତ ରଖିବାର ପ୍ରେରଣା ରହିଛି । ଆମ ସଂସ୍କୃତିରେ ପାଳନ କରାଯାଉଥିବା "ମହାବିଷୁବ ସଂକ୍ରାନ୍ତି" ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ । ଏହି ମହାବିଷୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି, ଜଳସଂକ୍ରାନ୍ତି, ଠେକା ସଂକ୍ରାନ୍ତି ଓ ଛତୁଆ ସଂକ୍ରାନ୍ତି ନାମରେ ମଧ୍ୟ ନାମିତ କରାଯାଏ ।

'ସଂକ୍ରାନ୍ତି' ଶବ୍ଦଟି ସଂସ୍କୃତ 'ସଂକ୍ରମଣ' ଶବ୍ଦରୁ ଉଦ୍ଧୃତ । ସୂର୍ଯ୍ୟଙ୍କର ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଚଳନ ବା ସଂକ୍ରମଣକୁ 'ସଂକ୍ରାନ୍ତି' କୁହାଯାଏ । ସଂକ୍ରମଣ ଏତେ ସୂକ୍ଷ୍ମଯେ ତାହାକୁ ଖାଲି ଆଖିରେ ଦେଖିବା ସମ୍ଭବ ନୁହେଁ। ସୂର୍ଯ୍ୟଙ୍କର ମୀନ ରାଶିରୁ ମେଷ ରାଶିକୁ ସଂକ୍ରମଣ କାଳକୁ ବିଷୁବସଂକ୍ରାନ୍ତି କୁହାଯାଏ । ଏହା 'ବୈଶାଖ ସଂକ୍ରାନ୍ତି' ନାମରେ ନାମିତ। ଏହି ସଂକ୍ରାନ୍ତି ଓଡ଼ିଆ ବର୍ଷର ପ୍ରଥମ ଦିନ । ଯେଉଁ ଦିନକୁ 'ଓଡ଼ିଆ ନବବର୍ଷ' ଭାବରେ ପାଳନ କରାଯାଏ। ଶ୍ରୀମନ୍ଦିରରେ ନୂତନ ପାଞ୍ଜି ଗଣନା ସହିତ ଏହାର ପ୍ରଚଳନ ମଧ୍ୟ କରାଯାଏ । ଶ୍ରୀମନ୍ଦିରରେ ମାନବୀୟ ଲୀଳା ପ୍ରଦର୍ଶନ କରୁଥିବା ଶ୍ରୀଜଗନ୍ନାଥ ମହାପ୍ରଭୁ ଏହି ଦିନରୁ ପଖାଳକୁ ପ୍ରସାଦ ଭାବରେ ଗ୍ରହଣ କରନ୍ତି। ତାପରେ ବିଧି ମୁତାବକ ଜଗନ୍ନାଥ ଶ୍ରଦ୍ଧାଳୁ ମାନେ ପଖାଳ ସେବନ କରିଥାନ୍ତି। ଉକ୍ତ ଦିନରେ ସୂର୍ଯ୍ୟ ବିଷୁବରେଖା ଉପରେ ତୀର୍ଯ୍ୟକ ଭାବରେ ଅବସ୍ଥାନ କରିଥାନ୍ତି। ସୂର୍ଯ୍ୟଙ୍କର ପ୍ରଖର କିରଣ ପୃଥିବୀପୃଷ୍ଠରେ ପଡୁଥିବାରୁ ପ୍ରଚଣ୍ଡ ତାତି ଅନୁଭୂତ ହୁଏ। ତେଣୁ ଏହି ଦିନକୁ 'ମହାବିଷୁବ ସଂକ୍ରାନ୍ତି' କୁହାଯାଏ । ଜନସାଧାରଣ ନିଜ ଶରୀରର ଶୀତଳତା ଓ ସୁସ୍ଥତା ରକ୍ଷା ନିମନ୍ତେ ବେଲ, ନଡ଼ିଆ, କଦଳୀ, ଦହି, ଛେନା ବିଭିନ୍ନ ଫଳ, ଗୁଡ଼, ଗୋଲମରିଚ ପ୍ରଭୃତି ମିଶ୍ରିତ କରି ଏକ ପ୍ରକାର ଶୀତଳ ସୁମିଷ୍ଟ ପାନୀୟ ପ୍ରସ୍ତୁତ କରି ପାନ କରନ୍ତି । ଏହାକୁ 'ପଣା' କୁହାଯାଏ। ତେଣୁ ଏହି ସଂକ୍ରାନ୍ତି 'ପଣା ସଂକ୍ରାନ୍ତି' ନାମରେ ନାମିତ। ପ୍ରଚଣ୍ଡ ରୌଦ୍ରତାପରେ ଗଡ଼ିଆ, ପୋଖରୀ, ନଈ, ଝରଣା ଓ କୂଅ ପ୍ରଭୃତି ଶୁଖିଯାଏ। ତେଣୁ ଲୋକେ ଜଳଛତ୍ର ମାନ ବସାଇ ଜଳଦାନ କରନ୍ତି । ତେଣୁ ଏହି ସଂକ୍ରାନ୍ତିର ଅନ୍ୟ ନାମ 'ଜଳ ସଂକ୍ରାନ୍ତି' ଅଟେ। ଅନ୍ୟପକ୍ଷରେ ପ୍ରତେକ କୁଳଲକ୍ଷ୍ମୀ ବୈଶାଖ ମାସ ସଂକ୍ରାନ୍ତି ଠାରୁ ସକାଳେ ସ୍ନାନ ପୂର୍ବକ ବୃନ୍ଦାବତୀଙ୍କୁ ଜଳଦାନ ଓ ସନ୍ଧ୍ୟାରେ ଧୂପ-ଦୀପ ଦେଇ ପୂଜା କରିଥାନ୍ତି। କାରଣ କଥିତ ଅଛି ବୃନ୍ଦାବତୀ ମୂଳରେ ତ୍ରେତିଶକୋଟି ଦେବାଦେବୀ ଅବସ୍ଥାନ କରନ୍ତି । ବୃନ୍ଦାବତୀ ପୂଜନ ଦ୍ୱାରା ଏକତ୍ର ମା'ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କ କୃପା ମିଳିଥାଏ। ଏହି ବୈଶାଖ ସଂକ୍ରାନ୍ତିରୁ ରୌଦ୍ରତାପ ପ୍ରଚଣ୍ଡ ରୂପ ନେଉଥିବାରୁ ବୃନ୍ଦାବତୀଙ୍କ ସୁରକ୍ଷା ଓ ଶୀତଳତା ନିମନ୍ତେ ତୁଳସୀ ଚୌରା ଉପରେ ଜାମୁ, ଆମ୍ବ କିମ୍ବା ନଡ଼ିଆ ଡ଼ାଳରେ ଝାମୁଡ଼ା ପ୍ରସ୍ତୁତ କରାଯାଏ । ଏଥିରେ ଠେକାଟିଏ ବାନ୍ଧି ଏହାର ତଳ ଭାଗରେ ସୂକ୍ଷ୍ମ ଛିଦ୍ରଟିଏ କରାଯାଏ । ସ୍ନାନ ପରେ ଏହି ଠେକାରେ ଜଳଦାନ କରନ୍ତି। ଯେଉଁ ଜଳ ବୁନ୍ଦା ବୁନ୍ଦା ହୋଇ ପଡ଼ିଥାଏ ଓ ଦିନସାରା ଶୀତଳତା ପ୍ରଦାନ କରେ। ତେଣୁ ଏହି ସଂକ୍ରାନ୍ତିକୁ 'ଠେକାବନ୍ଧା' ସଂକ୍ରାନ୍ତି କହନ୍ତି । ଏହି ପ୍ରକ୍ରିୟାରେ ପୂର୍ବପୁରୁଷଙ୍କ ଅସ୍ତିତ୍ୱକୁ ନେଇ ପ୍ରତିଷ୍ଠିତ ସମାଧିପୀଠ କିମ୍ବା ପିଣ୍ଡି ଉପରେ ମଧ୍ୟ ଜାମୁ ଓ ନଡ଼ିଆ ଡ଼ାଳରେ ଝାମୁଡ଼ା କରି ଠେକି ବାନ୍ଧି ଜଳପ୍ରଦାନ କରାଯାଏ। ଏହି ପ୍ରକ୍ରିୟା ୧ମାସ ଧରି ଅର୍ଥାତ ମେଷ ସଂକ୍ରାନ୍ତିରୁ ବୃଷ ସଂକ୍ରାନ୍ତି ପର୍ଯ୍ୟନ୍ତ ପରିଚାଳିତ ହୁଏ। ବୃଷ ସଂକ୍ରାନ୍ତି ଦିନ ଏହି ଝାମୁଡ଼ା ଓ ଠେକାକୁ ଉଠାଇ ଦିଆଯାଏ । ତେଣୁ ଏହି ସଂକ୍ରାନ୍ତିକୁ 'ଠେକାଉଠା ସଂକ୍ରାନ୍ତି' କୁହାଯାଏ । ଏକମାସ ଧରି ଛତୁଆ ସହିତ ଗୁଡ଼, କଦଳି, ନଡ଼ିଆ, ଦହି, ଛେନା ପ୍ରଭୃତି ମିଶାଇ ବୃନ୍ଦାବତୀ ଓ ପୁର୍ବପୁରୁଷଙ୍କ ସମାଧିପୀଠରେ ପ୍ରସ୍ତୁତ ପ୍ରସାଦ ସମର୍ପଣ କରନ୍ତି। ତେଣୁ ଏହି ସଂକ୍ରାନ୍ତି 'ଛତୁଆ ସଂକ୍ରାନ୍ତି' ନାମରେ ନାମିତ। ଏହି ପବିତ୍ର ଦିବସରେ ଶ୍ରୀରାମଙ୍କର ପରମଭକ୍ତ ବୀରହନୁମାନ ଜନ୍ମଗ୍ରହଣ କରିଥିବାରୁ ଏହିଦିନଟି 'ରାମନବମୀ' ଭାବରେ ମଧ୍ୟ ସୁପରିଚିତ।

ସୂର୍ଯ୍ୟ ସୌରଜଗତର ପାଣକେନ୍ଦ୍ର। ସୂର୍ଯ୍ୟଙ୍କର ମହାକର୍ଷଣ ଶକ୍ତି ବଳରେ ୮ଟି ଗ୍ରହ ସୂର୍ଯ୍ୟଙ୍କ ଚାରିପଟେ ପରିକ୍ରମଣ କରିଥାନ୍ତି। ଏହି ପରିକ୍ରମଣ ଗତି ଯୋଗୁଁ ଋତୁ ପରିବର୍ତନ ହୋଇଥାଏ। ବର୍ଷରେ ୬ଟି ଋତୁ ଏବଂ ଋତୁକ ଦୁଇ ମାସ । ପୃଥିବୀ ପୃଷ୍ଠରୁ ଋତୁରାଜ ବସନ୍ତ ବିଦାୟ ନେବା ପରେ ଗ୍ରୀଷ୍ମ ଋତୁ ଆସିଥାଏ । ଯେଉଁ ଗ୍ରୀଷ୍ମ ଋତୁର ଆରମ୍ଭ ହୁଏ ଏହି ବୈଶାଖ ମାସ ମହାବିଷୁବ ସଂକ୍ରାନ୍ତି ଠାରୁ। ଏହି ଋତୁ ଏକାନ୍ତ ଭାବରେ ରୁକ୍ଷ, କର୍କଶ ଏବଂ ଶୁଷ୍କ ଅଟେ । ଯେଉଁ ଋତୁ ଜୀବଜଗତ ପାଇଁ କଷ୍ଟ ଏବଂ ଯନ୍ତ୍ରଣାଦାୟକ। ଏହି ଋତୁରେ ଗୃହକର୍ତା ମାନେ ଅନ୍ନ, ବସ୍ତ୍ର, ଜଳ, ପଣାମାନ ପ୍ରସ୍ତୁତ କରି ଗରିବ ଓ ବାଟୋଇ ମାନଙ୍କୁ ଦାନକରି ପୁଣ୍ୟ ଅର୍ଜନ କରନ୍ତି । ଏହି ସମୟରେ ଘଂଟପାଟୁଆ ମାନଙ୍କ ଦ୍ୱାରା ଝାମୁଯାତ୍ରା, ଦଣ୍ଡନାଚ, ହିଙ୍ଗୁଳାଯାତ୍ରା ପ୍ରଭୃତି ପରିବେଷଣ କରାଯାଏ। ମହାବିଷୁବ ସଂକ୍ରାନ୍ତି ଠାରୁ ବେଲ, ଅଶ୍ୱସ୍ଥ, ବର, ଶାଳ, ତୁଳସୀ ପ୍ରଭୃତି ବୃକ୍ଷମୂଳରେ ଜଳଦାନ କରି ପୁଣ୍ୟ ଅର୍ଜନ କରାଯାଏ। ଏହି ପବିତ୍ର ଦିନରେ ମନ୍ଦିରକୁ ଯାଇ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ନୂତନବର୍ଷ ଓ ସମାଜର ମଙ୍ଗଳକାମନା ପ୍ରତ୍ୟେକଙ୍କ ଲକ୍ଷ ହେବା ଉଚିତ । ଜାନୁଆରୀ ୧ ତାରିଖ ଇଂରାଜୀ ନବବର୍ଷ ପ୍ରେମରେ ମହାନ୍ଧ ନହୋଇ ମହାବିଷୁବ ସଂକ୍ରାନ୍ତିକୁ ଓଡ଼ିଆ ଜାତିର ନବବର୍ଷ ଭାବରେ ପାଳନ କଲେ ଏ ଜାତିର ଟେକ ରହିବ ଓ ଜଗନ୍ନାଥ ସଂସ୍କୃତି ଘରେ ଘରେ ପହଂଚି ପାରିବ ।

ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ:୯୯୩୭୧୫୧୩୧୦

# ଖାଲସା ପନ୍ଥ ନିର୍ମାଣରେ ଓଡିଶାର ଐତିହାସିକ ଭୂମିକା



## ଡ. ସମନ୍ୱୟ ନନ୍ଦ

ପଣା ସଂକ୍ରାନ୍ତି ହେଉଛି ଓଡିଆ ନବ ବର୍ଷ । ତେଣୁ ଓଡିଶା ପାଇଁ ଏହା ଖୁବ ଅଧିକ ସାମାଜିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରିଥାଏ। ହେଲେ ପଣା ସଂକ୍ରାନ୍ତିର ଦିନ ଇତିହାସରେ ଲିପିବଦ୍ଧ ହୋଇଥିବା ଏକ ଐତିହାସିକ ଘଟଣାକୁ ବୋଧ ହୁଏ ଓଡିଶାବାସୀ ମାନେ ଭୁଲି ଯାଇଛନ୍ତି। ଇତିହାସର ଛାତ୍ର ମାନେ ଜାଣନ୍ତି ଯେ, ଆଜି ଠାରୁ ପ୍ରାୟ ୩ ଶହ ୨୫ ବର୍ଷ ପୂର୍ବେ ୧୬୯୯ରେ ପଣା ସଂକ୍ରାନ୍ତି (ଯାହାକୁ ପଂଜାବରେ ବୈଶାଖୀବୋଲି କୁହାଯାଇଥାଏ) ଦିନ ସପ୍ତସିନ୍ଧୁ କ୍ଷେତ୍ରରେ ସତଲୁଜ ନଦୀ କୂଳରେ ଏକ ବିଶାଳ ରାଷ୍ଟ୍ରୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଭାରତର ଦଶ ଗୁରୁ ପରମ୍ପରାର ଦଶମ ଗୁରୁ ଶ୍ରୀ ଗୋବିନ୍ଦ ରାୟ ଏହି ଆୟୋଜନ କରିଥିଲା । ସେତେବେଳେ ମଧ୍ୟ ଏସିଆର ମୋଗଲ ଇସଲାମୀ ଆକ୍ରମଣକାରୀ ମାନେ ଦେଶର ବିଭିନ୍ନ ଅଂଚଳ ଉପରେ କବଜା କରି ସାରିଥିଲେ । ଔରଙ୍ଗଜେବର ଶାସନ ଥିଲା । ସେ ଭାରତୀୟ ମାନଙ୍କୁ ଇସଲାମରେ ମତାନ୍ତରିତ କରୁଥିଲା । ବିଦେଶୀ ଆକ୍ରମଣକାରୀ ମାନେ ସାରା ଦେଶରେ ଥିବା ସଂସ୍କୃତିର କେନ୍ଦ୍ର ଅର୍ଥାତ ମନ୍ଦିର ଗୁଡିକୁ ଭାଙ୍ଗୁଥିଲେ। ଏହି କାରଣରୁ ମନ୍ଦିର ମାନଙ୍କରେ ଆରତୀ ଓ ଅନ୍ୟ ରୀତି ନୀତି ବାଧାପ୍ରାପ୍ତ ହେଉଥିଲା।

ଦଶ ଗୁରୁ ପରମ୍ପରାର ପ୍ରଥମ ଗୁରୁ ନାନକ ଦେବ ଥରେ ପୁରୀ ଆସିଥିଲେ । ସେତେବେଳେ ସେ କହିଥିଲେ ଯେ ଶ୍ରୀଜଗନ୍ନାଥଙ୍କ ଆରତୀକୁ କିଏ ବନ୍ଦ କରି ପାରିବ ? ସମସ୍ତ ପ୍ରକୃତି ଶ୍ରୀଜଗନ୍ନାଥଙ୍କ ଆରତୀ କରୁଛି । ଆକାଶରେ ଜଳୁଥିବା ତାରା ଗୁଡିକ ଶ୍ରୀଜଗନ୍ନାଥଙ୍କ ଆଗରେ ଦୀପ ଭାବେ ଜଳୁଛନ୍ତି । ମଳୟାନଳରୁ ଆସୁଥିବା ସୁଗନ୍ଧିତ ବାୟୁ ଶ୍ରୀଜଗନ୍ନାଥଙ୍କ ଆଗରେ ଜଳୁଥିବା ଧୂପ ।

ସେହି ଗୁରୁ ନାନକ ଦେବଙ୍କ ପରମ୍ପରାରେ ଦଶମ ଗୁରୁ ଗୋବିନ୍ଦ ରାୟ ସାରା ଦେଶର ଯୁବକ ମାନଙ୍କୁ ଦେଶ ଓ ଧର୍ମର ରକ୍ଷା ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ପଂଜାବ ଡାକିଥିଲେ । ତାଙ୍କର ଏହି ବାର୍ତା ଓଡିଶା ଯାଏ ପହଂଚିଥିଲା । ସାରା ପୂର୍ବ ଭାରତରେ ଏ ନେଇ ଚର୍ଚ୍ଚା ଆଲୋଚନା ହେଉଥିଲା । ଓଡିଶାରେ ଗୁରୁଜୀଙ୍କ ବାର୍ତା ଗାଁ ଗାଁରେ ପହଂଚିବାରେ ଲାଗିଥିଲା । ଦେଶ ଓ ଧର୍ମର ରକ୍ଷା ପାଇଁ ମୋଗଲ ମାନଙ୍କୁ ବିତାଡିତ କରିବାର ସୁଯୋଗ ଉପନୀତ ହେଉଥିଲା । ସାରା ଦେଶ ଏକଜୁଟ ହେବାରେ ଲାଗିଥିଲା । ଯୁବକ ମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଦେଖିବାକୁ ମିଳୁଥିଲା । ପୁରୀ ଶ୍ରୀମନ୍ଦିରରେ ପାଣି ଯୋଗାଉଥିବା ହିମ୍ମତ ରାୟ ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ସାମିଲ ହେବାକୁ ନିଷ୍ପତି ନେଇଥିଲେ । ଏହା ସହିତ ଅନେକ ଯୁବକ ସେଠାକୁ ଯିବାକୁ ମନ ସ୍ଥିର କରି ସାରିଥିଲେ । ସମ୍ପୂର୍ଣ୍ଣ ଓଡିଶାରୁ ଅନେକ ଯୁବକ ଭିନ୍ନ ଭିନ୍ନ ସମୂହ ହୋଇ ପଂଜାବ ଆଡକୁ ଯାଉଥିଲେ । କିନ୍ତୁ ସେମାନେ ଗୋଟିଏ କଥା ଉପରେ ସେମାନେ ଧ୍ୟାନ ଦେଉଥିଲେ । ମୋଗଲ କିମ୍ବା ସେମାନଙ୍କ ଅଧୀନରେ ଥିବା ଶାସକ ଓ ତାଙ୍କର ଗୁପ୍ତଚର ମାନଙ୍କୁ ଏ ବିଷୟରେ ଯେପରି ସୂଚନା ନ ମିଳିବ । ହିମ୍ମତ ରାୟ ଓ ତାଙ୍କର ସାଥୀ ମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟକେ ସାଷ୍ଟାଙ୍ଗ ପ୍ରଣିପାତ କରି ପଂଜାବର ଆନନ୍ଦପୁର ସାହେବ ଅଭିମୁଖେ ବାହାରିଲେ । ତାଙ୍କ ଭିତରେ ନୂଆ ଶକ୍ତିର ସଂଚାର ହେଲା । ତାଙ୍କୁ ମନେ ହେଉଥିଲା ଯେ ସେ ମହାପ୍ରଭୁଙ୍କ ଆଦେଶରେ ଏହି ରାଷ୍ଟ୍ରୀୟ ଯଜ୍ଞରେ ସାମିଲ ହେବାକୁ ଯାଉଛନ୍ତି ।

ଅନେକ ମାସର ଲମ୍ବା ଯାତ୍ରା କରିବାକୁ ଥିଲା । ଧୀରେ ଧୀରେ ଏହି କଠିନ ଯାତ୍ରାକୁ ଶେଷ କରି ହିମ୍ମତ ରାୟ ନିଜର ସାଥୀ ମାନଙ୍କ ସହ ପଂଜାବର ଶିବାଳିକ ଚରଣରେ କଳ କଳ ହୋଇ ପ୍ରବାହିତ ହେଉଥିହା ସତଲୁଜ ନଦୀର କୂଳରେ ପଣା ସଂକ୍ରାନ୍ତି (ବୈଶାଖୀ)ର କିଛି ଦିନ ପୂର୍ବରୁ ପହଂଚି ଯାଇଥିଲେ । ଦେଶର କୋଣ- ଅନୁକୋଣରୁ ଲୋକ ମାନେ ଆସୁଥିଲେ । ସମସ୍ତେ ଗୁରୁଜୀଙ୍କ ସହ ମନ୍ତ୍ରଣା କରୁଥିଲେ। ପ୍ରତ୍ୟେକ ଅଂଚଳରୁ ଆସୁଥିବା ଲୋକ ମାନେ ବିଦେଶୀ ଆକ୍ରମଣକାରୀ ମାନଙ୍କ ଦ୍ୱାରା କରାଯାଉଥିବା ଅତ୍ୟାଚାରର କାହାଣୀ ଶୁଣାଉଥିଲେ । ହିମ୍ମତ ରାୟ , ଗୋବିନ୍ଦ ରାୟଙ୍କ ନାମ ତ ପୂର୍ବରୁ ଶୁଣିଥିଲେ ହେଲେ ପ୍ରଥମ ଥର ପାଇଁ ତାଙ୍କର ଦର୍ଶନ କରୁଥିଲେ । ସପ୍ତ ସିନ୍ଧୁ ଅଂଚଳରେ ଘଟୁଥିବା ଘଟଣା ସମ୍ପର୍କିତ ଖବର ଛାଣି ହୋଇ କିଛି କିଛି ମାତ୍ରାରେ ପୁରୀରେ ପହଂଚୁଥିଲା । କାରଣ ଅନେକ ଜାଟ, ବଲୋଚ, ସିନ୍ଧୀ, ପଶ୍ତୁନ ମାନେ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସୁଥିଲେ । ସେତେବେଳେ ବଲୋଚ ଓ ପଶ୍ତୁନ ମାନେ ଭଗବାନ ବୁଦ୍ଧଙ୍କର ଉପାସକ ଥିଲେ ।

ଗୋବିନ୍ଦ ରାୟଙ୍କ ଚେହେରାର ତେଜ ଦେଖି ହିମ୍ମତ ରାୟଙ୍କ ମନରେ ଦୃଢ ବିଶ୍ୱାସ ଜନ୍ମ ନେବାରେ ଲାଗିଲା ଯେ ଦେଶକୁ ମୋଗଲ ମାନଙ୍କ ଠାରୁ ସ୍ୱାଧୀନ କରାଯାଇ ପାରିବ । ପଣା ସଂକ୍ରାନ୍ତି (ବୈଶାଖୀ) ଦିନ ଗୋବିନ୍ଦ ରାୟ ଦେଶର ବିଭିନ୍ନ କୋଣ- ଅନୁକୋଣରୁ ଆସିଥିବା ଯୁବକ ମାନଙ୍କୁ ଉଦବୋଧନ ଦେବାକୁ ମଂଚ ଉପରକୁ ଚଢିଲେ । ଏଭଳି ମନେ ହେଉଥିଲା ଯେ ସୂର୍ଯ୍ୟଙ୍କର ଉଦୟ ହୋଇଯାଇଛି । ଅଗ୍ନି ଦେବ ସ୍ୱୟଂ ପ୍ରକଟ ହୋଇଯାଇଛନ୍ତି । ଗୁରୁଜୀ ନିଜ ହାତରେ ଖଡ୍ଗ ନେଇ ଗର୍ଜନା କରି କହିଲେ, ଦେଶ ଓ ଧର୍ମର ରକ୍ଷା ପାଇଁ, ମାତୃଭୂମି ପାଇଁ ନିଜର ପ୍ରାଣ ଅର୍ପଣ କରିବାକୁ କଣ କେହି ପ୍ରସ୍ତୁତ ଅଛନ୍ତି ? ଗୁରୁଜୀଙ୍କ ଏହି ସିଂହ ଗର୍ଜନା ଶୁଣି ଚାରିଆଡେ ନୀରବତା ଦେଖା ଦେଇଥିଲା । ଏହା ପରେ ଜଣେ ପରେ ଜଣେ ପାଂଚ ଜଣ ବୀର ମାତୃଭୂମି ଓ ଧର୍ମ ପାଇଁ ନିଜର ପ୍ରାଣ ଦେବାକୁ ମଂଚ ଉପରକୁ ଆସିଥିଲେ । ଇତିହାସରେ ଏହି ପାଂଚ ଜଣଙ୍କୁ ପଂଚ ପ୍ୟାରା ବୋଲି କୁହାଯାଇଥାଏ । ଏହି ପଂଚ ପ୍ୟାରା ମାନଙ୍କ ମଧ୍ୟରେ ଜଣେ ଆମ ରାଜ୍ୟର ଅର୍ଥାତ ପୁରୀର ହିମ୍ମତ ରାୟ ମଧ୍ୟ ଥିଲେ। ଗୁରୁଜୀ ଏହି ପାଂଚ ଜଣ ବୀରଙ୍କୁ ନେଇ ଖାଲସା ପନ୍ଥର ପ୍ରତିଷ୍ଠା କରିଥିଲେ। ତାଙ୍କୁ ଅମୃତ ପାନ କରା ଗଲା । ତାଙ୍କୁ ସିଂହ କରି ଦିଆଗଲା । ଏବେ ହିମ୍ମତ ରାୟ ହିମ୍ମତ ସିଂହ ହୋଇଗଲେ ଓ ଗୁରୁଜୀ ସ୍ୱୟଂ ଗୋବିନ୍ଦ ରାୟରୁ ଗୋବିନ୍ଦ ସିଂହ ହୋଇ ଯାଇଥିଲେ । ଗୁରୁଜୀ ସମ୍ପୂର୍ଣ୍ଣ ଦେଶରେ ନୂଆ ଚେତନା ଜାଗ୍ରତ କରାଇ ଦେଇଥିଲେ । ଜାତି- ପାତିକୁ ଭୁଲି ସାରା ଦେଶ ଏକ ହେଲେ ହିଁ ମୋଗଲ ମାନଙ୍କ ଠାକୁ ମାତୃଭୂମିକୁ ମୁକ୍ତ କରାଯାଇ ପାରିବ। ସମ୍ପୂର୍ଣ୍ଣ ଦେଶରୁ ଯାଇ ପଂଜାବରେ ଏକତ୍ରିତ ହୋଇଥିବା ଯୁବକ ମାନେ ଗୁରୁଜୀଙ୍କ ଏହି ବାର୍ତାକୁ ପହଂଚାଇବାକୁ ନିଜ ନିଜ ଅଂଚଳ ଆଡକୁ ଅଗ୍ରସର ହେଲେ। ହିମ୍ମତ ସିଂହଙ୍କ ସହ ପୁରୀରୁ ଯାଇଥିବା ସାଥୀ ମାନେ ମଧ୍ୟ ପ୍ରତ୍ୟାବର୍ତନ କରିବାର ପ୍ରସ୍ତୁତି କରିବା ଆରମ୍ଭ କଲେ । ହେଲେ ହିମ୍ମତ ସିଂହ ଆଉ ଏବେ ଫେରିବେ ନାହିଁ। ଏବେ ତାଙ୍କ କାନ୍ଧରେ ବଡ ଦାୟିତ୍ୱ ଆସି ଯାଇଥିଲା । ଏହି ଦାୟିତ୍ୱ ଥିଲା ଦେଶକୁ ମୋଗଲ ମାନଙ୍କ କବଳରୁ ମୁକ୍ତ କରିବାର ଦାୟିତ୍ୱ । ତାଙ୍କର ସାଥୀ ମାନଙ୍କର ଆଖିରୁ ଲୁହ ବାହାରୁଥିଲା । ଏଭଳି ଭାବେ ସେମାନେ ବିଦାୟ ନେଲେ । ୧୭୦୫ ମସିହା ଡିସେମ୍ବର ମାସ ୭ ତାରିଖ ଦିନ ଗୁରୁ ଗୋବିନ୍ଦ ସିଂହଙ୍କ ନେତୃତ୍ୱରେ ମୋଗଲ ମାନଙ୍କ ସହ ମାତୃଭୂମିର ରକ୍ଷା ପାଇଁ ଲଢେଇ କରି ହିମ୍ମତ ସିଂହ ସର୍ବୋଚ୍ଚ ବଳିଦାନ ଦେଇଥିଲେ । କିନ୍ତୁ ଓଡିଶା ବୋଧ ହୁଏ ତାର ଏହି ବୀର ସୁପୁତ୍ରକୁ ଭୁଲି ଗଲା । ଆଜି ତାଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଜଣାଇବାର ସମୟ । ସମଗ୍ର ଓଡିଶା ତାଙ୍କ ନିକଟରେ ସର୍ବଦା କୃତଜ୍ଞ ରହିଥିବ ଓ ଆଗାମୀ ପୀଢୀ ମାନେ ତାଙ୍କ ଜୀବନରୁ ପ୍ରେରଣା ନେଉଥିବେ ।




# ବୈଶାଖୀ

## ସୁନନ୍ଦା ମହାନ୍ତି



ବିଷୁବ ଆସିଛି ବୈଶାଖ ଆଣିଛି
ଐଶ୍ୱର୍ଗୀକ ଚିନ୍ତା ଚେତନା ଚୈତନ୍ୟ
ଚଉରା ମୂଳରେ ତୁଳସୀ ଦେବୀଙ୍କୁ
ଝୁଣା ପଣା ଦୀପ ଦାନ
ବୈଶାଖି ଟାଙ୍ଗି ଛାମୁଣ୍ଡିଆ ବାନ୍ଧି
ଘଡିରୁ ଜଳ ବହନ

ଜଳ ଦାନ ମହାପୂଣ୍ୟ ଭଳି କଥା
ତୁଳସୀ ମୂଳେ ସମାପନ
ନଡ଼ିଆ ଚାଞ୍ଚ ଘଡି ପଥୁଲି ଓ ଶିକା
ବ୍ରାହ୍ମଣଙ୍କ ସ୍ତୋତ୍ର ପଠନ
ସୂର୍ଯ୍ୟଙ୍କ ତେଜ ପ୍ରଖର ଆଜ
ଧରାର ଖରାକୁ ଆହ୍ୱାନ

ଅଂଶୁଘାତ ଦୂର ହେଉ ସୂର୍ଯ୍ୟଦେବ
ଏହି ମାତ୍ର ନିବେଦନ

ଘଟେ ନାରାୟଣ ସୃଷ୍ଟି ସମ୍ଭାବନ
ରହୁ ପ୍ରଭୁ ସବୁଦିନ
ଗଛରେ ନେଳି ପତ୍ର ନଈ ରେ ଜଳଛତ୍ର
ସୃଷ୍ଟି ବଞ୍ଚିରହୁ ଚିରଦିନ

ବୈଶାଖି ର ଖରା ବଡ଼ ତୋରା
ଟଙ୍କ ତୋରାଣୀରେ ମନ
ପାଣି ପଣା ଦେଇ କରୁ ପ୍ରଭୁ ଛାଇ
ଗଛଟିଏ ହୋଇ ଦିଅ ପ୍ରଭୁ ଅମ୍ଳଜାନ
ପ୍ରତୀକ ତୁଳସୀ ବୈଶାଖି ଆଭାସି
ଜଳଛତ୍ର ମହାପୂଣ୍ୟ।

ସାକ୍ଷୀଗୋପାଳ
ପୁରୀ
ମୋ:୯୦୪୦୯୭୭୩୨୭

# ତୁମେ ପରା ସମର୍ପିତ

## ନଗେନ୍ଦ୍ର ନାଥ ପଟ୍ଟନାୟକ

ସଙ୍କଟମୋଚନ ପ୍ରଭୁ ହନୁମାନ
ତୁମେ ଜ୍ଞାନ ଗନ୍ତାଘର
କାଳଜୟୀ କର୍ମମାନ ପାଇଁ ତୁମେ
ହୋଇଅଛ କର୍ମବୀର ।।

ଈଶ୍ୱର ପ୍ରାପ୍ତିର ତିନିଗୋଟି ମାର୍ଗ
ଶାସ୍ତ୍ରରେ ହୋଇଛି ଲେଖା
ଅନୁସରି ମାର୍ଗ ଜ୍ଞାନ କର୍ମ ଭକ୍ତି
ପାଇଲ ଈଶ୍ୱର ଦେଖା ।।

ସଦାକାଳେ ପ୍ରଭୁ ରାମଙ୍କ ସେବାରେ
ତୁମେ ପରା ସମର୍ପିତ
ଦିନ ରାତି ତାଙ୍କ ବନ୍ଦନ ସ୍ମରଣ
ତୁମ ପାଇଁ ସେତ ଇଷ୍ଟ ।।
ଶ୍ରବଣ କୀର୍ତ୍ତନ ଅର୍ଚ୍ଚନ ବନ୍ଦନ
ଦାସ୍ୟ ଆତ୍ମ-ନିବେଦନ
ସଖ୍ୟ ପାଦସେବା ଅଟଇ ଭକ୍ତିର
ନଅଗୋଟି ରୂପ ଜାଣ ।।

ମାହାରଙ୍କର ଅନ୍ତରେ ଆତ୍ମାଟି
ସ୍ୱୟଂ ଶ୍ରୀରାମ ସାଇଁ
ପ୍ରଭୁ ମହାବୀର ଜୟନ୍ତୀ ଦିବସେ
ଆମ ମଥା ଯାଉ ନଇଁ ।।

+ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

# ବିଷୁବ ସଂକ୍ରାନ୍ତି : ବଳିଙ୍କ ଶସ୍ୟ ଯଜ୍ଞ ଓ ବୋରିକ ମେଲଣ

## ସମୀର ସାମନ୍ତରାୟ



ମହାନ ଓଡ଼ିଆ ଆଧାତ୍ମିକ ଓ ଜନଜୀବନ ଚେତନାରେ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ଗ୍ରହଣୀୟତା ଓ ଆଦରପଣ ସହ ଏହି ଦିନଟି ଆମ ସମସ୍ତଙ୍କ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ଦିନଟି ହେଉଛି ଆମ ଓଡ଼ିଆ ନବ ବର୍ଷ। ଆନନ୍ଦମୟ ଋତୁ କୁହାଯାଉଥିବା ସବୁଜିମାର ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମ ମୁଣ୍ଡ ଉପରକୁ ଆସିବା ପୂର୍ବରୁ ଯେପରି ପ୍ରକୃତି ସବୁ କିଛି ବ୍ୟବସ୍ଥା ଆମ ପାଇଁ ଖଞ୍ଜି ଦେଇଥାଏ। ଏହି ମହାବିଷୁବ ସଂକ୍ରାନ୍ତିରୁ ପାରମ୍ପରିକ ଭାବେ ଓ ନାକ୍ଷତ୍ରିକ ଦିଗ ଦେଖିଲେ ଗ୍ରୀଷ୍ମଋତୁର ଆରମ୍ଭ ଦିନଟି। ଓଡ଼ିଆଙ୍କ ପାଇଁ ଘରମୁଣ୍ଡ ପାଖରେ ଥିବା ଚଉଁରାରେ ଓ ବେଲଗଛ ମୂଳରେ ଏହି ଦିନରେ ପଣା ଓ ଭୋଗ ସମର୍ପଣ ହୁଏ। ଆମ ଓଡ଼ିଆ ଆଧାତ୍ମିକ ସଂସ୍କୃତିରେ କାର୍ତ୍ତିକ ମାସ ଆକାଶ ଦୀପ ପରି ଏହି ଦିନରୁ ନିର୍ଦ୍ଦିଷ୍ଟ ତିଥି ପର୍ଯ୍ୟନ୍ତ ଚଉଁରା ଉପରେ ପତ୍ର ସୁସଜ୍ଜିତ ବ୍ୟବସ୍ଥା ଅନୁଯାୟୀ ବସୁନ୍ଧରା ଠେକିରେ କଣା କରି ସେଥିରେ ଛତୁଆ, ଦହି, ଗୁଡ଼ ମିଶା ବେଲପଣା ରଖି ଟଙ୍ଗା ଯାଇଥାଏ । ଏହି ଅବସରରେ ଆମ ଓଡ଼ିଶାର ଦକ୍ଷିଣ ଅଞ୍ଚଳର ଗଞ୍ଜାମ, ବ୍ରହ୍ମପୁର, ନୟାଗଡ଼ ପରି ଅଞ୍ଚଳରେ ଦଣ୍ଡନାଚ ଓ ପ୍ରସିଦ୍ଧ ଝାମୁ ଯାତ୍ରା ଆରମ୍ଭ ହୋଇଥାଏ। ସେହିପରି ଉତ୍ତର ଓଡ଼ିଶା ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଚଡ଼କ ପର୍ବ ବେଶ୍ ଧୂମଧାମରେ ପାଳିତ ହୋଇଥାଏ । ଭକ୍ତିଭାବନା ସହ ମାନସିକଧାରୀ ଦଣ୍ଡ ପାଟୁଆଙ୍କ ଭକ୍ତ ସମର୍ପଣ ଓ ନିଆଁରେ ଦୁଃସାହାସିକ ଯାତ୍ରା ଆଖି ତରାଟି ଦେଇଥାଏ। ଏହି ସ୍ମରଣୀୟ ମହାବିଷୁବ ସଂକ୍ରାନ୍ତି ଦିନଟି ଆମ ଓଡ଼ିଆ ଘରର ନୂଆବର୍ଷ ହୋଇଥିବାରୁ ସମସ୍ତଙ୍କ ଘରେ ଘରେ ଥିବା ଥିବା ଆରାଧ ଇଷ୍ଟ ଦେବାଦେବୀଙ୍କ ସ୍ୱତନ୍ତ୍ର ପୂଜା, ହୋମଯଜ୍ଞ କେହି କେହି କରିଥାନ୍ତି। ପ୍ରାୟତଃ ଗ୍ରାମଦେବତୀଙ୍କ ପାଖରେ ସ୍ୱତନ୍ତ୍ର ମାଜଣା ଓ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳର ମଠ ମନ୍ଦିର ମାନଙ୍କରେ ଏହି ଦିନରେ ଅନେକ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେହିପରି ମହାବିଷୁବ ସଂକ୍ରାନ୍ତିର ଆଉ ଏକ ସ୍ୱତନ୍ତତା ହେଉଛି ଏହି ଦିନ ଓଡ଼ିଆ ପଞ୍ଜିକା ପାରମ୍ପରିକ ଭାବେ ପ୍ରଚଳନ ହୋଇଥାଏ। ବିଷୁବ ସଂକ୍ରାନ୍ତି ତିଥିଟି ଭଗବାନ ହନୁମାନଙ୍କ ଜନ୍ମ ତିଥି ହୋଇଥିବାରୁ ଅନେକ ସ୍ଥାନରେ ପୂଜାଅର୍ଚ୍ଚନା ଓ ଦିନ ତମାମ ହନୁମାନ ଚାଳିଶା ଆଦି ପାଠ ଅନୁଷ୍ଠିତ ହୋଇଥାଏ। ବିଶ୍ୱାସ ରହିଛି ଅଗ୍ନି ଓ ବାୟୁଙ୍କ କୋପରୁ ରକ୍ଷା ପାଇବା ପାଇଁ ଭଗବାନ ହନୁମାନ ଆଶୀର୍ବାଦ କରିଥାନ୍ତି। ପଣା ସଂକ୍ରାନ୍ତିରେ ଅନେକଙ୍କ ବ୍ରତ ନିଷ୍ଠାପର ଭାବେ ପାଳନ କରିଥାନ୍ତି।

ତ୍ରେତା ଯୁଗର କଥା, ଭକ୍ତ ପ୍ରହଲ୍ଲାଦଙ୍କ ପୌତ୍ର,ଅସୁରରାଜା ବିରୋଚନ ଓ ମାତା ଦେବାମ୍ବାଙ୍କ ପୁତ୍ର ପ୍ରବଳ ପ୍ରତାପୀ ଧାର୍ମିକ, ପ୍ରଜା ବତ୍ସଳ ମହାଦାନୀ ବଳୀ ନିଜ ପରାକ୍ରମରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳକୁ ଜୟକରି, ଇନ୍ଦ୍ରଙ୍କ ସ୍ଥାନକୁ ଦଖଲ କରିବାକୁ ଶହେ ଅଶ୍ୱମେଧ ଯଜ୍ଞ (ଅନେକ ସ୍ଥାନରେ ଶସ୍ୟଯଜ୍ଞ ବୋଲି କହିଥାନ୍ତି)ର ଆୟୋଜନ କରିଥାନ୍ତି । ଅନେଶୋତ ଯଜ୍ଞ ଶେଷକରି ଏକଶତତମ ଯଜ୍ଞ ସମୟରେ କଶ୍ୟପ ଋଷି ଓ ଅଦିତିଙ୍କ ପୁତ୍ର ବାମନ ରୂପି ଭଗବାନ ବିଷ୍ଣୁ ଯଜ୍ଞସ୍ଥଳରେ ପହଁଚି। ଦାନ ସ୍ୱରୂପ ତିନିପାଦ ଭୂମି ମାଗିଥିଲେ ଦାନବୀର ବଳିଙ୍କୁ । ଅସୁରରାଜାଙ୍କ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ବିରୋଧ ସତ୍ୱେ ବଳୀ ତିନିପାଦ ଭୂମି ବ୍ରାହ୍ମଣ ବାମନଙ୍କୁ ଦାନ କରିବାକୁ ପ୍ରତିଶୃତି ଦେଇଥିଲେ । ବାମନ ରୂପି ଭଗବାନ ବିଷ୍ଣୁ ଦୁଇପାଦରେ ସ୍ୱର୍ଗ ମର୍ତ୍ତ୍ୟକୁ ଦଖଲ କରିବାପରେ ତୃତୀୟପାଦ ଭୂମି ପାଇଁ ମହାଦାନୀ ଧର୍ମପରାୟଣ ରାଜା ବଳୀ ନିଜ ମସ୍ତକକୁ ନୂଆଁଇ ନିଜେ ସମର୍ପିତ ହୋଇଥିଲେ । ବଳୀ ମସ୍ତକରେ ପାଦରଖି ବାମନ ରୂପି ବିଷ୍ଣୁଙ୍କୁ ପାତାଳଗାମୀ କରାଇ ଇନ୍ଦ୍ରଙ୍କୁ ରକ୍ଷା କରିଥିଲେ । ଲୋକ କଥାରୁ ଜଣାଯାଏ, ସେହିଦିନରୁ ଅଦ୍ୟାବଧି କଟକ ଜିଲ୍ଲା,କଟକ ସଦର ଥାନା ଅର୍ନ୍ତଗତ କୁରୁକୁଲ୍ୟା (ବର୍ତମାନ ସିଡୁଆ) ନଦୀକୂଳରେ ଅବସ୍ଥିତ କୋରକରା ଗ୍ରାମଠାରେ ପ୍ରତ୍ୟେକ ବର୍ଷ ମହାବିଷୁବ (ପଣା)ସଂକ୍ରାନ୍ତି ସମୟରେ ବୋରିକ ମେଲଣ ପଡିଆରେ ଶସ୍ୟଯଜ୍ଞ ଅନୁଷ୍ଠିତ ହୋଇଆସୁଅଛି। ସେହିଦିନ ଆଖପାଖ ଅଂଚଳରେ ଶତାଧିକ ମାନସିକ କରୁଥିବା ଭକ୍ତ ଶସ୍ୟଯଜ୍ଞରେ ଶସ୍ୟମାନ ଆହୁତି ଦେଇଥାନ୍ତି । ସ୍ଥାନୀୟ ଯୋଗୀ(ନାଥ) ସଂପ୍ରଦାୟର ଲୋକମାନଙ୍କ ଦ୍ୱାରା ଯଜ୍ଞ ସମାପନ କରିଥାନ୍ତି । ବଳୀଙ୍କ ଶସ୍ୟଯଜ୍ଞ ହେବା ଏବଂ ତାଙ୍କ ଶାସନକାଳରେ ପ୍ରଜାମାନେ ଭଲ ଶସ୍ୟ ଉତ୍ପାଦନପାଇଁ ଶସ୍ୟମାନ ଆହୁତି ଦେବାର ପ୍ରଥା ଆଜିଯାଏ ଚାଲୁଅଛି। ବଳୀପୁତ୍ରଙ୍କ ମ୍ନରୁ ଜ୍ୟେଷ୍ଠପୁତ୍ର ବାଣେଶ୍ୱରଙ୍କ ମନ୍ଦିର ନିକଟସ୍ଥ ଶ୍ରୀସୁନ୍ଦରପୁର ଗ୍ରାମରେ ଥିବା ଅନ୍ୟଏକ ପ୍ରମାଣ ମିଳେ ବଳୀଙ୍କ ଶାସନ ସମ୍ବନ୍ଧରେ ।

ମହାବିଷୁବ ସଂକ୍ରାନ୍ତିର ପୂର୍ବଦିନ ଅର୍ଥାତ୍ ମା'ସନ୍ତ ଦିନ ମଧ୍ୟ ରାତ୍ରରୁ କୋରକରା,ଖଲର୍ଦ୍ଧା, ନାହଳପୁର, ନୂଆଗାଁ ଓ ଗୋବିନ୍ଦପୁର ପଂଚାୟତର ବିଭିନ୍ନ ଗ୍ରାମରୁ ଚଉଦଟି ସୁସଜ୍ଜିତ ବିମାନରେ ଠାକୁର ବିଭିନ୍ନ ପ୍ରକାର ଆତସବାଜି ,ପାରମ୍ପରିକ ନୃତ୍ୟଗୀତ ବାଜା ଆଦି ଦ୍ୱାରା ଶୋଭାଯାତ୍ରାକରି ମେଲଣ ପଡ଼ିଆରେ ପହଁଚିଥାନ୍ତି ,ସକାଳୁ ସାକଲୁ ବ୍ରାହ୍ମଣ ପୂଜାକରି ସେହି ଠାକୁର ମାନଙ୍କୁ ବିଦାୟ ଦେଇଥାନ୍ତି, ଠିକ୍ ମାସ ଅନ୍ତ ଭଳି ମହାବିଷୁବ ସଂକ୍ରାନ୍ତି ଦିନ,ଦିନରେ ଶସ୍ୟଯଜ୍ଞ ଶେଷହେବାପରେ ମଧ୍ୟରାତ୍ରରେ ପରମହଂସରୁ ପରମହଂସନାଥ, ବାଙ୍କଶ୍ୱରରୁ ବାଙ୍କନାଥ,ଖଲର୍ଦ୍ଧାରୁ ମହାବୀର ଓ ଗୋବିନ୍ଦପୁରରୁ ଗୋପିନାଥଙ୍କ ଚାରିଗୋଟି ସୁସଜ୍ଜିତ ବିମାନରେ ଠାକୁର ପୂର୍ବରାତ୍ରିଭଳି ଶୋଭାଯାତ୍ରା କରି ସକାଳୁ ସକାଳୁ ମେଲଣ ପଡିଆରେ ପହଁଚି ପୂଜାପାଇ ବିଦାୟ ନିଅନ୍ତି । ମହାବିଷୁବ ସଂକ୍ରାନ୍ତିଠାରୁ ସାତଦିନ ବ୍ୟାପି ଏଠାରେ ଏକ ଛୋଟ ବାଲିଯାତ୍ରା ଭଳି ଦୋକାନବଜାର ଲାଗିଥାଏ, ଆଖପାଖ ଦୁଇଗୋଟି ନିର୍ବାଚନ ମଣ୍ଡଳୀ କଟକ ସଦର ଓ ନିଆଳୀ ଅଂଚଳର ଲୋକେ ହାଣ୍ଡି, କୁଣ୍ଡେଇ, ଝାଡୁ, କାଠନିର୍ମିତ ସାମଗ୍ରୀ ଓ ମନୋହରୀ ଭଳି ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରିଥାନ୍ତି । ସାତଦିନ ପର୍ଯ୍ୟନ୍ତ କୋରକରା ଗ୍ରାମସହ ଆଖପାଖ ଗ୍ରାମବାସୀମାନଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ରଖିବା ସହିତ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ, ପୋଲିସ ଓ ପ୍ରଶାସନ ପକ୍ଷରୁ ମଧ୍ୟ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥାଏ।

ଏମିତିରେ ଦେଖିଲେ ମହାବିଷୁବ ସଂକ୍ରାନ୍ତି କେବଳ ଆମ ଆଧାତ୍ମିକ ଭାବନା ନୁହେଁ ବରଂ ଶାରୀରିକ ସୁସ୍ଥତା ଚେତନାର ଅନେକ ପ୍ରେରଣାଦାୟୀ ଦିଗକୁ ଶିକ୍ଷା ଦେଇଥାଏ। ଏହି ଦିନରେ ବେଲପଣା ଓ ବୁଟ ଛତୁଆ ସହ ବିଭିନ୍ନ ସ୍ୱାସ୍ଥ୍ୟ ଉପାଦେୟ ଖାଦ୍ୟଶସ୍ୟକୁ ନେଇ ଯେଉଁ ସ୍ୱତନ୍ତ୍ର ଛତୁଆ ଭଗବାନଙ୍କୁ ଅର୍ପଣ ହୋଇଥାଏ ତାହାକୁ ପରବର୍ତ୍ତୀ ସମୟରେ ଆମେ ଗ୍ରହଣ କରିଥାଉ। ଖରାଦିନ ସମୟରେ ବେଲପଣା ଓ ବୁଟ ଛତୁଆ ଶରୀର ପାଇଁ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ସମସ୍ତେ ଭଲ ଭାବେ ଜାଣିଛେ। ଏହି ଦିନରେ ଅନେକ ଆଧାତ୍ମିକ ଦାତବ୍ୟ ଅନୁଷ୍ଠାନ ଓ କିଛି ଧର୍ମପରାୟଣ ବ୍ୟକ୍ତିବିଶେଷ ମଠ ମନ୍ଦିର ହେଉ ବା ଅନ୍ୟ ସ୍ଥାନରେ ଜଳଛତ୍ର, ପଣାଛତ୍ର, ଅନ୍ନଦାନ, ବସ୍ତ୍ରଦାନ ପରି ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥାନ୍ତି। ଓଡ଼ିଆ ପଞ୍ଜିକା ବ୍ୟବସ୍ଥା ଅନୁଯାୟୀ ପଣା ସଂକ୍ରାନ୍ତି ବର୍ଷ ତମାମର ଅନ୍ୟ ସବୁ ସଂକ୍ରାନ୍ତି ଠାରୁ ସ୍ୱତନ୍ତ୍ର ଓ ଅନନ୍ୟ। ଆମର ବର୍ଷର ପାରମ୍ପରିକ ସଂକ୍ରାନ୍ତିଟି ହେଉଛି ମକର ସଂକ୍ରାନ୍ତି। ଏହାପରେ ଫେବୃଆରୀ ମାସରେ କୁମ୍ଭ ସଂକ୍ରାନ୍ତି, ମାର୍ଚ୍ଚ ମାସର ମୀନ ସଂକ୍ରାନ୍ତି, ମଇ ମାସର ବୃଷ ସଂକ୍ରାନ୍ତି, ଜୁନ୍ ମାସର ରଜ ସଂକ୍ରାନ୍ତି, ଜୁଲାଇର କର୍କଟ ସଂକ୍ରାନ୍ତି, ଅଗଷ୍ଟର ସିଂହ ସଂକ୍ରାନ୍ତି, ସେପ୍ଟେମ୍ବରର କନ୍ୟା ସଂକ୍ରାନ୍ତି, ଅକ୍ଟୋବରର ତୁଳା ବା ଗର୍ଭଣା ସଂକ୍ରାନ୍ତି, ନଭେମ୍ବରର ବିଛା ସଂକ୍ରାନ୍ତି ପରି ବା ଧନୁ ମୁଆଁର ଅବକାଶ ରଖୁଥିବା ଧନୁ ସଂକ୍ରାନ୍ତି ବର୍ଷ ତମାମର ବିଭିନ୍ନ ସଂକ୍ରାନ୍ତି ଭିତରେ ଏହି ସଂକ୍ରାନ୍ତିର ସ୍ଥାନର ଏକ ସ୍ୱତନ୍ତତା ଥାଏ। ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷୁବର ପବିତ୍ର ପାର୍ବଣ ଆମର ସାମାଜିକ, ଆଧାତ୍ମିକ ଓ ପାରିବାରିକ ଅପୂର୍ବ ସମ୍ପର୍କର ଭିତ୍ତିଭୂମିକୁ ସୁଦୃଢ଼ କରିଛି ନିଶ୍ଚୟ।


+ସଭାପତି, ବୋରିକ ମେଲଣ ଶାନ୍ତି କମିଟି ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ,
କୋରକରା, କଟକ
ମୋ : ୯୪୩୭୦୭୨୬୪୬


# ଭକ୍ତ କୁଳ ତିଳକ ହନୁମାନ ଜୀ କି ଜୟ !

## ଡାକ୍ତର ଉମେଶ ଚନ୍ଦ୍ର ପାତ୍ର





ଯୁଗେ ଯୁଗେ ଧର୍ମ ରକ୍ଷା ନିମନ୍ତେ ଭଗବାନ ଶିବ ବହୁବାର ଅବତାର ନେଇଥିବା ଶିବପୁରାଣରେ ବର୍ଣ୍ଣନା ରହିଛି । ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଙ୍କ ସହାୟତା କରିବା ଲାଗି ତଥା ଧର୍ମ ରକ୍ଷା ନିମନ୍ତେ ଭଗବାନ ମହାଦେବଙ୍କ ଅବତାର ବୀର ହନୁମାନ ଜନ୍ମ ନେଇଥିଲେ । ହନୁମାନଙ୍କୁ ମହାଦେବଙ୍କ ଶ୍ରେଷ୍ଠ ଅବତାର ବୋଲି କୁହାଯାଇଥାଏ । ପିତା ବାନର ରାଜ କେଶରୀ ଓ ମାତାଙ୍କ ଅଞ୍ଜନାଙ୍କ ଔରସରୁ ପ୍ରବଳ ପ୍ରତାପୀ ତେଜସ୍ୱୀ ଓ ପରାକ୍ରମୀ ପୁତ୍ର ହନୁମାନ ଜନ୍ମ ନେଇଥିଲେ। ସୂର୍ଯ୍ୟଦେବ ହନୁମାନଙ୍କୁ ନିଜ ୧୦୦ତମ ତେଜ ପ୍ରଦାନ କରିଥିଲେ । ଏହାଦ୍ୱାରା ହନୁମାନ ଶାସ୍ତ୍ରଜ୍ଞ ହୋଇପାରିଥିଲେ । ଶାସ୍ତ୍ରଜ୍ଞାନରେ ତାଙ୍କ ସହ କେହି ତୁଳନୀୟ ନଥିଲେ । ଧର୍ମରାଜ ତାଙ୍କୁ ବରଦାନ ଦେଇଥିଲେ ଯେ କେବେହେଲେ ଯମଦଣ୍ଡ ହନୁମାନଙ୍କୁ ଛୁଇଁପାରିବ ନାହିଁ । ଗଦା କେବେ ହେଲେ ହନୁମାନଙ୍କ ଅନିଷ୍ଟ କରିପାରିବ ନାହିଁ ବୋଲି କୁବେର ବରଦାନ ଦେଇଥିଲେ । କୌଣସି ଶିବାସ୍ତ୍ର ହନୁମାନଙ୍କ ଅନିଷ୍ଟ କରିପାରିବ ନାହିଁ ବୋଲି ମହାଦେବ ତାଙ୍କୁ ବରଦାନ ଦେଇଥିଲେ । ସେହିପରି ବଜ୍ର କେବେହେଲେ ହନୁମାନଙ୍କ ଅନିଷ୍ଟ କରିବ ନାହିଁ ବୋଲି ଇନ୍ଦ୍ରଦେବ ବରଦାନ ଦେଇଥିଲେ । ଦେବଶିଳ୍ପୀ ବିଶ୍ୱକର୍ମା ହନୁମାନଙ୍କୁ ବରଦାନ ଦେଇଥିଲେ, ତାଙ୍କ ଦ୍ୱାରା ନିର୍ମିତ କୌଣସି ଶସ୍ତ୍ର ହନୁମାନଙ୍କ କୌଣସି ଅନିଷ୍ଟ କରିପାରିବ ନାହିଁ । ସେ ସର୍ବଦା ଚିରଞ୍ଜିବୀ ହୋଇ ରହିବେ । ମହାବୀର ହନୁମାନ ଭକ୍ତି, ସେବା, ଜ୍ଞାନ, ସମର୍ପଣର ମହାନ ଉଦାହରଣ ରଖି ଯାଇଛନ୍ତି। ମାନବ କଲ୍ୟାଣ ଉଦ୍ଦେଶ୍ୟରେ ଭୂପୃଷ୍ଠରେ ଜନ୍ମ ନେଇ ବୀର ହନୁମାନ ଆଜି ବି ଅସଂଖ୍ୟ ଭକ୍ତଙ୍କୁ ନିଜ ଆଶୀଷ ପ୍ରଦାନ କରୁଛନ୍ତି । ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସତ୍ୟଯୁଗର ଆଉ ଏକ ନାମ କୃତଯୁଗ ବା କ୍ରିୟାନ୍ୱିତ ଯୁଗ। ସକ୍ରିୟ ନ ହେଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ। ସତ୍ୟଯୁଗ ମୋର ମନେହୁଏ ବଞ୍ଚିବା ଓ ବଢ଼ିବାର ଯୁଗ। ସତ୍ୟଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋଳଅଣା। ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଆଗେଇ ଚାଲେ। ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତିପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ। ତ୍ରେତୟାରେ ଧର୍ମ ତିନିପାଦ ଓ ଅଧର୍ମ ଏକ ପାଦ। ସେତେବେଳେ ମଧ୍ୟ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ରହିଛି। ଦ୍ୱାପରରେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ। ସତ୍ତା ଓ ପ୍ରବୃତ୍ତି ଦୁଇ ଦିଗରେ ମନୁଷ୍ୟର ସମାନ ଝୋଁକ୍। ପ୍ରବୃତ୍ତିପରାମୃଷ୍ଟତା ଯୋଗୁଁ ସତ୍ତାର ଜ୍ୟୋତି କ୍ଷୀଣ ହୋଇଉଠେ। ଆଉ କଳିରେ ଅଧର୍ମ ତିନିପାଦ ଓ ଧର୍ମ ଏକପାଦ। ସତ୍ତାକୁ କ୍ଷୁର୍ଣ୍ଣ କରି ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ମଧ୍ୟ ପାଇବା ଓ ଉପଭୋଗର ଦୂରନ୍ତ ଲାଳସା। ଯାହାର ନମୁନା ଚର୍ତୁଦିଗରେ ଦେଖାଯାଏ।

ତ୍ରେତୟାରେ ନୟନାଭିରାମ ଶ୍ରୀରାମଚନ୍ଦ୍ରଙ୍କର ବେଷ୍ଟନୀ ଥିଲା ଅତ୍ୟନ୍ତ ସୁଦୃଢ଼। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପରମବୀର ହନୁମାନ, ଜାମ୍ବୁବାନ, ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ ଓ ବିଭୀଷଣ ସମସ୍ତେ ମିଶି ଏକ ଶକ୍ତିଗୁଚ୍ଛ ହିସାବରେ ପ୍ରଭୁଙ୍କର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିଲେ। ହଜରତ୍ ରସୁଲଙ୍କର ମଧ୍ୟ ଏକ ଶକ୍ତିମାନ ଗୁଚ୍ଛ ଥିଲା। ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ୱସ୍ତି ନିମିତ୍ତ ସମସ୍ତ କାର୍ଯ୍ୟ କରିଛନ୍ତି। ଏହା ହିଁ ତାଙ୍କର ଆତ୍ମପ୍ରସାଦ ଥିଲା ଓ ଏହା କରିବାକୁ ଯାଇ ତାଙ୍କର ଶକ୍ତି ଦିନକୁ ଦିନ ବଢ଼ି ଉଠିଥିଲା। ତାଙ୍କର ଇତର ଅହଂକାର ନଥିଲା। ଚାହିଁବା ଓ ପାଇବାର ପ୍ରଶ୍ନ ମଧ୍ୟ ନଥିଲା। ଏକମାତ୍ର ଚାହିଦା ଥିଲା ପ୍ରଭୁଙ୍କର ପରିପୂରଣ ଓ ଶାନ୍ତି। ଏଥିପାଇଁ ତାଙ୍କର ଶକ୍ତିର ପରିସର ଦିନକୁ ଦିନ ବଢ଼ି ଉଠିଥିଲା। ଧର୍ମ ଯେଉଁଠାରେ ସେଠାରେ ବୀର୍ଯ୍ୟ, ଯଶ ଓ ଐଶ୍ୱର୍ଯ୍ୟ। ଭକ୍ତି କେତେବେଳେ ହେଲେ ମନୁଷ୍ୟକୁ ଦୁର୍ବଳ କରେନାହିଁ ବରଂ ମନୁଷ୍ୟକୁ ଚିରପରାକ୍ରମଶୀଳ ଉର୍ଜ୍ଜୀ ତେଜ ସଂପନ୍ନ ଭକ୍ତ କରି ଉଠାଏ। ଭକ୍ତ କେତେବେଳେ ହେଲେ ଇଷ୍ଟଙ୍କର ବୋଝ ହୋଇଉଠେନାହିଁ, ଗଳଗ୍ରହ ହୋଇଉଠେନାହିଁ ବରଂ ନିଜର ସମସ୍ତ ବଳ ଓ ପରାକ୍ରମ ଦେଇ ପ୍ରଭୁଙ୍କର ସେବାକରେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପରମବୀର ହନୁମାନ। ଆମ୍ଭମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ ହନୁମାନ ଭଳି ଭାବ ଓ ଭକ୍ତି ନେଇ। ହନୁମାନ ହେଉଛନ୍ତି ଭକ୍ତମାନଙ୍କର ରାଜା। ଦୈତ୍ୟରାଜ ରାବଣକୁ ଭଗବାନ ରାମ କ୍ଷମା କରିଦେଇଥିଲେ କିନ୍ତୁ ହନୁମାନ କ୍ଷମା କରିନାହାନ୍ତି। ଭକ୍ତି ସହକାରେ କହିଥିଲେ - ଆପଣଙ୍କ ଶତ୍ରୁକୁ ଆପଣ କ୍ଷମା କରିପାରନ୍ତି କିନ୍ତୁ ମୁଁ କ୍ଷମା କରିପାରିବି ନାହିଁ। ଏହା ହିଁ ହେଉଛି ସଚ୍ଚା ଅନୁରାଗର ନିଶାଣା। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଆତ୍ମପ୍ରତିଷ୍ଠାର ର୍ନିବାଧ ପନ୍ଥା ହେଲା ଇଷ୍ଟ ପ୍ରତିଷ୍ଠା। ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ। ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ୍ତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦ୍‌ବୋଧ ଥିଲା। ଆଜି ପବିତ୍ର ହନୁମାନ ଜୟନ୍ତୀରେ ପରମ ଭକ୍ତ ହନୁମାନଙ୍କର ଗୁଣ, ବୀର୍ଯ୍ୟ, ଭକ୍ତି ଓ ସାମର୍ଥ୍ୟକୁ ସ୍ମରଣ କରି ସମଗ୍ର ମାନବ ସମାଜକୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଉର୍ଜ୍ଜୀଭକ୍ତିର ପରମ୍ପରାକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଜୟଶ୍ରୀ ରାମ। ଜୟ ଶ୍ରୀ ହନୁମାନ।


+ପ୍ରତିରଦ୍ଧିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ଦୂରଭାଷ : ୯୩୩୮୧୦୦୮୩୭


# 'ଆମ ସଂସ୍କୃତିରେ ବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷର ମହତ୍ତ୍ୱ'

## ଅମୂଲ୍ୟ କୁମାର ପଣ୍ଡା



ମହାବିଷୁବ ସଙ୍କ୍ରାନ୍ତି ଦିନ ହେଉଛି ଓଡ଼ିଆ ନୂଆବର୍ଷର ପ୍ରଥମ ଦିନ । ସୌରମାନ ମାସ ଅନୁସାରେ ତିଥି, ବାର ଇତ୍ୟାଦି ଗଣନା କରାଯାଏ । ଏହି ଗଣନା ଅନୁସାରେ ଆମେ ବାରମାସରେ ବାରଟି ସଙ୍କ୍ରାନ୍ତି ପାଳନ କରିଥାଉ । ଏହି ବାରଟି ସଙ୍କ୍ରାନ୍ତି ବାରଟି ରାଶିନାମରେ ନାମିତ ହୋଇଥାନ୍ତି, ଯଥା: ମେଷ, ବୃଷ......କୁମ୍ଭ, ମୀନ ଆଦି । ଗୋଟିଏ ସଙ୍କ୍ରାନ୍ତିରୁ ପରବର୍ତ୍ତୀ ସଙ୍କ୍ରାନ୍ତି ପର୍ଯ୍ୟନ୍ତ ସମୟକୁ ଗୋଟିଏ ମାସ କୁହାଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଏହି ଦିନ ମେଷରାଶିରେ ପ୍ରବେଶ କରୁଥିବାରୁ ଏହି ସଂକ୍ରାନ୍ତିକୁ ମେଷ ସଙ୍କ୍ରାନ୍ତି ବୋଲି ମଧ୍ୟ କୁହାଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଏହି ଦିନ ମେଷରାଶିରେ ଅବସ୍ଥାନ କରନ୍ତି। ଏହି ବିଷୁବ ସଙ୍କ୍ରାନ୍ତି ଠାରୁ ସୌରମାସର ପ୍ରଥମ ମାସ ଗଣନା କରାଯାଏ ଓ ଏହା ହିଁ ଓଡ଼ିଆ ନବର୍ଷର ପ୍ରଥମ ଦିନ । ଏହିଦିନ ଠାରୁ ଓଡ଼ିଶାରେ ନୂତନ ପଞ୍ଜିକା ପ୍ରଚ଼ଳନ ହୁଏ । ଏହି ଦିନଠାରୁ ସୂର୍ଯ୍ୟତାପ ପ୍ରଖରରୁ ପ୍ରଖରତର ହୁଏ । ତେଣୁ ଏହି ସମୟରେ ସୂର୍ଯ୍ୟ ଉପାସନା ସହ, ଦେବାଳୟରେ ହେଉଥିବା ପୂଜାର୍ଚ୍ଚନାରେ ଭଜା ଗହମ ଓ ଅରୁଆ ଚାଉଳରୁ ପ୍ରସ୍ତୁତ "ଛତୁଆ" ଭୋଗ ସହ "ପଣା" ଭୋଗ ମଧ୍ୟ କରାଯାଏ । "ପଣାରେ" ପାଚିଲା କଦଳୀ, ଛେନା, ଦୁଗ୍ଧ, ପାଚିଲା ବେଲ, ନଡ଼ିଆ, ଗୁଡ଼ ବା ଚିନି, ଛତୁଆ ମିଶିଥାଏ। "ପଣା" ଭୋଗ ଓ "ଛତୁଆ" ଭୋଗକୁ ବିଜ୍ଞାନ ଦୃଷ୍ଟିକୋଣରୁ ଦେଖିଲେ ଏହାର ତାତ୍ତ୍ୱିକ ଦିଗଟି ବୁଝାପଡ଼େ । ଦେହକୁ ସୂର୍ଯ୍ୟତାପରୁ ରକ୍ଷା କରିବା ପାଇଁ ପଣା ସେବନ ବିଧିକୁ ପୂଜାର୍ଚ୍ଚନା ମାଧ୍ୟମରେ ଯୋଗକରି, ମାନବ ସମାଜକୁ ଶିକ୍ଷା ଦିଆଯାଇଛି । ଏହି ଋତୁରେ ପ୍ରଚୁର ଜଳଗ୍ରହଣ ପାଇଁ କେବଳ ମାନବ ସମାଜ ସମେତ ଉଦ୍ଭିଦ ଓ ପ୍ରାଣୀଜଗତର ମଧ୍ୟ ପ୍ରଚୁର ଜଳ ଆବଶ୍ୟକ ହୋଇଥାଏ । ଏହିଦିନ "ତୁଳସୀ" ଗଛ ଉପରେ ନଡ଼ିଆ ପତ୍ରର ଛାମୁଡ଼ିଆ କରି, ତହିଁରୁ ଠିକ୍ ତୁଳସୀ ଗଛ ଉପର ପର୍ଯ୍ୟନ୍ତ ସରୁ ଦଉଡ଼ି ସାହାଯ୍ୟରେ ମାଟି ଘଡ଼ିଟିଏ ବାନ୍ଧି ଓହଳାଇ ଦିଆଯାଏ । ଏହି ଘଡ଼ିର ନିମ୍ନାଂଶରେ ଛୋଟ ଛିଦ୍ରଟିଏ କରାଯାଏ । ଘଡ଼ିରେ ପାଣି ଭରିଦେଲେ ଅନେକ ସମୟଧରି ସୂକ୍ଷ୍ମ-ଜଳଧାର ତୁଳସୀ ମୂଳକୁ ଓଦା ରଖେ, ଜଳ ତାପରୁ ରକ୍ଷାକରେ ଓ ସମଗ୍ର ଜୀବଜଗତ ସହିତ ଉଦ୍ଭିଦଜଗତ ପାଇଁ ଏହା ଅପରିହାର୍ଯ୍ୟ ବୋଲି ଏଥିରୁ ପ୍ରମାଣ ମିଳେ । ଓଡ଼ିଆ ମାନଙ୍କର ବାର ମାସରେ ତେର ପର୍ବ ପାଳନ ମଧ୍ୟରୁ ମହାବିଷୁବ ସଙ୍କ୍ରାନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଭାବେ ପାଳିତ ହୋଇଥାଏ । ସୂର୍ଯ୍ୟଙ୍କୁ ପୂଜା କରିବା ପାଇଁ ଏହିଦିନ ଠାରୁ ଏକମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ଘର ଚଉଁରାରେ ଠେକି ବସାଯାଇ ପାଣି ଢଳାଯାଇଥାଏ। ତେଣୁ ଏହି "ସଙ୍କ୍ରାନ୍ତି"କୁ "ଜଳ ସଙ୍କ୍ରାନ୍ତି" ନାମରେ ମଧ୍ୟ ଜଣାଯାଇଥାଏ । ଏହି ସମୟରେ ପଣାଦାନ କରାଯାଉଥିବାରୁ ଏହାର ଅନ୍ୟ ଏକ ନାମ ମଧ୍ୟ ପଣା ସଂକ୍ରାନ୍ତି । ଏହିଦିନ ମଧ୍ୟ ପବିତ୍ର ହନୁମାନ ଜୟନ୍ତୀ ପାଳନ କରାଯାଏ । ବାସ୍ତବିକ୍ ଧର୍ମୀୟ ଚେତନା, ବିଜ୍ଞାନ ସମ୍ବନ୍ଧୀୟ ତତ୍ତ୍ୱ, ପରିବେଶ ସଚେତନତା ଓ ଶରୀରଚର୍ଯ୍ୟା ପାଇଁ ଖାଦ୍ୟପେୟ ନିର୍ଦ୍ଧାରଣ ସହିତ ସହାବସ୍ଥାନ ଆଦି ସବୁ ଦୃଷ୍ଟିକୋଣରୁ ଏ ଦିବସର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଅଟେ।

ପଣା ସଂକ୍ରାନ୍ତିକୁ ନେଇ ଗଭୀର ଐତିହାସିକ ଏବଂ ପୌରାଣିକ ଗୁରୁତ୍ୱ ଅଛି। ହିନ୍ଦୁ ଧର୍ମ ଅନୁସାରେ, ଏହି ଦିନରେ ସୂର୍ଯ୍ୟ ଦେବତାଙ୍କୁ ପୂଜା କରାଯାଏ। ଏହା ସୂର୍ଯ୍ୟ ପୂଜାର ଏକ ପ୍ରମୁଖ ଅବସର। ଏହି ଦିନକୁ ଭଗବାନ ହନୁମାନଙ୍କ ଜନ୍ମଦିନ ଭାବରେ ମଧ୍ୟ ପାଳନ କରାଯାଏ। ଓଡ଼ିଶାର ବିଭିନ୍ନ ହନୁମାନ ମନ୍ଦିରରେ ବିଶେଷ ପୂଜା ଏବଂ ଭଜନ ଅନୁଷ୍ଠିତ ହୁଏ। ଏହି ଦିନ ଧର୍ମ, ନୀତି ଏବଂ ସତ୍ୟର ଆରମ୍ଭର ପ୍ରତୀକ ଭାବରେ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ପୂଜା କରାଯାଏ। ପଣା ସଂକ୍ରାନ୍ତିରେ ଲୋକମାନେ ପବିତ୍ର ସ୍ନାନ କରନ୍ତି ଏବଂ ନୂତନ ପୋଷାକ ପିନ୍ଧିଥାନ୍ତି। ଘର ଏବଂ ମନ୍ଦିରରେ ପୂଜା କରାଯାଏ।ଏହି ଦିନର କିଛି ବିଶେଷ ଉତ୍ସବ ମଧ୍ୟରେ ପଣା ଅନ୍ତର୍ଭୁକ୍ତ, ଯାହା ଏହି ପର୍ବର ମୁଖ୍ୟ ଆକର୍ଷଣ। ବେଲ ପଣା, ଛେନା ପଣା ଏବଂ ଦହି ପଣା ହେଉଛି ଏହି ପର୍ବର ମୁଖ୍ୟ ପାନୀୟ । ଏଗୁଡ଼ିକ ପ୍ରଥମ ଦେବତାଙ୍କୁ ଅର୍ପଣ କରାଯାଏ ଏବଂ ପରେ ପ୍ରସାଦ ଭାବରେ ସେବନ କରାଯାଏ। ଏହି ଦିନ, ପାଣିରେ ପୂର୍ଣ୍ଣ ଏକ ମାଟି ପାତ୍ରରେ ଏକ ଛୋଟ ଗାତ କରାଯାଏ, ଏବଂ ତଳେ ଏକ ଛୋଟ ଗାତ କରାଯାଏ, ଯାହା ପାଣି ଧୀରେ ଧୀରେ ବାହାରକୁ ବାହାରିଯାଏ। ଏହା ଏକ ଶୀତଳ ପ୍ରକୃତିର ପ୍ରତୀକ ଏବଂ ଜଳ ସଂରକ୍ଷଣର ବାର୍ତ୍ତା ପ୍ରଦାନ କରେ। ପଣା ସଂକ୍ରାନ୍ତିରେ ବହୁତ ଗମ୍ଭୀରତାର ସହିତ ଦାନ କରାଯାଏ ନାହିଁ। ଲୋକମାନେ ଜଳ, ଖାଦ୍ୟ, ପୋଷାକ ଏବଂ ଅନ୍ୟାନ୍ୟ ଜିନିଷ ଦାନ କରନ୍ତି। ଏହି ଦିନ ହନୁମାନଙ୍କୁ ପୂଜା କରାଯାଏ। ଭକ୍ତମାନେ ଉପବାସ ପାଳନ କରନ୍ତି ଏବଂ ଭଜନ ଗାନ କରନ୍ତି।ପଣା ସଂକ୍ରାନ୍ତି ଓଡ଼ିଆ ପରମ୍ପରାରେ ଏକତା ଏବଂ ଭାଇଚାରା ବୃଦ୍ଧି କରେ। ଏହି ଦିନ ସମସ୍ତେ ଏକାଠି ହୋଇ ଏହି ପର୍ବ ପାଳନ କରନ୍ତି। ଏହା ଲୋକମାନଙ୍କୁ ପୁରୁଣା ଭେଦଭାବକୁ ଭୁଲି ଏକ ନୂତନ ଆରମ୍ଭ କରିବାକୁ ପ୍ରେରଣା ଦିଏ।

ଗ୍ରାମାଞ୍ଚଳରେ ଏହି ପର୍ବକୁ ମହା ଆଡମ୍ବରରେ ପାଳନ କରାଯାଏ। ଲୋକମାନେ ନୂତନ କ୍ୟାଲେଣ୍ଡର ପଢି ଆଗାମୀ ବର୍ଷର ଭବିଷ୍ୟତ ବିଷୟରେ ଶିଖନ୍ତି। ପଣା ସଂକ୍ରାନ୍ତିର ପ୍ରକୃତି ସହିତ ଗଭୀର ସମ୍ପର୍କ ରହିଛି। ଏହି ପର୍ବ ଗ୍ରୀଷ୍ମ ଋତୁର ଆରମ୍ଭରେ ଆସେ, ଯେତେବେଳେ ତାପମାତ୍ରା ବୃଦ୍ଧି ପାଏ। ପଣା ଏବଂ ବସୁଧାର ବିଧି ମଣିଷ ଏବଂ ପ୍ରକୃତି ମଧ୍ୟରେ ସମ୍ପର୍କକୁ ଦର୍ଶାଏ। ଏହା ଆମକୁ ଜଳର ଗୁରୁତ୍ୱ ଶିଖାଏ ଏବଂ ପ୍ରକୃତି ସଂରକ୍ଷଣର ବାର୍ତ୍ତା ପ୍ରଦାନ କରେ। ଏହି ପର୍ବ କୃଷକମାନଙ୍କ ପାଇଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ନୂତନ କୃଷି ବର୍ଷର ଆରମ୍ଭକୁ ଚିହ୍ନିତ କରେ।ଚାଷୀମାନେ ନୂତନ ଫସଲ ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି ଏବଂ ଭଲ ଫସଲ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରନ୍ତି। ଧାର୍ମିକ ଦୃଷ୍ଟିକୋଣରୁ ମଧ୍ୟ ପଣା ସଂକ୍ରାନ୍ତି ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ଦିନରେ ଦେବୀ ଦେବତାଙ୍କୁ ପୂଜା କରିବା ଏବଂ ଦାନ ଦେବା ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଲୋକମାନେ ଏହି ଦିନ ଉପବାସ ପାଳନ କରନ୍ତି ଏବଂ ସେମାନଙ୍କ ଜୀବନରେ ସୁଖ ଏବଂ ଶାନ୍ତି କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତି। ପଣା ସଂକ୍ରାନ୍ତି ହେଉଛି ଓଡ଼ିଆ ଜାତିର ପରିଚୟର ଏକ ଅଂଶ। ଏହା ପୁରୁଣା ଏବଂ ସମୃଦ୍ଧ ଓଡ଼ିଆ ସଂସ୍କୃତିକୁ ପ୍ରଦର୍ଶନ କରେ। ଏହି ପର୍ବ ଓଡ଼ିଆ ଲୋକଙ୍କୁ ସେମାନଙ୍କ ସଂସ୍କୃତି ପ୍ରତି ଗର୍ବିତ କରେ ଏବଂ ପରମ୍ପରାକୁ ଆଗକୁ ବହନ କରିବାକୁ ପ୍ରେରଣା ଦିଏ।ପଣା ସଂକ୍ରାନ୍ତି ଓଡ଼ିଆ ସଂସ୍କୃତିର ଏକ ମୂଲ୍ୟବାନ ସମ୍ପତ୍ତି। ଏହା ଧାର୍ମିକ, ସାମାଜିକ, ପରିବେଶଗତ ଏବଂ ସାଂସ୍କୃତିକ ମହତ୍ତ୍ୱରେ ପରିପୂର୍ଣ୍ଣ। ଏହି ପର୍ବ ଆମକୁ ପ୍ରକୃତି ସହିତ ସମନ୍ୱୟ ରକ୍ଷା କରି ବଞ୍ଚିବା, ଦାନ କରିବା ଏବଂ ନୂତନ ଆଶା ସହିତ ଜୀବନ ଆରମ୍ଭ କରିବାର ବାର୍ତ୍ତା ଦିଏ। ଆମେ ସମସ୍ତେ ଏହି ମହାନ ପାରମ୍ପରିକ ତଥା ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ କରିବା ଏବଂ ପରବର୍ତ୍ତୀ ପିଢ଼ିକୁ ଏହା ବିଷୟରେ ଅବଗତ କରିବା ଉଚିତ।


+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬



ସୁଷମା ପରିଜା

## ବିଷୁବ ସଂକ୍ରାନ୍ତି- ଓଡ଼ିଆର ନବବର୍ଷ

ବଡ଼ ବିଚିତ୍ର ଏ ଭାରତ ବର୍ଷ। ଏଠି ସର୍ବଧର୍ମର ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୋଇଥାଏ। ବର୍ଷକ ବାରମାସ ରେ ଏହାର ବିଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ସମୟରେ ନୂତନ ବର୍ଷ ପାଳନ କରାଯାଏ। କେଉଁ ସ୍ଥାନରେ ସୂର୍ଯ୍ୟଙ୍କ ଉଦୟ ଅସ୍ତ କୁ ନେଇ ସୌର ମାସର ଗଣନା ହୁଏ ତ' ଆଉ କିଛି ସ୍ଥାନରେ ଚନ୍ଦ୍ର ର ଉଦୟ ଅସ୍ତ କୁ ନେଇ ଚନ୍ଦ୍ର ମାସ ର ଗଣନା କରାଯାଏ। ଯଦିଓ ଆମେ ସମସ୍ତେ ଜାଣୁ ଯେ ସୂର୍ଯ୍ୟ ସ୍ଥିର ଏଂ ପୃଥିବୀ ତା'ର ଚାରିପଟେ ପରିକ୍ରମା କରିଥାଏ । ସେମିତି ଚନ୍ଦ୍ର୍ ମଧ ପୃଥିବୀର ଚାରିପଟେ ଘୁରୁଥାଏ ତଥାପି ଆମ ଦେଶରେ ସୂର୍ଯ୍ୟ ଙ୍କୁ ଗତିଶୀଳ ମନେ କରି ତାଙ୍କର ଗତିକୁ ମକର ସଂକ୍ରାନ୍ତି ଦିନଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଏବଂ ରଜ ସଂକ୍ରାନ୍ତି ଦିନଠାରୁ ଦକ୍ଷିଣାୟନ ହିସାବରେ ଆମର ସମସ୍ତ ଜ୍ୟୋତିଷ ଶାସ୍ତ୍ର ର ଗଣନା କରାଯାଇଥାଏ। ଚୈତ୍ର ମାସ ର ଶୁକ୍ଳ ପକ୍ଷ ପ୍ରଥମ ଦିନରେ ହିନ୍ଦୁ ନବବର୍ଷ/ ସମ୍ବତ୍ସରର ଆରମ୍ଭ ହୋଇଥାଏ। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାର ଅନେକ ସ୍ଥାନରେ ମଧ ଏହି ଦିନ ନୂତନ ବର୍ଷ ଆରମ୍ଭ ହୋଇଥାଏ। ମହାରାଷ୍ଟ୍ର ରେ ଏହାକୁ "ଗୁଡି ପଡୱ।" ଏବଂ ଆନ୍ଧ୍ରପ୍ରଦେଶରେ ଏହାକୁ "ଉଗାଦି" କୁହାଯାଏ।

ସେହିପରି ବୈଶାଖ ମାସର ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟ ପୃଥିବୀର ଠିକ୍ ମଧଭାଗରେ ବିଷୁବ ରେଖା ଉପରେ ଅବସ୍ଥାନ କରନ୍ତି। ତେଣୁ ଉତ୍କଳୀୟ ପରମ୍ପରା ରେ ଏହି ଦିନକୁ ପବିତ୍ର ମନେକରାଯାଏ ଏବଂ ଏହାକୁ" ମହାବିଷୁବ ସଂକ୍ରାନ୍ତି" କୁହାଯାଏ। ଏହି ଦିନ ଠାରୁ ନୂତନ ସୌର ବର୍ଷର ଆରମ୍ଭ ହୋଇଥାଏ। ପଶ୍ଚିମବଙ୍ଗରେ ଏହା "ପୋଇଲବୈଶାଖ", ପଞ୍ଜାବରେ ଏହା ବୈଶାଖୀ, ଆସାମ ରେ "ବିହୁ" ନାମରେ ପାଳିତ ହୁଏ।

ଓଡ଼ିଶାର ପ୍ରମୁଖ ଦେବତା ଶ୍ରୀ ଜଗନ୍ନାଥଙ୍କ ନିକଟରେ ଜ୍ୟୋର୍ତ୍ତିଦ ମାନଙ୍କ ଦ୍ୱାରା ଲିଖିତ ବାର୍ଷିକ ପଞ୍ଜିକା ଫାଲଗୁନ ପୂର୍ଣ୍ଣମା ଦିନ ପଢ଼ାଯାଏ। ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ । ଏହି ଦିନଟିକୁ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଏ । ବର୍ଷାରମ୍ଭ ହେଉଥିବାରୁ ଓଡ଼ିଆ ପରିବାରରେ ଦେବଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ ଆଦି କରାଯାଇଥାଏ । ଏହି ସମୟରେ ସୂର୍ଯ୍ୟ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ ବୃଦ୍ଧି ପାଇଥାଏ । ଗରିଷ୍ଠ ଖାଦ୍ୟ ହଜମ ହେଉଥିବାରୁ ବୁଟ,ଗହମ, ଅରୁଆଚାଉଳରେ ପ୍ରସ୍ତୁତ ଛତୁ ପରି ଗରିଷ୍ଠ ଖାଦ୍ୟପଦାର୍ଥ ଗ୍ରହଣ ପାଇଁ ଆୟୋଜନ ଥାଏ । ଦେହର ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣାପାନର ବ୍ୟବସ୍ଥା ମଧ କରାଯାଏ । ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିରମାନଙ୍କରେ ଛତୁ ଓ ପଣା ଭୋଗର ବିଧି ରହିଛି । ଏହି ଦିନ ସାଇପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ। ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ବୋଲି ମଧ କହାଯାଏ । ପଣାସଂକ୍ରାନ୍ତିଠାରୁ ରାସ୍ତାକଡ଼ରେ ପଥିକମାନଙ୍କର ତୃଷା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ। ଏହା ସହିତ ବୃକ୍ଷମୂଳରେ ଜଳଦାନର ପ୍ରଥା ଆମ ସମାଜରେ ପ୍ରଚଳିତ । ସେଥିପାଇଁ ହିନ୍ଦୁ ପରିବାରରେ ଚଉଁରାରେ ପୂଜା ପାଉଥିବା ତୁଳସୀ ବୃକ୍ଷ ଉପରେ ଛାମୁଣ୍ଡିଆ କରି ଘଡ଼ିରେ ଜଳ ରଖି ତାର ନିମ୍ନ ଅଂଶରେ ସରୁ କଣାକରି ସୂକ୍ଷ୍ମ ଧାରରେ ଜଳଦାନ କରାଯାଇଥାଏ । ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳସଂକ୍ରାନ୍ତି ବୋଲି କହିଥାନ୍ତି । ଏହି ସଂକ୍ରାନ୍ତି ପରଠାରୁ ବାୟୁର ଗତି ମଧ ପ୍ରଖର ହୁଏ । ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତୀ ପାଳନ କରାଯାଏ । ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ । ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ । ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ (ଝାମୁ) ଜଳନ୍ତା ଅଗ୍ନିରେ ଚାଲନ୍ତି। ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ ଏହାକୁ ଝାମୁ ବା ପାଟୁଆ ଯାତ୍ରା କହନ୍ତି । ବ୍ରତଧାରୀମାନେ ସମାଜକୁ କଠୋର ତାପ ସହ୍ୟ କରିବାର ଶକ୍ତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାନ୍ତି।



ଏହି ଦିନ ଏକ ଛୋଟ କଳସ ଘଡ଼ିରେ ପାଣି ପଣା ରଖି ତୁଳସୀ ଚଉରାରେ ଛାମୁଣ୍ଡିଆ କରି ବାନ୍ଧିଦିଆଯାଏ । ମାଠିଆରେ ଥିବା ଛୋଟ କଣାରୁ ଧିରେ ଧିରେ ପାଣି ଝରି ଚଉରା ମୂଳରେ ପଡ଼େ।ଏହି ଠେକିକୁ ବସୁନ୍ଧରା ଠେକି କହାଯାଏ । ଛତୁଆ, ଦହି, ଗୁଡ଼, କଦଳୀ ଓ ନଡିଆକୁ ମିଶାଇ ତୁଳସୀ ଚଉରା ପାଖରେ ଭୋଗ ଲଗାଯାଏ । ପୁରୀ ଜିଲ୍ଲାରେ ବେଲ ପଣାରେ ବଟା ଭଙ୍ଗ ମିଶାଇ ଭାଙ୍ଗ ପଣା ସେବନ ମଧ କରାଯାଇଥାଏ । କାକଟପୁର ମଙ୍ଗଳା, ବାଙ୍କୀର ଚର୍ଚ୍ଚିକା, ଝଙ୍କଡ଼ର ଶାରଳା, ଆଦି ଠାକୁରାଣୀ ମନ୍ଦିରମାନଙ୍କରେ ଏହି ଦିନ ଝାମୁ ଯାତ ପାଳନ କରାଯାଏ । ଘଣ୍ଟ ପାଟୁଆମାନେ ଘଣ୍ଟ ମୁଣ୍ଡେଇ, କାଠ ଗୋଡ଼ ପିନ୍ଧି ଠାକୁରାଣୀ ମନ୍ଦିର ଆଗରେ ନିଆଁ ଉପରେ ଚାଲିବାର ପ୍ରଥା ରହିଛି । ଦକ୍ଷିଣ ଓଡ଼ିଶାରେ ମାସାଧିକ କାଳ ଧରି ଚାଲିଥିବା ଦଣ୍ଡ ନାଟର ଅନ୍ତିମ ଯାତ ଭାବେ ଏହି ଦିନ ମେରୁ ଯାତ ପାଳନ କରାଯାଏ । ଲୋକେ ବେଲ ପଣା ଓ ଛତୁଆ ଖାଇ ଏହାକୁ ପାଳନ କରନ୍ତି । ଉତ୍ତର ଓଡ଼ିଶାରେ ବିଶେଷ କରି ବାଲେଶ୍ୱର ଜିଲ୍ଲାରେ ଏହି ଦିନକୁ "ଚଡ଼କପର୍ବ"ନାମରେ ପାଳନ କରାଯାଏ । ଚଡ଼କ ବା ଉଡ଼ା ପର୍ବ ଉତ୍ତର ବାଲେଶ୍ୱରରେ ଚନ୍ଦନେଶ୍ୱର ମନ୍ଦିର ର ବଡ଼ ପ୍ରସିଦ୍ଧ ଯାତ୍ରା। ଏଠାରେ ଶହଶହ ସଂଖ୍ୟାରେ ଭକ୍ତ ମାନେ ମାନସିକ ରଖି ପିଠିରେ କଣ୍ଟା ଫୋଡ଼ି ଗଛ ଡାଳରେ ଲଗାଯାଇଥିବା ଡୋରି ରେ ଉଡ଼ି ଥାନ୍ତି। ଠାକୁରଙ୍କ ଆଶୀର୍ବାଦରୁ ସେମାନଙ୍କର କିଛି କ୍ଷୟ କ୍ଷତି ହୋଇ ନଥାଏ।

ଶାରଳା ଭବନ ପୋତା ପୋଖରୀ
କଟକ-୪

## ବିଷୁବ ମିଳନ

### ପ୍ରେମାନନ୍ଦ ପାଣିଗ୍ରାହୀ



କୃଷ୍ଣଚୂଡ଼ାର ଲୋହିତ ରଙ୍ଗ ବର୍ଷାରେ
ବିଷୁବ ଆସିଛି ଆଉ ଥରେ,
ବର୍ଷର ପହିଲି ଦିନ
ବାଳୁତରୁ ପ୍ରୌଢ଼
ସମସ୍ତଙ୍କ ମନରେ
ନବ ଉନ୍ମାଦନା ଆଉ ନୂତନ ସ୍ୱପ୍ନ।

ଚାରିଆଡ଼େ ସଂକ୍ରାନ୍ତିର ସଙ୍ଗୀତ
ଦେବଦେବୀ ଦର୍ଶନ ପାଇଁ
ମନ୍ଦିରରେ ଭକ୍ତିମୟ ପରିବେଶ
ଘଣ୍ଟଘଣ୍ଟା ନାଦରେ କମ୍ପୁଛି ମାଟିରୁ ଆକାଶ,
ପଣା ଆଦାନପ୍ରଦାନରେ
ଭରି ଯାଉଛି ଆତ୍ମିୟତା
ଦୂର ହୋଇଯାଉଛି ମତାନ୍ତର।

ବିଷୁବ ମିଳନ ପାଇଁ କେତେ ସଜବାଜ
ସୁରଭିତ ସାରସ୍ୱତ ପର୍ବ,
ଖୋଲୁଛି କବିତାର ଫର୍ଦ୍ଦ ପରେ ଫର୍ଦ୍ଦ
ପଢା ହେଉଛି କବି ହୃଦୟର ଗାଥା
ମନ ମୋହୁଛି ସଂଯୋଜନା
ଉତ୍ସାହ ଭରୁଛି ସମ୍ବର୍ଦ୍ଧନା।

+ଭୁଷଳ, ଭୁବନ,ଢେଙ୍କାନାଳ

## ଓଡ଼ିଆ ନୂଆ ବରଷକୁ ଆମେ

### ଜୟନ୍ତ କୁମାର ମଲ୍ଲିକ



ପଣା ସଂକ୍ରାନ୍ତିର ପବିତ୍ର ତିଥିରେ
ଭକତିର ଦୀପ ଜାଳିବା
ଓଡ଼ିଆ ନୂଆ ବରଷକୁ ଆମେ
ମହା ଆନନ୍ଦରେ ପାଳିବା,

ଯାହାକୁ ଦେଖିବା ମୁରୁକି ହସିବା
ଜଣାଇବା ଅଭିନନ୍ଦନ
ଜନମ ଦିନରେ ପବନସୂତଙ୍କୁ
କରିବା ଆମେତ ବନ୍ଦନ,

ସେଯେ ମହାଯୋଗୀ ପରମ ବୈରାଗୀ
ପ୍ରଭୁ ଶ୍ରୀରାମଙ୍କ ଭକତ -
ପ୍ରମାଣ ନିମନ୍ତେ ଛାତି ଚିରି ଦେଇ
ବୁହାଇ ଥିଲେତ ରକତ,

ତାଙ୍କୁ ପୂଜା କଲେ ନିଷ୍ଠା ସହକାରେ
ଆଶିଷ ନିଶ୍ଚୟ ପାଇବା -
ମିଳି ମିଶି ଆସ ପଣାପିଇ ଆମେ
ଛତୁଆ ଭୋଗକୁ ଖାଇବା,

ମନପ୍ରାଣେ ଭରି ଭାଇଚାରା ଭାବ
ଆସ ଆମେ ଖୁସି ହୋଇବା -
ଦହିପଖାଳରୁ ପେଟେ ଖାଇ ଦେଇ
ରାତିରେ ଖୁସିରେ ଶୋଇବା।

+ଶୂରଡିହ, ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ:୯୪୩୭୮୬୫୭୨୭

## ଓଡ଼ିଆ ଉତ୍କର୍ଷ ଯାତ୍ରା

### ରେଶ୍ମା ମେହେର



ପ୍ରାଚୀନ ଭାରତ ଆର୍ଯ୍ୟଭାଷା ରୂପେ
ସଂସ୍କୃତ ନାମରେ ଜ୍ଞାତା,
ସେହି ଦେବଭାଷୀ ପୂର୍ବ ମାଗଧୀରୁ
ଓଡ଼ିଆ ସୃଷ୍ଟି ନିଶ୍ଚିତ ।

ପଞ୍ଚଦଶାବ୍ଦୀର ପ୍ରାରମ୍ଭେ ଓଡ଼ିଆ
ଭାଷାର ଉଦୟ ହେଲା,
ସାରଳା ଦାସଙ୍କ ଅବଦାନେ ତହୁଁ
ଭିତ୍ତିଭୂମି ପ୍ରକାଶିଲା ।

ବିଶାଳ ଲେଖନୀ ଓଡ଼ିଆ ଭାଷାର
ଭାବ ଉନ୍ମୋଚନ କଲେ,
ମହାଭାରତ ଯେ ବିଲଙ୍କେ ରଚିଣ
ଆଭିଜାତ୍ୟ ଫେରାଇଲେ ।

ଷୋଡ଼ଶ କାଳରେ ମହାର୍ଘ ରତନ
ପଞ୍ଚସଖା ସ୍ରଷ୍ଟାଗଣ,
ଭାଷା ଓ ସାହିତ୍ୟ ଦେଇ ନବ ରୂପ
ନିର୍ମାଣିଲେ ଯେହ୍ନେ ଜାଣ ।

ବଳରାମ ଦାସ ରାମାୟଣ ରଚି
ଶିଖାଇଲେ କେତେ ଗାଥା,
ଭାଗବତ ପୁଣି ଜଗନ୍ନାଥ ସେଠି
ରଚିଲେ ଗୁଜ୍ଜରୀ କଥା ।

ଅଚ୍ୟୁତାନନ୍ଦ ଯେ ହରିବଂଶ ରଚି
ଲାଭିଲେ ମନ ଆଦର,
ଗଢ଼ିଣ ଉଠିଛି କେତେ ଯେ ରଚନା
ଯଶୋବନ୍ତ ଅନନ୍ତର ।

ମଧ୍ୟମ ଯୁଗୀୟ କବି ଯେ ଅନେକ
ଦେଇ ଓଡ଼ିଆର ରୂପ,
ସପ୍ତଦଶ ଠାରୁ ଉନବିଂଶ ଯାଏଁ
ତୋଳିଛି କେତେ ପ୍ରତାପ ।

ଧନଞ୍ଜୟ ପୁଣି ଉପେନ୍ଦ୍ର ଭଞ୍ଜ ଯେ
କବି ବଳଦେବ ରଥ,
ବ୍ୟବହୃତ କରି ଛନ୍ଦ ଚଉତିଶା
ଦେଖାଏ ସାହିତ୍ୟ ପଥ ।

ଗୋପାଳ କୃଷ୍ଣ ଯେ ବ୍ରଜନାଥ ଲେଖା
ରାଗ ରାଗିଣୀରେ ଭରା,
ରସ, ରୀତି, ଗୁଣ, ଧ୍ୱନୀ, ଅଳଙ୍କାର
କେତେକ ଭାବ ଆସରା ।

ଆଧୁନିକ ଯୁଗେ ସାହିତ୍ୟରେ କେତେ
ବିଭିନ୍ନତା ଦେଖାଦେଲା,
ଇଂରାଜୀ ପାର୍ସିକ ଜଡ଼ିତ ଐଶ୍ୱର୍ଯ୍ୟେ
ପରିଲକ୍ଷିତ ଯେ ହେଲା।

ରାଧାନାଥ, ନନ୍ଦ, ଗଙ୍ଗାଧର ଆଦି
ଗଢ଼ି ସାହିତ୍ୟର ଧାରା,
ଆଧୁନିକତାର ବିପୁଳ ମାପରେ
ପ୍ରସାରଇ ଦେଶ ଭରା ।

ସାଧକ ଯେ ତହୁଁ ସତ୍ୟବାଦୀ ଗଣ
ନୀଳକଣ୍ଠ, ଗୋପବନ୍ଧୁ,
ଓଡ଼ିଆ ଭାଷାକୁ ସମୃଦ୍ଧ କରଇ
ବିସ୍ତାରି ସାହିତ୍ୟ ସିନ୍ଧୁ।

ଗଳ୍ପ, ଉପନ୍ୟାସ, କବିତା, ନାଟକ
ସାହିତ୍ୟେ ସମ୍ପୂର୍ଣ୍ଣ ମେଳା,
ତପସ୍ୱି ଗଣଙ୍କ ଉଦ୍ୟୋଗରେ ଆଜି
ବିକାଶ ସାଧିତ ହେଲା।

+ହାତୀବନ୍ଧା, ନୂଆପଡ଼ା



ଦଶରଥ ହେମ୍ବ୍ରମ୍

## ଓଡ଼ିଆ ସଂସ୍କୃତିରେ ଓଡ଼ିଆ ନବବର୍ଷ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଆ ଭାଷା ଆନ୍ଦୋଳନ ଦୀର୍ଘଦିନ ପରେ ଅର୍ଥାତ ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଜନ୍ମନେଲା। ଛଅ ଗୋଟି ଜିଲ୍ଲା ନେଇ ଗଠିତ ଉତ୍କଳ, ଭାରତର ପ୍ରଥମ ଭାଷା ଭିତ୍ତିକ ପ୍ରଦେଶ ଭାବେ ପରିଚିତ ହେଲା। କିନ୍ତୁ ତା'ପୂର୍ବରୁ ହଜି ସାରିଥିବା ଓଡ଼ିଆଙ୍କ ପରିଚୟ ପୁଣିଥରେ ଫେରି ପାଇଲେ। ମରିଯାଇଥିବା କଳା, ସଂସ୍କୃତି, ସାହିତ୍ୟ, ଭାଷା, ଇତିହାସ ଓ ଐତିହ୍ୟ ପୁନଃଜୀବିତ ହେଲା। ହସିଉଠିଲା ଆମ ଉତ୍କଳ ଜନନୀ, ଆଉ ଉତ୍କଳୀୟମାନେ ଖୁସିରେ ପାଳିଲେ ବାରମାସର ତେରପର୍ବ। ଶିଖିଲେ ବର୍ଷର ଗଣନା, ପ୍ରସ୍ତୁତ ହେଲା ଓଡ଼ିଆ କ୍ୟାଲେଣ୍ଡର। ବର୍ଷଗଣନା ଆରମ୍ଭ ହେଲା ବୈଶାଖ ମାସରୁ ଚୈତ୍ର ମାସ ପର୍ଯ୍ୟନ୍ତ। ତଦ୍‌ଅନୁଯାୟୀ ବର୍ଷର ପ୍ରଥମ ମାସ ବୈଶାଖ ମାସ ହେଲା ଓଡ଼ିଆଙ୍କ ପ୍ରଥମ ମାସ ପ୍ରଥମ ଦିନ, ଯାହା ଓଡ଼ିଆ ନବବର୍ଷ ଭାବେ ପାଳିତ ହେଲା ଆମ ଓଡ଼ିଶାରେ। ଏହାକୁ ବୈଶାଖ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି କୁହାଯାଏ। ଏହାଛଡ଼ା ଏହି ଦିନକୁ ହନୁମାନ ଜୟନ୍ତୀ ବା ମହାବିଷୁବ ସଂକ୍ରାନ୍ତି ଭାବେ ପାଳନ କରାଯାଏ। କୁହାଯାଏ, ଏହି ଦିନଠାରୁ ସୌରବର୍ଷର ପ୍ରଥମ ଗଣନା ଆରମ୍ଭ ହୁଏ, ଯାହା ସୌର ବୈଶାଖର ପ୍ରଥମ ଦିବସ ଭାବେ ବିବେଚିତ ହୁଏ। ପିକା ଅନୁସାରେ ନୂତନ ଶକାବ୍ଦ ଆରମ୍ଭ ହୁଏ। ଏହି ଗଣନା ପଦ୍ଧତି ପ୍ରଥମ ଜ୍ୟୋତିର୍ବିଜ୍ଞାନୀ ଶତାନନ୍ଦାଚାର୍ଯ୍ୟଙ୍କ ଠାରୁ ଆସିଥିବାରୁ ଅନୁମାନ କରାଯାଏ। ଏହା ବିଜ୍ଞାନସମ୍ମତ ଓ ଯୁକ୍ତିଯୁକ୍ତ। ଏହି ଗଣନା ଅନୁସାରେ ସୂର୍ଯ୍ୟ ମେଷ ବିନ୍ଦୁରେ ପ୍ରତ୍ୟେକ ବର୍ଷ ଅପ୍ରେଲ ମାସର ୧୪/୧୫ ତାରିଖରେ ପ୍ରବେଶ କରିଥାଏ। ତେଣୁ ଏହି ଦିନଠାରୁ ହିଁ ଓଡ଼ିଆ ନବବର୍ଷର ଆରମ୍ଭ ହୋଇଥାଏ। କିନ୍ତୁ ହିନ୍ଦୁ ନବବର୍ଷର ଆରମ୍ଭ ଚୈତ୍ର ଶୁକ୍ଳ ପ୍ରତିପଦାରୁ ହିଁ ହୋଇଥାଏ।

ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁସାରେ ମହାବିଷୁବ ପଣା ସଂକ୍ରାନ୍ତି ବା ଓଡ଼ିଆ ନବବର୍ଷକୁ ନେଇ ଉତ୍ସବମୁଖର ହୁଏ ଓଡ଼ିଶାର ସମସ୍ତ ଗାଁଠୁ ସହର ପର୍ଯ୍ୟନ୍ତ। ବିଭିନ୍ନ ଅଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ରଙ୍ଗାରଙ୍ଗ ଉତ୍ସବ ମୁଖର ହୁଏ। ଓଡ଼ିଆ ବୀରପୁତ୍ରଙ୍କୁ ଏହିଦିନରେ ସ୍ମରଣ କରି ସେମାନଙ୍କୁ ସମ୍ମାନ ଦିଆଯାଏ। ଓଡ଼ିଆ ସଂସ୍କୃତି, ପରମ୍ପରା, ଇତିହାସ ନେଇ ଆଲୋକପାତ ହୁଏ ସଭାସମିତିରେ। ଏହି ଅବସରରେ ଖୁସି ବାଣ୍ଟିବା ପାଇଁ ସାହିପଡ଼ିଶା, ବୁନ୍ଧୁବାନ୍ଧବଙ୍କୁ ପଣା ଦିଆଯିବାର ପରମ୍ପରା ରହିଛି। ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଲା, ଏହି ପବିତ୍ର ଭଳି ଦିନରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୁଏ। ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରରେ ବିଭିନ୍ନ ଜାଗା ଆଖଡ଼ାମାନଙ୍କରେ ପୂଜାପାଠ କରାଯିବାର ବିଧି ରହିଛି। ଜାଗା ଅଖାଡ଼ାରେ ନୂଆ କୌପିନ ପରିଧାନ କରି ପବନପୁତ୍ର ହନୁମାନଙ୍କୁ ପୂଜା କରାଯାଏ। କୁସ୍ତି ଓ ମଲ୍ଲ ଯୋଦ୍ଧ ଅଭ୍ୟାସ କରିବା ଏହି ଦିନରୁ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପଣା ଛତୁଆ ଭୋଗ କରାଯିବାର ପରମ୍ପରା ରହିଥିବାବେଳେ ଜାଗା ଆଖଡ଼ାମାନଙ୍କରେ ସକାଳୁ ପ୍ରବଳ ଗହଳି ଲାଗିଥିବାର ଦୃଶ୍ୟ ପରିଲକ୍ଷିତ ହୁଏ। ପୁରୀ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ବଜରଙ୍ଗୀ ହନୁମାନ ମନ୍ଦିରକୁ ଆଜ୍ଞାମାଳ ବିଜେର ପରମ୍ପରା ରହିଥିବାବେଳେ ଓଡ଼ିଆମାନଙ୍କ ନୂତନ ଓଡ଼ିଆ କ୍ୟାଲେଣ୍ଡର ପ୍ରଚଳନ କରିବାର ଶୁଭାରମ୍ଭ ହୁଏ।

କୁହାଯାଏ, ଓଡ଼ିଆ ନବବର୍ଷ ସହ ବିଷୁବ ସଂକ୍ରାଂ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଓଡ଼ିଆ ସଂସ୍କୃତି ଅନୁସାରେ ଓଡ଼ିଆଣୀମାନେ ଘର ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପାଣିଭର୍ତ୍ତି ଛୋଟ ଠେକି ରଖିଥାନ୍ତି। ଏହା ତଳେ ରହିଥାଏ ଏକ ଛୋଟ ଛିଦ୍ର ଏବଂ ଉକ୍ତ ଛିଦ୍ର ଦେଇ ପାଣି ତୁଳସୀ ଗଛରେ ପଡ଼ିଥାଏ, ଯାହା ବର୍ଷାକୁ ସୂଚାଇଥାଏ। ଏହି



ଠେକିକୁ 'ବସୁନ୍ଧରା ଠେକି' ବୋଲି କୁହାଯାଏ। ଏହି ପବିତ୍ର ଦିନରେ ମା' ବୃନ୍ଦାବତୀଙ୍କୁ ପୂଜା କରାଯାଏ ଏବଂ ବିଭିନ୍ନ ମନ୍ଦିରରେ ବେଲପଣା ଓ ଛତୁପଣା ପ୍ରସ୍ତୁତ କରି ଭୋଗ ଲଗାଯାଏ।

ଜ୍ୟୋତିଷ ଗଣନା ଅନୁଯାୟୀ ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତିଠାରୁ ଏକ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥା'ନ୍ତି। ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟକିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ ବଢ଼ିଥାଏ। ତେଣୁ ଅତ୍ୟଧିକ ତାପମାତ୍ରାକୁ ଦେହରେ ନିୟନ୍ତ୍ରଣ କରିବା ପାଇଁ ପଣା ପାନ କରାଯିବାର ପରମ୍ପରା ରହିଛି। ଗଣନାକୁ ଭିତ୍ତି କରି ବିଶ୍ୱାସ କରାଯାଏ ଯେ, ଏହି ଦିନରେ ସୂର୍ଯ୍ୟ ମଧଭାଗକୁ ଚାଲି ଆସିଥାନ୍ତି। ଯାହା ଫଳରେ ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରାର ପ୍ରଭାବ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଡ଼ିଥାଏ। ସୂର୍ଯ୍ୟଙ୍କର ପ୍ରଖର ତାପମାତ୍ରାରୁ ରକ୍ଷା ପାଇବା ପାଇଁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଏ। ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଦହି, ଛେନା, ଆମ୍ବ, ବେଲ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରି ତୁଳସୀ ଚଉରା ପାଖରେ ଭୋଗ ଲାଗି କରାଯାଏ।

ଓଡ଼ିଆ ନବବର୍ଷରେ ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ଏହି ସମୟରେ ପବନ ପୁତ୍ର ବୀର ବଜରଙ୍ଗୀ ହନୁମାନଙ୍କୁ ପୂଜା କରାଯାଏ। ବୀର ହନୁମାନଙ୍କ ଦର୍ଶନ ପାଇଁ ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁମାନଙ୍କର ପ୍ରବଳମାତ୍ରାରେ ଭିଡ଼ ଜମି ରହିଥାଏ। ହନୁମାନ ଭକ୍ତମାନେ ୧୦୮ ହନୁମାନ ଚାଳିଶା ପାଠ କରି ନିଜର ମନୋସ୍କାମନା ଏହି ଦିନରେ ପୂର୍ଣ୍ଣ କରିଥାନ୍ତି। ମା' ଚଣ୍ଡୀ ମନ୍ଦିର ସମେତ ସାରଳା, ବିରଜା ଆଦି ଠାକୁରାଣୀ ମନ୍ଦିରମାନଙ୍କରେ ଏହି ଦିନ ଝାମୁ ଯାତ୍ରା ପାଳନ କରାଯାଏ। ଯେଉଁମାନେ ଏହି ବ୍ରତ ରଖି ଝାମୁ ପାଳନ କରନ୍ତି, ତାଙ୍କୁ ପାଟୁଆ ବୋଲି କୁହାଯାଏ। ଘଣ୍ଟ ପାଟୁଆମାନେ ଘଣ୍ଟ ମୁଣ୍ଡେଇ, କାଠ ଗୋଡ଼ ପିନ୍ଧି ଠାକୁରାଣୀ ମନ୍ଦିର ଆଗରେ ନିଆଁ ଉପରେ ଚାଲିବାର ପ୍ରଥା ପରମ୍ପରା ରହିଛି। ଦକ୍ଷିଣ ଓଡ଼ିଶାରେ ଚାଲିଥିବା ମାସାଧିକ କାଳ ଦଣ୍ଡ ନାଟକୁ ଏହି ଦିନରେ ଶେଷ କରିବାର ବିଧି ରହିଛି। ଉତ୍କଳୀୟ ସଂସ୍କୃତି ଅନୁସାରେ ଓଡ଼ିଆମାନେ ଏହି ଦିନରେ 'ମେରୁ ଯାତ୍ରା' ପାଳନ କରନ୍ତି। ଉତ୍ତର ଓଡ଼ିଶାରେ ଓଡ଼ିଆମାନେ ଏହାକୁ 'ଚଡ଼କପର୍ବ' ରୂପରେ ପାଳନ କରିଥାନ୍ତି। ଏସବୁ ବିଚାର କରି ଯଦି ଦେଖିବା ତେବେ ଆମେ ଜାଣି ପାରିବା ଯେ, ଉତ୍କଳୀୟ ସଂସ୍କୃତି ବା ଓଡ଼ିଆ ସଂସ୍କୃତି ଅନେକ ପୁରାତନ, ଯାହା ଆଜି ଆମକୁ ଓଡ଼ିଆର ସ୍ୱତନ୍ତ୍ର ପରିଚୟ ଦେଇଛି। ପ୍ରତି ଓଡ଼ିଆ ଗୌରବାନ୍ୱିତ ଅନୁଭବ କରୁ ଯେ, ମୁଁ ଓଡ଼ିଆ, ମୋ ରାଜ୍ୟ ଓଡ଼ିଶା, ମୋ ଭାଷା ଓଡ଼ିଆ, ମହାନ ମୋ ସଂସ୍କୃତି ଏବଂ ପ୍ରାଚୀନ ମୋ ପରମ୍ପରା।

+ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ସବୁଜ ସଙ୍କେତରେ ଜଳେଶ୍ୱର ରେଳ ଷ୍ଟେସନ ଉତ୍ତର କେବିନ ପାଖ ଓଭରବ୍ରିଜ୍

## ସାମ୍ବାଦିକ ସମ୍ମିଳନୀରେ ରେଳ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କଲେ ବରିଷ୍ଠ ନାଗରିକ ମଞ୍ଚ




ଜଳେଶ୍ୱର , ୧୩/୪ (ନି.ପ୍ର): ଜଳେଶ୍ୱର-ପଶ୍ଚିମବାଡ଼ ରାସ୍ତାରେ ରେଳ ଫାଟକ ନମ୍ବର ୪୬ ନିକଟରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘ ଦିନରୁ ପ୍ରତୀକ୍ଷିତ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ୨୦୨୫ ମସିହା ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହୋଇ ମାସାଧିକ କାଳ ଚାଲିଥିବା ଗଣ ଦସ୍ତଖତ ଅଭିଯାନରେ ୭୫ ପୃଷ୍ଠାର ସଂଗୃହୀତ ୩ ହଜାରରୁ ଉର୍ଦ୍ଧ୍ୱଦସ୍ତଖତ ସମ୍ୱଳିତ ଦାବିପତ୍ର ବରିଷ୍ଠ ନାଗରିକ ମଞ୍ଚର ଚିଠି ନମ୍ବର ୪୮/୧୩.୧୧.୨୦୨୫ ତାରିଖରେ ମାନ୍ୟବର ରେଳମନ୍ତ୍ରୀଙ୍କ ସମେତ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦ୍ଦେଶରେ ପ୍ରଦାନ କରାଯାଇ ଥିଲା। ଏହି ଦାବିପତ୍ରକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରି ରେଳ ବୋର୍ଡ (ନୂଆଦିଲ୍ଲୀ) ପକ୍ଷରୁ ଦକ୍ଷିଣ-ପୂର୍ବ ରେଳପଥ,କଲିକତାର ମୁଖ୍ୟ ଯନ୍ତ୍ରୀଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖଡ଼ଗପୁର ରେଳ ଡିଭିଜନର ଯନ୍ତ୍ରୀମାନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମଞ୍ଚକୁ ପରାମର୍ଶ ଦିଆଯାଇଛି।ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ଓଭରବ୍ରିଜ୍ ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଥିବାରୁ ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରେଳ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଶତପ୍ରତିଶତ ରେଳ ବିଭାଗର ପାଣ୍ଠିରୁ ଏହି ପ୍ରକଳ୍ପ ନିର୍ମିତ ହେବାକୁ ଥିବାବେଳେ,ଏହା ଦ୍ୱାରା ଜଳେଶ୍ୱର ବ୍ଲକର ୧୧ଟି ପଞ୍ଚାୟତ, ପୌରାଞ୍ଚଳର ୨ଟି ୱାର୍ଡ ସମେତ ଭୋଗରାଇ ଓ ବାଲିଆପାଳ ବ୍ଲକର ଲକ୍ଷାଧିକ ଜନସାଧାରଣ ଉପକୃତ ହେବେ ବୋଲି ଜଳେଶ୍ୱର ନୂଆବଜାର ସ୍ଥିତ ଭଞ୍ଜ ମଣ୍ଡପରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ.ରମାକାନ୍ତ ଭଞ୍ଜ ଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ସଂପାଦକ ଡ.ଲଳିତ ରଞ୍ଜନ ସେନାପତି, ଦିଲ୍ଲୀପ କୁମାର ଗିରି, ରାଜାରାମ କରଶର୍ମା,ଭାସ୍କର ଚନ୍ଦ୍ର ମିଶ୍ର, ଶ୍ରୀମନ୍ତ ଘୋଷ, ଜିତିରାମ ଦେ, ଖଗେନ୍ଦ୍ର ନାଥ ସାହୁ, ସୁନୀଲ କୁମାର ଗିରି, ଅପର୍ଣ୍ଣା ଚୌଧୁରୀ, ସୁନୀଲ କୁମାର ନାୟକ, ସିତାଂଶୁ ସେନାପତି, କପିଳେଶ୍ୱର ମହାନ୍ତି, ମନୋରଞ୍ଜନ ଦାସ, ଡ ଅକ୍ଷୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ସଦସ୍ୟ ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ୧୯୬୭ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ସମାରୋହ



ଭଦ୍ରକ , ୧୩/୪ (ନି.ପ୍ର): ବିନ୍ଦୁ ମାଧବ ହାଇସ୍କୁଲର ୧୯୬୭ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କର ବନ୍ଧୁ ମିଳନ ସମାରୋହ ଏପ୍ରିଲ ୧୨ ତାରିଖରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ସଭା ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ବୃନ୍ଦ ଓ ଏହି ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସମାରୋହରେ ୩ଜଣ ଅବସରପ୍ରାପ୍ତ ଶିକ୍ଷକ ସର୍ବଶ୍ରୀ ନବକିଶୋର ପାତ୍ର, କେଶବ ଚନ୍ଦ୍ର ପାଢ଼ୀ, ରଙ୍ଗବଲ୍ଲଭ ଜେନା ଓ ୨୬ ଜଣ ପୂର୍ବତନ ଛାତ୍ରଛାତ୍ରୀମାନେ ଯୋଗ ଦେଇ ସଭାଟିକୁ ସାଫଲ୍ୟ ମଣ୍ଡିତ କରାଇଥିଲେ। ପରସ୍ପର ସାକ୍ଷାତ ବେଳେ ଅନେକ ବନ୍ଧୁ ସ୍କୁଲ ଜୀବନକୁ ସ୍ମରଣ କରି ନିଜ ନିଜର ଅନୁଭୂତି ବର୍ଣ୍ଣନା କଲେ। ସଭାର ପରିବେଶ ଅତ୍ୟନ୍ତ ଚିତାକର୍ଷକ ହୋଇଥିଲା। ସମାରୋହରେ ଯୋଗ ଦେଇଥିବା ପୂଜ୍ୟ ଗୁରୁଜୀମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇ ଛାତ୍ରଛାତ୍ରୀମାନେ ନିଜକୁ ଭାଗ୍ୟବାନ ମନେ କରିଥିଲେ। ବି.ଏମ୍.ବାଗୁରାଇ ହାଇସ୍କୁଲର ବର୍ତ୍ତମାନର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ସହକାରୀ ଶିକ୍ଷକ ରବିନାରାୟଣ ମହାନ୍ତି ଓ ରାତ୍ରି ଜଗୁଆଳ ସୁଶାନ୍ତ କୁମାର ଯେନାଙ୍କ ଆନ୍ତରିକ ସହଯୋଗ ସମାରୋହ ପରିଚାଳନାରେ ସହାୟକ ପ୍ରଦାନ କରିଥିଲା। ବନ୍ଧୁମାନଙ୍କର ଅକୁଣ୍ଠ ସାହାଯ୍ୟ, ବିଶେଷ କରି ପ୍ରଦୀପ କୁମାର ସିହ୍ନା, ଆନନ୍ଦ ଚନ୍ଦ୍ର ଦାସ ଓ ଚିତ୍ତରଞ୍ଜନ ବରାଳଙ୍କ ଅଦ୍ୟମ ଚେଷ୍ଟା ଫଳରେ ବନ୍ଧୁମିଳନ ସମାରୋହ ଅତ୍ୟନ୍ତ ସଫଳ ହୋଇପାରିଥିଲା।

## ରାମେଶ୍ୱର ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି

ଖୋର୍ଦ୍ଧା , ୧୩/୪ (ନି.ପ୍ର): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ , ରାଜସ୍ୱ,ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଖଣ୍ଡ ପୁଲିସ ଅଧିକାରୀ, ବାଲୁଗାଁ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ,ବି ଡି ଓ, ଟାଙ୍ଗୀ ରୁମାନା ଜାଫ୍ରି, ତହସିଲଦାର, ଟାଙ୍ଗୀ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୦୯ ଗୋଟି ଅଭିଯୋଗ ଆସିଥିଲା ବେଳେ ତନ୍ମଧ୍ୟରୁ ୧୦୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୯ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସମସ୍ତ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଅଗ୍ରଣୀ ଯୋଜନାର ସଫଳ ରୂପାୟନ ଦିଗରେ ଖୋଲା ଯାଇଥିବା ଶିକ୍ଷା ଓ ସୂଚନା ସ୍ଥଳ ଗୁଡ଼ିକୁ ବୁଲି ଅନୁଧାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାଟମେଣ୍ଟ ଅଧିକାରୀ ଓ ଗଣମାଧମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୭୭- ୭୮ ମ୍ୟାଟ୍ରିକ ବ୍ୟାଚର ଛାତ୍ରୀମାନଙ୍କର ପ୍ରଥମ ସମ୍ମେଳନ




ଉଦଳା, ୧୩/୪ (ନି.ପ୍ର): ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୭୭ ଓ ୧୯୭୮ ମେଟ୍ରିକ ବ୍ୟାଚର ପୁରାତନ ଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗତ ୧୨-୦୪-୨୦୨୬ରିଖ ରବିବାର ଦିନ ଉଦଳାସ୍ଥ ସନ୍ଧାନଗୃହ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ରୀ ଶ୍ରୀମତୀ ସସ୍ମିତା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ବର୍ଷୀୟାନ ଶିକ୍ଷୟିତ୍ରୀ ଶ୍ରୀମତୀ ଶୋଭାରାଣି ମହାପାତ୍ର(ଛବି ଅପା) ମୁଖ୍ୟ ଅତିଥି ଭାବରେ ମଂଚାସୀନ ଥିବା ବେଳେ ବିଶିଷ୍ଟ ଅତିଥି ଓ ସ୍ମାନିତ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ରବିକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧାପକ ଡ଼.ଅଶ୍ୱିନୀ କୁମାର ସାହୁ, ନିମାଇଁ ଚରଣ ପଟନାୟକ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ସୁରେଶଚନ୍ଦ୍ର ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରଜତ କୁମାର ଶତପଥୀ, ସମାଜସେବୀ ସତୀଶ ଚନ୍ଦ୍ର ସେଠୀ, ସରୋଜ କୁମାର ପଟନାୟକ, ଅବସରପ୍ରାପ୍ତ ପ୍ରାଧାପକ ସୌମେନ୍ଦ୍ର ଦାଶ ପ୍ରମୁଖ ମଂଚାସୀନ ଥାଇ ଅଦ୍ୟଦିବସର ମହତ୍ୱ ଓ ପୁରାତନ ଛାତ୍ରୀ ମାନଙ୍କର ସଂଘୀୟ ଚେତନା ସମ୍ପର୍କରେ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମେଳନର ଅନ୍ୟତମ ଆବାହିକା ମିନତୀ ପରିଡ଼ା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ରୀ ଜ୍ୟୋତିରେଖା ମହାନ୍ତି, ସବିତା ସେଠୀ, ଛବିରାଣୀ ନାୟକ, ଜ୍ୟୋସ୍ନା ଦାସ, ତୃପ୍ତି ଦାସ, ପ୍ରଭାତୀ ମିଶ୍ର, ତିଲୋତମା ବେହେରା, ପୁଷ୍ପଲତା ସାହୁ, ଜ୍ୟୋସ୍ନା ପଟନାୟକ, ସଂଯୁକ୍ତା ନାୟକ, ବନିତା ଦାସ, ସୂର୍ଯ୍ୟ ଭୋଳ, ଝରଣା ସିଂହ, ବବିତା ଦାଶ, ମମତା ଷଡ଼ଙ୍ଗୀ, ଜ୍ୟୋସ୍ନା ସଲଙ୍ଗୀ, ସ୍ୱର୍ଣ୍ଣଲତା ଦାସ, ନିରୁପମା ଦାସ, ସୁଜାତା ଭୋଳ, ଆରତୀ ଦାସ, ପୂରବୀ ଦାଶ, ବାସନ୍ତି ଜେନା ଓ ଦୀପା ଦାସ ପ୍ରଭୃତି ବିଦ୍ୟାଳୟରେ ସାଙ୍ଗମେଳରେ ବିତିଯାଇଥିବା ସେମାନଙ୍କର ଅଭୁଲା ସ୍ମୃତିମାନ ବର୍ଣ୍ଣନା କରିଥିଲେ । ପ୍ରତ୍ୟେକ ବର୍ଷ ଏହି ବନ୍ଧୁ ମିଳନକୁ ଜାରି ରଖିବା ସହ ବିଦ୍ୟାଳୟରେ ଏଯାବତ ପାଳିତ ହୋଇନଥିବା ରଜତ ଜୟନ୍ତୀ ଓ ସୁବର୍ଣ୍ଣ ଜୟନ୍ତୀ ଭଳି କାର୍ଯ୍ୟକ୍ରମକୁ ପାଳନ କରିବା ପାଇଁ ପୁରାତନ ଛାତ୍ରୀ ସଂଘ ତରଫରୁ ଉଦ୍ୟମ କରାଯିବ ବୋଲି ସମସ୍ତେ ଏକମତ ହୋଇଥିଲେ । ସର୍ବଶେଷରେ କାର୍ଯ୍ୟକ୍ରମର ଆବାହିକା ମିନତୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟ ରାଜନୀତି ନେଇପାରେ...

ଭକ୍ତ କହିଛନ୍ତି ହାଇକମାଣ୍ଡ ଚାହିଁଲେ ମେଣ୍ଟ ହୋଇପାରେ। ଖଡ଼ଗେ, ରାହୁଲ ଗାନ୍ଧୀ ଏବଂ ନବୀନ ଚାହିଁଲେ ଏକାଠି ଲଢ଼ିପାରୁ। ସେପଟେ ପିସିସି ସଭାପତିଙ୍କ ମେଣ୍ଟ ଆକଳନକୁ ପରୋକ୍ଷରେ ସମର୍ଥନ କରିଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର। ଦେବୀ କହିଛନ୍ତି ସମ୍ଭାବନା ସବୁ କ୍ଷେତ୍ରରେ ରହିଛି। ତତ୍କାଳୀନ ପରିସ୍ଥିତିକୁ ଦେଖି ରାଜ୍ୟ ସ୍ୱାର୍ଥ ଅନୁଯାୟୀ ନିଷ୍ପତ୍ତି ନେବେ ସଭାପତି ନବୀନ। ରାଜ୍ୟସଭା ବାହାନାରେ ଏକାଠି ହୋଇଥିଲେ ବିଜେଡି କଂଗ୍ରେସ। କିନ୍ତୁ ପରେ ବିଭିନ୍ନ ପ୍ରସଙ୍ଗରେ ବିଧାନସଭା ଭିତରେ ଏବଂ ବାହାରେ ଉଭୟ ଏକାଠି ହେଉଥିବା ଦେଖିବାକୁ ମିଳୁଛି। ଏମିତିକି କଂଗ୍ରେସ ବିଧାୟକ ଦଳ ନେତା ଥାଉ ଥାଉ ବିଜେଡି ବିଧାୟକଙ୍କ ଇଙ୍ଗିତରେ କଂଗ୍ରେସ ବିଧାୟକମାନେ ମଧ ପ୍ରତିବାଦ କରିବା ଚର୍ଚ୍ଚାର ବିଷୟ ପାଲଟି ଥିଲା। ଯାହାକୁ ଯଦିଓ ଉଭୟ ଦଳ ପ୍ରସଙ୍ଗଭିତ୍ତିକ ସମର୍ଥନ ବୋଲି କହି ଆସୁଛନ୍ତି। ବିଜେପିର ଯୁକ୍ତି ଏହା ବିରୋଧୀଙ୍କ ଅସାଧୁ ମେଣ୍ଟ, କିଛି ପ୍ରଭାବ ପକାଇବ ନାହିଁ। ୨୦୨୨ରେ ସମସ୍ତ ଜିଲ୍ଲା ପରିଷଦ ସହ ସିଂହ ଭାଗ ବ୍ଲକ୍ ଦଖଲ କରିଥିଲା ବିଜେଡି। କିନ୍ତୁ ସାଧାରଣ ନିର୍ବାଚନ ପରେ ବିଜେଡିର ପଞ୍ଚାୟତ ଏବଂ ବ୍ଲକ୍ ପ୍ରତିନିଧିମାନେ ଶାସକ ବିଜେପି ମୁହାଁ ହେବା ଦଳର ଚିନ୍ତା ବଢ଼ାଇ ଦେଇଛି। ସେପଟେ ତୃଣମୂଳ ସ୍ତରରେ ଦୁର୍ବଳ ଥିବା କଂଗ୍ରେସ କର୍ମୀଙ୍କ ଭିତରେ ଜୋସ୍ ଭରିବାର ପରିବେଶ ତିଆରି ପାଇଁ ଭକ୍ତ ଏଭଳି ରଣନୀତି ବନେଇଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ରାଜ୍ୟସଭାରେ ପରସ୍ପରକୁ ସମର୍ଥନ ପାଇଁ କ୍ରସ୍ ଭୋଟିଂଗରୁ କିଛି ନେତା ଅସନ୍ତୁଷ୍ଟ ଥିବା ବି ସ୍ପଷ୍ଟ ହେଉଛି। ତେଣୁ ଏମିତି ସ୍ଥିତିରେ ଯଦି ମେଣ୍ଟ ହେଉଛି ରାଜନୀତି କେଉଁ ମୋଡ଼ ନେବ ତା ଉପରେ ନଜର।

### ପୋଲିସ ଏସଆଇ ପରୀକ୍ଷା ...

ସିବିଆଇର ୨୦ ଜଣିଆ ଟିମ୍ ରେଡ୍ କରିବା ସହ ଜବତ କରିଛି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ । ରେଡ୍ ବେଳେ ଜଣାପଡିଛି ବାଲିଗୁଡାରେ ଶିକ୍ଷକତା କରୁଥିବା ଗୋବିନ୍ଦ ତ୍ରିପାଠୀ ଏହି ପରୀକ୍ଷା ସେଣ୍ଟରକୁ ଚଳାଉଥିଲେ । ଅଭିଯୋଗ ହୋଇଛି ଯେ, ଗୋବିନ୍ଦ ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟି ସହ ମିଶି ଏକାଧିକ ସରକାରୀ ଚାକିରୀ ପାଇଁ ଫିକ୍ସିଂ କରିବା ସହ କୋଟି କୋଟି ଟଙ୍କା ରୋଜଗାର କରୁଥିଲେ । ପରୀକ୍ଷା ସ୍କାମ୍ ସାମ୍ନାକୁ ଆସିବା ଦିନଠାରୁ ଗୋବିନ୍ଦ ଫେରାର୍ ଥିବା ଜଣାପଡ଼ିଛି । ଏହାରି ଭିତରେ ସିବିଆଇ ଏକାଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପାଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ୧୫ରୁ ୨୫ ଲକ୍ଷ ଟଙ୍କା ଦେଇ ପୋଲିସ ଚାକିରି କିଣିବା ନେଇ ଯେଉଁ ପରୀକ୍ଷାର୍ଥୀମାନେ ଡିଲ୍ କରିଥିଲେ, ସେମାନଙ୍କ ପାଇଁ ଏଠାରେ କରାଯାଇଥିଲା ସ୍ୱତନ୍ତ୍ର ବ୍ୟବସ୍ଥା । ସେମାନେ ଏଇଠି ପରୀକ୍ଷା ଦେଇ ପାଇଥାନ୍ତେ ଚାକିରି । ଏହାର ସୁରାକ ପାଇବା ପରେ ଚଢଉ କରି ଯାଞ୍ଚ କରୁଛି ସିବିଆଇ । ଏହା ମଧ୍ୟରେ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ପୋଲିସ ଏସଆଇ ପରୀକ୍ଷା ସ୍କାମ୍ ମାମଲାରେ ପ୍ରାଥମିକ ଚାର୍ଜସିଟ ଦାଖଲ କରିସାରିଛି । ଏସଆଇ ସ୍କାମ୍ ମାମଲାରେ ମୁଖ୍ୟ କାର୍ପଟଦାର ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି, ସିଲିକନ୍ ଟେକ୍ ମାଲିକ ସୁରେଶ ନାୟକ, ଦଲାଲ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ପ୍ରିୟଦର୍ଶିନୀ ସାମଲ, ସାଗର ଗୌଡା, ଅରବିନ୍ଦ ଦାସ, ବିରଞ୍ଚି ନାୟକ, ଅର୍ଜୁନ ନାୟକ, ନୀତିଶ କୁମାର ସମେତ ୧୭ ଜଣ ଅଭିଯୁକ୍ତଙ୍କ ବିରୋଧରେ ତଥ୍ୟ ପ୍ରମାଣ କୋର୍ଟଙ୍କ ନିକଟରେ ଦାଖଲ କରିସାରିଛି ସିବିଆଇ। ଏହା ମଧ୍ୟରେ ଏକାଧିକ ପରୀକ୍ଷାର୍ଥୀଙ୍କୁ ଜେରା ମଧ ସରିଛି । ପୋଲିସ ଏସଆଇ ପରୀକ୍ଷା ନେଇ ଓଡ଼ିଶା ପୋଲିସ୍ ରିକ୍ରୁଟମେଣ୍ଟ ବୋର୍ଡର ଭୂମିକା ଏବେ ବି ସନ୍ଦେହ ଘେରରେ । ପ୍ରଶ୍ନପତ୍ର ଛାପିବାଠୁ ପରୀକ୍ଷା ସେଣ୍ଟର ଫିକ୍ସିଂରେ ଓପିଆରବିର ବରିଷ୍ଠ ଅଧିକାରୀ ସମ୍ପୃକ୍ତ ଥିବା ସିବିଆଇ ପ୍ରମାଣ ପାଇଥିବା ଜଣାପଡିଛି । ଆଉ ଏହାକୁ ନଇ ଚଳାଇଛଇ ଖୋଳତାଡ ।

### ବିଶ୍ୱ-ଇତିହାସ...

ତୃତୀୟ ସନ୍ଧ୍ୟାର ଉଦ୍‌ଘାଟିକା ରାଜ୍ୟ ମହିଳା କମିଶନର ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ବୈଶାଖୀ ମାସର କର୍ମ ପୁଣ୍ୟ, ବିଧିବିଧାନ ପୁଣ୍ୟ ଏବଂ ୫ ଦିନିଆ ସାର୍ବଜନୀନ ବୈଶାଖୀ ମହୋତ୍ସବରେ ଦୀର୍ଘ ୧୧ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ନାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସନ୍ଧ୍ୟା ପାଳନ କରିଆସୁଥିବା କର୍ମକର୍ତ୍ତାମାନଙ୍କର ଏକ ପୁଣ୍ୟ କର୍ମ ବୋଲି କହିଥିଲେ। ମୁଖ୍ୟବକ୍ତା କବି-କଥାକାର-ସଂପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ନିଜର ଉଚ୍ଛ୍ୱାସ ପରିପ୍ରକାଶ କରିଥିଲାବେଳେ ଆମ୍ଭେ ଶାସ୍ତ୍ରୀୟ ମାନ୍ୟତାର ଅଧିକାରୀ ସତ୍ତ୍ୱେ ବି କିଭଳି ଅଦ୍ୟାବଧି ନିର୍ଯ୍ୟାତିତ ହେଇଆସିଛୁ - ସେଥିପାଇଁ ଆମ ସମାଜ କିଭଳି ସଂକଟରେ ଅଛି ଚେତାବନୀ ଦେଇ ଏହି ଚଳନ୍ତି ସମାଜକୁ ସମ୍ମାନ ଦେବାପାଇଁ 'ଯୁଗଶ୍ରୀ ଯୁଗନାରୀ'ର ସଂପାଦିକା ଶ୍ରୀମତୀ ମମତା ମହାପାତ୍ର ପ୍ରତି ନାରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏକରେ ଏକ ମିଶିଲେ ଏଗାର ଏବଂ ଏଗାରରେ ଏକ ମିଶିଲେ ଶହେ ଏଗାର ହେବାର ରାସ୍ତା ଫିଟୁଥିବାବେଳେ ଆସନ୍ତୁ ଆଖିକୁ କ୍ୟାମେରା କରି ସମସ୍ତେ ଭଲ ଶିକ୍ଷାର ସଂବାଦ ରୁଣ୍ଡାଇ ସମାଜ ବଦଳାଇବା ପାଇଁ କନକ ଟି.ଭି.ର ବାଲେଶ୍ୱର ପ୍ରତିନିଧି ଅତିଥିବକ୍ତା ସୁମନା ପରିଡ଼ା, ଗୀତାଞ୍ଜଳି ସିଂହ ପ୍ରମୁଖ ଆହ୍ୱାନ ଦେଇଥିଲେ। 'ବୈଶାଖୀ' ମୁଖପତ୍ରର ପ୍ରକାଶିକା ଶ୍ରୀମତୀ ବାସନ୍ତୀ ପାତ୍ର ଏପରି ବିରଳ ସନ୍ଧ୍ୟାରେ ସ୍ୱାଗତ ସମ୍ଭାଷଣ ରଖିଥିଲା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାନେତ୍ରୀ ସାରିକା କର ପୌରୋହିତ୍ୟ କରିଥିଲେ। ସୁଶ୍ରୀ ଆମ୍ରପଲ୍ଲୀ ପ୍ରଧାନ ପରିଶେଷରେ ଶେଷକଥା ଦ୍ୱାରା ସଭାସାଂଗ କରିଥିଲେ। ଏହି ମହିଳା ସନ୍ଧ୍ୟାରେ ସୁଶ୍ରୀ ନିର୍ଲିପ୍ତା କର ଓ ସାଥୀମାନେ ମଂଚପରିଚାଳନା ଓ ଅତିଥିମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର ଫଳାଫଳ ଅନୁସାରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା।

### ୨ ଲକ୍ଷ ୩୪ ହଜାର ...

ଦୁଖୁ ଧରାପଡ଼ିବା ପରେ ତାଙ୍କର ଗୁଡ଼ାରି ସ୍ଥିତ ସରକାରୀ ବାସଭବନ ସହିତ ନବରଙ୍ଗପୁରର ସେନାପତି ସାହିରେ ଥିବା ତାଙ୍କ ଘରେ ଭିଜିଲାନ୍ସର ଦୁଇଟି ପୃଥକ ପୃଥକ ଟିମ୍ ଚଢ଼ାଉ କରିଛନ୍ତି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି।

### ସିମେଣ୍ଟ ମିକ୍ସର ସହ ପିଟି ...

ଯେ ଘଟଣା ସ୍ଥଳରେ ୧୧ ଜଣଙ୍କ ଜୀବନ ଚାଲି ଯାଇଛି। ମୃତକଙ୍କ ମଧ୍ୟରେ ୮ ଜଣ ପୁରୁଷ ଓ ୩ ଜଣ ମହିଳା ରହିଛନ୍ତି। ଦୁଇ ଆହତଙ୍କୁ ଉଲାଶନଗର ସ୍ଥିତ ଗୋଟିଏ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ମୁରବାଦ ତହସିଲଦାର ଅଭିଜିତ ଦେଶମୁଖ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଯେ ଏଯାଏ ୬ ଜଣ ମୃତକଙ୍କ ପରିଚୟ ମିଳିଛି। ବାକି ମୃତାହତଙ୍କ ପରିଚୟ ଚିହ୍ନଟ ପାଇଁ ପ୍ରୟାସ ଚାଲିଛି। ମୃତକଙ୍କ ମଧ୍ୟରେ ଭ୍ୟାନ ଡ୍ରାଇଭର ରହିଛନ୍ତି କି ନାହିଁ, ସେକଥା ଜଣାପଡ଼ିନି। ଦୁର୍ଘଟଣା ଯୋଗୁ କଲ୍ୟାଣ ଓ ଅହଲ୍ୟାଗନର ରାସ୍ତାରେ ବେଶ କିଛି ଘଣ୍ଟା ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ପୁଲିସ୍ ଓ ସ୍ଥାୟୀ ଲୋକଙ୍କ ସହାୟତାରେ ଟ୍ରାଫିକ ଚଳାଚଳ ଅପରାହ୍ନ ପରେ ସ୍ୱାଭାବିକ ହୋଇଥିଲା। ଏବେ କେଉଁ କାରଣରୁ ଏତେ ବଡ଼ ଦୁର୍ଘଟଣା ଘଟିଲା ଓ ଭ୍ୟାନ ଧାର୍ଯ୍ୟ ସୀମା ଠାରୁ ଅଧିକ ଲୋକଙ୍କୁ ନେଇ ଯାତ୍ରା କରୁଥିଲା କି ନାହିଁ, ତା'ର ଯାଞ୍ଚ ପୁଲିସ୍ ପକ୍ଷରୁ ଆରମ୍ଭ କରାଯାଇଛି।

## ଲୋକସଭା ସଦସ୍ୟଙ୍କୁ ହ୍ୱିପ ଜାରି କଲା କଂଗ୍ରେସ

ନୂଆଦିଲ୍ଲୀ, ୧୩/୪ (ନି.ପ୍ର): କଂଗ୍ରେସ ତାର ଲୋକସଭା ସଦସ୍ୟମାନଙ୍କୁ ଏକ ହ୍ୱିପ୍ ଜାରି କରି କହିଛି ଯେ, ସେମାନେ ଆସନ୍ତା ୧୬ ରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ହେବାକୁ ଥିବା ସଦନର ତିନି ଦିନିଆ ବିଶେଷ ବୈଠକରେ ଉପସ୍ଥିତ ରହିବେ ଏବଂ ପାର୍ଟିର ମତକୁ ସମର୍ଥନ କରିବେ। "କଂଗ୍ରେସ ତାର ଔପଚାରିକ ବିବୃତିରେ କହିଛି ଯେ, ୧୬ ରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ଲୋକସଭାରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ଓ ଭୋଟିଂ ହେବ, ସେହିପାଇଁ ସମସ୍ତ ସାଂସଦଙ୍କର ଉପସ୍ଥିତି ଅନିବାର୍ଯ୍ୟ। "ପାର୍ଟି ସେତେବେଳେ ଏହି ହ୍ୱିପ୍ ଜାରି କରିଛି, ଯେତେବେଳେ ସରକାର ସଂସଦର ଚାଲୁଥିବା ବଜେଟ୍ ସେସନ୍ ଅଧୀନରେ ହେଉଥିବା ଏହି ତିନି ଦିନିଆ ବୈଠକରେ ମହିଳା ଆରକ୍ଷଣ ଆଇନକୁ କାର୍ଯ୍ୟକରୀ କରିବା ସମ୍ବନ୍ଧୀୟ ସଂଶୋଧନ ଏବଂ ପରିସୀମନ ସହିତ ସମ୍ବନ୍ଧିତ ବିଲ୍‌ଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ପ୍ରସ୍ତୁତି କରୁଛି।"

# ଆର୍ତ୍ତୃଙ୍ଗ ଗ୍ରାମରେ ବିଦ୍ୟମାନ ଏକ ସ୍ୱତନ୍ତ୍ର ଦୈବୀପୀଠ



ବାସୁଦେବପୁର, ୧୩/୪ (ନି.ପ୍ର): ସମଗ୍ର ଉତ୍କଳ ଭୂଖଣ୍ଡର ଉପକୂଳବର୍ତ୍ତୀ ଗ୍ରାମମାନଙ୍କରେ ବିଶେଷତଃ ତିନି ଦେବୀ ବା ଠାକୁରାଣୀ ବିଭିନ୍ନ ସ୍ଥାନରେ ପୂଜିତ ହେଉଛନ୍ତି ଓ ଭକ୍ତମାନଙ୍କର ମାନସପଟରେ ବିଦ୍ୟମାନ। । ଶୁଣୀ ନାମଧାରୀ ଯଥା ଆଙ୍କୁଡ଼ାଶୁଣୀ, ଶଙ୍ଖାଶୁଣୀ, ପିଆଣଶୁଣୀ, ହାତୀଆଶୁଣୀ, ଭାଲୁକାଶୁଣୀ, ପଳାଶୁଣୀ, ଆଦି ଦେବୀ ବା ଠାକୁରାଣୀ ବିଭିନ୍ନ ଗ୍ରାମରେ ପୂଜିତ ହେଉଥିବାବେଳେ ଏତଦ ଭିନ୍ନ ମୁଖ୍ୟତଃ ଅନ୍ୟ ଚାରି ଦେବୀ ପ୍ରାୟତଃ ସର୍ବତ୍ର ପୂଜିତ । ଏମାନେ ହେଲେ ମା ଜାଗୁଳାଇ, ମା ମଙ୍ଗଳା, ମା ବାସୁଳି ଓ ମା ତାରିଣୀ । ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅନ୍ତର୍ଗତ ଆର୍ତ୍ତୃଞ୍ଚ ଗ୍ରାମ ଏକ ଅନନ୍ୟ ଉଦାହରଣ ଯେଉଁଠି ଏହି ଚାରି ମୁଖ୍ୟ ଦେବୀ ଆହୁରି ଚଉଦ ଜଣ ଭଉଣୀଙ୍କ ସହ ପୂଜା ପାଉଛନ୍ତି । ଏହି ଦେବୀମାନଙ୍କ ମଧ୍ୟରୁ ପ୍ରାୟତଃ ଚଉଦ ପନ୍ଦର ଦେବୀଙ୍କ ଶକ୍ତି ଚଉଦ ପନ୍ଦର ଜଣ ପୁରୁଷ ବ୍ୟକ୍ତିଙ୍କ ମାଧମରେ କାଳିସୀ ଲାଗିଥାନ୍ତି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବା ଥାନପତି ବୁଢ଼ୀଜାଗୁଳାଇଙ୍କ ପୀଠରେ ପ୍ରଗାଢ଼ ଭକ୍ତିମୟ ପରିବେଶରେ ଚତୁର୍ଦ୍ଦିବାସୀୟ ଯଜ୍ଞଅନୁଷ୍ଠାନ ଚାଲୁଅଛି । ଶ୍ରଦ୍ଧାଳୁ ଭକ୍ତ ଓ ଭକ୍ତାଗଣ ଆନ୍ତରିକତାର ସହ ଏହି ଯଜ୍ଞଅନୁଷ୍ଠାନକୁ ସଫଳ କରିବାପାଇଁ ଆର୍ଥିକ ସହଯୋଗ ସହ ବାଚନିକ ଓ କାୟିକ ଯୋଗଦାନ କରୁଛନ୍ତି । ପଣ୍ଡିତ ଶ୍ରୀଯୁକ୍ତ ବିଜୟ କିଶାନ ସନ୍ଧିବିଗ୍ରହଙ୍କ ପୌରହିତ୍ୟରେ ଓ ସମସ୍ତ ଗ୍ରାମବାସୀଙ୍କ ଆନ୍ତରିକ ସହାୟତାରେ ଏହି ଚତୁର୍ଦ୍ଦିବାସୀୟ ଯଜ୍ଞଅନୁଷ୍ଠାନ ସୁରୁଖୁରୁରେ ଚାଲୁରହିଛି । ଚଳିତ ମାସ ଏଗାର ଏପ୍ରିଲରୁ ଆରମ୍ଭ ହେଇଥିବା ଏହି ଯଜ୍ଞଅନୁଷ୍ଠାନ ଚଉଦ ତାରିଖରେ ପୂର୍ଣ୍ଣାହୁତି ସହ ସମ୍ପନ୍ନ ହେବ । ମା ବୁଢ଼ିଜାଗୁଳେଇ ପୀଠରେ ଥିବା ସମସ୍ତ ଦେବୀ ଶକ୍ତିଙ୍କ ନାମ ଯଥାକ୍ରମେ ମା ବୁଢ଼ିଜାଗୁଳେଇ, ମା ନିମ ଜାଗୁଳେଇ, ମା ବାସୁଳି, ମା ସର୍ବ ମଙ୍ଗଳା, ମା କ୍ଷୀରୋଦରି ପଶ୍ଚିମା, ମା ଝାଡ ଭାଙ୍ଗି, ମା ବଣବିଭୁ, ମା ନାଗେଶ୍ୱରୀ, ମା ସିଦ୍ଧମାରି, ମା ବନ ଦୁର୍ଗା, ମା ମୁଣ୍ଡୁଳୀଶୁଣୀ, ମା ଦରିଆଶୁଣୀ, ମା ଶଙ୍ଖାଶୁଣୀ, ମା ରାଉତିଆଣୀ, ମା ଡାକିନୀ, ମା ଧୂଳିଗଡ଼ ପଶ୍ଚିମା, ମା ଦାଣ୍ଡ ପଶ୍ଚିମା, ମା ଯେମିନି କାଳିକା ଓ ମା ତାରିଣୀ । ଏହି ଉତ୍ସବରେ କମିଟିର ମୁଖ୍ୟ ସୀତାକାନ୍ତ ରାଉତ, ଶିବାଜୀ ଚରଣ ନାୟକ, ଗୌତମ ସେଠୀ, କ୍ଷୀରୋଦ ମହାନ୍ତି, ସୁଧାକର ରାଉତ,ରତିକାନ୍ତ ପାଣିଗ୍ରାହୀ, ସତ୍ୟବ୍ରତ ବେହେରା, ଉମାକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରାକ୍ତନ ଟ୍ରେଜେରୀ କର୍ମଚାରୀଙ୍କ ପରଲୋକ

ଖଇରା, ୧୩/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପାର୍ବତୀପୁର ଗ୍ରାମର ଅବସରପ୍ରାପ୍ତ ଟ୍ରେଜେରୀ କର୍ମଚାରୀ ଉପେନ୍ଦ୍ର ପ୍ରସାଦ ପତି(୮୩) ଶନିବାର ପରଲୋକ ଗମନ କରିଛନ୍ତି । ମୃତ୍ୟୁ ଖବର ପାଇଁ ଶିକ୍ଷକ ନେତା ସୁଶାନ୍ତ ମହାପାତ୍ର ଓ ବହୁ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ପତି ବାଲେଶ୍ୱର ଟ୍ରେଜେରୀରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟକରି ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ ।

## ବେତନଟୀ ଚଣ୍ଡିଛକରେ ଧାରଣା ଦେବ ସିଭିଲ ସୋସାଇଟି

ବୈଶିଙ୍ଗା , ୧୩/୪ (ନି.ପ୍ର): ଆଗାମୀ ଅପ୍ରେଲ ୨୩ ଓ ୨୪ ତାରିଖ ଦୁଇଦିନ ଧରି ବେତନଟୀ ର ଚଣ୍ଡୀ ଛକରେ ଏକ ଗଣଧାରଣା ର ଆୟୋଜନ କରିଛି, ସିଭିଲ ସୋସାଇଟି। ବହୁବାର ଲିଖିତ ଓ ମୌଖିକ ଭାବେ ସ୍ଥାନୀୟ ସରପଞ୍ଚ, ବିଡିଓ, ପୋଲିସ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତିନିଗୋଟି ସମସ୍ୟା ଜଣାଇ ସମାଧାନ ହେଲାନାହିଁ । ବେତନଟୀବାସୀଙ୍କ ସମସ୍ୟା ଦୂର ପାଇଁ ପ୍ରଚଣ୍ଡ ଖରାରେ ଧାରଣା ଦେବାର ସଂକଳ୍ପ ନେଇଛି, ଷାଠିଏ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନଙ୍କ ସରକାରୀ ସୀକୃତିପ୍ରାପ୍ତ ଏହି ସଂଗଠନ । ବେତନଟୀ ଚଣ୍ଡିଛକ ରାସ୍ତାର ଉଭୟ ପାଖରେ ଅମାନିଆ ଚାଳକ ମାନଙ୍କ ନିମନ୍ତେ ହମ୍ପସ ନିର୍ମାଣ ଓ ଗତିରୋଧକ ସାଇନ ବୋର୍ଡ ଲଗାଇବା, ସେଠାରେ ତିନିବର୍ଷରୁ ଅଧିକ ସମୟ ଖରାପ ଥିବା ବିଦ୍ୟୁତ୍ ଆଲୋକ ସଜାଡି ଦୁର୍ବୃତ୍ତ ମାନଙ୍କୁ ଅନ୍ଧାରର ସୁଯୋଗ ନ ଦେବା ଏବଂ ସେହିଠାରେ ଅବିଳମ୍ବେ ସିସିଟିଭି କ୍ୟାମେରା ଲଗାଇବା ଇତ୍ୟାଦି ଦାବି ପାଇଁ ଆନ୍ଦୋଳନ କରିବାକୁ ସୋସାଇଟି ବାଧ ହୋଇଛି ବୋଲି ସଭାପତି ଚୂଡାମଣି ମହାପାତ୍ର ଓ ସାଧାରଣ ସମ୍ପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ଜଣାଇଛନ୍ତି । ଏଥିସହ କାର୍ଯ୍ୟକାରୀ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସଂପାଦକ ଶ୍ରୀ ମହାନ୍ତି ଅପ୍ରେଲ ୧୩ ତାରିଖରେ ସ୍ଥାନୀୟ ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପଞ୍ଚାୟତରାଜ ବିଭାଗ, ପୋଲିସ ଉପଖଣ୍ଡ ଅଧିକାରୀଙ୍କୁ ସାକ୍ଷାତ କରି ଲିଖିତ ଭାବେ ଏହା ଜଣାଇଛନ୍ତି । ଏଥିସହ ଡାକ ଯୋଗେ ଉପଜିଲ୍ଲାପାଳ, ମାନ୍ୟବର ବିଧାୟକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମହୋ। ଦୟ ଗଣଙ୍କୁ ଏହା ଜଣାଇ ଦିଆଯାଇଅଛି । ଜିଲ୍ଲାପାଳ ଓ ଏସ.ପି.ମହୋଦୟଙ୍କୁ ବ୍ୟକ୍ତିଗତ ସାକ୍ଷାତ । ଆଲୋଚନା ମଧ କରାଯିବାର ଯୋଜନା ରହିଛି ବୋଲି ଯୁଗ୍ମ ସଂପାଦକ ରବୀନ୍ଦ୍ର ନାଥ ମିଶ୍ର ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜଳେଶ୍ୱର ବ୍ଲକ ପକ୍ଷରୁ ପାରମ୍ପାରିକ 'ଆମ ରୁଚି ଆମ ଖାଦ୍ୟ' ଦିବସ ପାଳନ

ଜଳେଶ୍ୱର, ୧୩/୪ (ନି.ପ୍ର): ଓଡ଼ିଆ ଭାଷା,ସାହିତ୍ୟ,ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ଓଡିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ଓ ଓଡିଆ ନବବର୍ଷ ପାଳନ ଅବସରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ଝୋଟି, ଚିତା,ମୁରୁଜ,ଓ ପିଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଜଳେଶ୍ୱର ବ୍ଲକ ପରିସରରେ ଓଡ଼ିଶା ପକ୍ଷ ପାଳନ ଅବସରରେ ଆୟୋଜିତ ଆମ ଖାଦ୍ୟ ଆମ ରୁଚି ଶୀର୍ଷକ ଖାଦ୍ୟ ପ୍ରଦର୍ଶନୀରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ପାରମ୍ପରିକ ଖାଦ୍ୟ ସ୍ୱାଦିଷ୍ଟ ଓ ଅନନ୍ୟ ବୋଲି କହିଥିଲେ।ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ କୁମାର ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ସହ ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ଓତଃପ୍ରୋତ ଜଡ଼ିତ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧରେ ଏବିଡିଓ ସୁଧୀର କୁମାର ସାହୁ,ବ୍ଲକ ଫାଇନାନ୍ସ ଅଫିସର ଜୀବନ କୁମାର ପରିଡ଼ା,ସିଡିପିଓ ମିନତୀ ସିଂ, ବିପିଏମ୍ ନିରଞ୍ଜନ ନାୟକ,ମଧୁସୁଦନ ସେନାପତି ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ଓଡିଆ ଖାଦ୍ୟ ପ୍ରଦର୍ଶନୀ ବିଭିନ୍ନ ପଞ୍ଚାୟତର ଏସଏଚଜି ଗ୍ରୁପ ଏମ୍ବିକେ, ସିଆରପି ପ୍ରମୁଖ ଚିନା ଆରିଷା, ମୋଦକ ଲଡୁ,ଗୁଡ଼ ଆରିଷା, ପୁର ଦିଆ ଚୁଡା ଲଡୁ, ବର୍କ୍କା ପିଠା, ମଣ୍ଡା, ରଶ୍ମୀ ପିଠା,ଚିତଉ ପିଠା,ସୁଜି ମାଲପୁଆ,ବିନା ଚିନ୍ନି ମୁହାଁ ପିଠା,ଇଟିଲି ଘୁଗୁନି,ପୋଡ଼ ପିଠା,ଛେନା ପୋଡ଼,ମୁଗଡାଲି ମାଲପୁଆ,ଦହି ମୁହାଁ, ବିସ୍କୁଟ ପିଠା,ଦହି ଇଟିଲି,ପରିବା ପିଠା,ଛୁଞ୍ଚି ପତ୍ର,ଗଇଁଠା,ସରୁ ଚକୁଳି,ବିରି ଚକୁଳି ଇତ୍ୟାଦି ଭଳିକି ଭଳି ଜଳଖିଆ ପ୍ରସ୍ତୁତ କରି ଅତିଥିଙ୍କୁ ପରସି ଥିଲେ।

# ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି: ଭୋଟ ବର୍ଜନ ପାଇଁ ଗ୍ରାମବାସୀ ଦେଲେ ଚେତାବନୀ



ଖଇରା, ୧୩/୪ (ନି.ପ୍ର): ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଖଇରା ଶିକ୍ଷକଭବନ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଏସପିଙ୍କ ଅନୁପସ୍ଥିରେ ମୋଟ ୧୦୮ଜଣ ଦାଖଲ କରିଥିବା ଅଭିଯୋଗର ଶୁଣାଣି କରାଯାଇଥିଲା । ଔପଦା ବ୍ଲକର ଫତେପୁର ଠାରୁ ହରିହରପୁର ଶାସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ନୂତନ ଭାବେ ରାଜସ୍ୱ ଗ୍ରାମର ବିଧିବଦ୍ଧ ଘୋଷଣା କରା ନଗଲେ ଗ୍ରାମବାସୀ ମାନେ ଭୋଟ ବର୍ଜନ କରିବାକୁ ଲିଖିତ ଭାବେ ଅବଗତ କରାଇଥିଲେ । ଖଇରା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନଙ୍କୁ ପରିଚୟ ପତ୍ର ମିଳୁନଥିବା ନେଇ ମଞ୍ଚର କାର୍ଯ୍ୟକର୍ତ୍ତା ମାନେ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରିଥିଲେ । ସେହିଭଳି କୁପାରୀ, ବର୍ତ୍ତନା, କୋଚିଆକୋଇଲି ରାଜସ୍ୱ କ୍ଷେତ୍ର ଅଧିନସ୍ଥ ସରକାରୀ ଜମିରେ ପ୍ରଚୁର ପରିମାଣର ମାଙ୍କଡା ଓ ମୋରମ ଗଛିତ ଥିବା ବେଳେ ଏହାକୁ ସରକାରୀ ସ୍ତରରେ ନିଲାମ କରାଯାଉନଥିବାରୁ ଲଘୁଖଣିଜ ଦ୍ରବ୍ୟ ଚୋରାଚାଲାଣ କେଉଥିବା ଏବଂ ୧୯୭୧ ମସିହାରୁ କୁପାରୀ ରାଜସ୍ୱ କ୍ଷେତ୍ରରେ ପଟ୍ଟା ପାଇଥିବା ଭୂମିହୀନ ମାନଙ୍କୁ ଜମି ଚିହ୍ନଟ ଦିଆଯାଉନଥିବାରୁ ଜମି ମାଫିଆ ଓ ପଟ୍ଟାଧାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଥିବା ନେଇ ୩ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଅଭିଯୋଗ କରିଥିଲେ । ରେସନ କାର୍ଡରେ ନାମ ଯୋଡା ଯାଉନଥିବା ନେଇ ବହୁ ରେସନକାର୍ଡଧାରୀ ଜିଲାପାଳଙ୍କୁ ଅବଗତ କରାଇଥିଲେ । ଉକ୍ତ ଶୁଣାଣି ଶିବିରରେ ଏଡିଏମ ହେମନ୍ତ କୁମାର ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ,ଏପିଡି ମଧୁସ୍ମିତା ସାମନ୍ତରାୟ, ମୁଖ୍ୟଚିକିତ୍ସାଧିକାରୀ ଅନିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିଡିଓ ନାରାୟଣ ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, ଆଇଆଇସି ଜନ ପଟ୍ଟନାୟକ, ବିଏସଏସଓ ସରୋଜ କୁମାର ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦ୍ରୁପଦ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ପାନୀୟଜଳ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ



ନୀଳଗିରି, ୧୩/୪ (ନି.ପ୍ର): ଗ୍ରୀଷ୍ମ ଆରମ୍ଭରେ ଲୋକଙ୍କ ଜଳକଷ୍ଟ ଦେଖିବାକୁ ମିଳିଛି । ବିଭାଗର ଅବହେଳିତ କାର୍ଯ୍ୟ ଓ କାର୍ଯ୍ୟରେ ଢିଲାପଣ ପାଇଁ ବାଧହୋଇ ଜଣେ ସରପଞ୍ଚ ଆଜି ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ମୁତାବକ ନୀଳଗିରି ବ୍ଲକର ତେଲିପାଳ ପଞ୍ଚାୟତର ରାଇପାଳ ବସୁଧା ଜଳଯୋଗାଣ ପ୍ରକଳ୍ପ ଅଧୀନରେ ଥିବା ଗୋହିରା, ରାଇପାଳ ଗ୍ରାମର ଶତାଧିକ ପରିବାର ପାଣିପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରେ ଘରେ ପାଇପଯୋଗେ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶୃତି ଦିଆଯାଇଥିଲେ ବି ଏଯାବତ ସେମାନ ବିଶୁଦ୍ଧଜଳ ବୁନ୍ଦାଏ ପାଇପାରିନାହାନ୍ତି। ଯାହାକୁ ନେଇ ଗ୍ରାମବାସୀ ଆରଡବ୍ଲୁ ଏସଏସ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଏ ବାବଦରେ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ସେହିପରି ଉକ୍ତ ପଞ୍ଚାୟତର ଭୋଲାନାଳ, କେନ୍ଦୁଆ ଓ ହୁଡିସାହିରେ ଜଳଯୋଗାଣ ପାଇଁ ସମସ୍ତ କାର୍ଯ୍ୟ ୬ମାସରୁ ଉର୍ଦ୍ଧ୍ୱସମୟ ହେବ ସମାପ୍ତ ହୋଇଥିଲେ ବି ଏଯାବତ ପାଣି ଛଡାଯାଇନାହିଁ । ଯାହାପାଇଁ ଉକ୍ତ ପଞ୍ଚାୟତବାସୀ ପାଣିପାଇଁ ତହଳ ବିକଳ ହେଉଛନ୍ତି। ଶେଷରେ ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତେଲିପାଳ ସରପଞ୍ଚ ବାହାମଣୀ ମାର୍ଣ୍ଡି ନୀଳଗିରି ବିଡିଓଙ୍କୁ ଏ ବାବଦରେ ତୁରନ୍ତ ସମାଧାନ କରିବାପାଇଁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

## 'ପୁରାଣମ୍ ପଂଚଲକ୍ଷଣମ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ

ଉଦଳା, ୧୩/୪ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ 'ପୁରାଣମ୍ ପଂଚଲକ୍ଷଣମ୍' ଶିର୍ଷକ ଏକ ଆଲୋଚାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପିକା ଡ଼. ସୁଷମା ସାହୁ ଆଲୋଚାଚକ୍ରରେ ଅଧକ୍ଷତା କରି ସଂସ୍କୃତ ପାଇଁ ଆମେ ଦେଶର କିପରି ଏକ ସ୍ୱତନ୍ତ୍ର ପରିଚୟ ରହିଛି ବ୍ୟକ୍ତ କରିଥିଲେ । ଏହାପରେ ବଡ଼ସାହି ମହାବିଦ୍ୟାଳୟର ସଂସ୍କୃତ ଅଧାପକ ଅନିରୁଦ୍ଧ ପଣ୍ଡା ଅତିଥି ଭାବରେ ଯୋଗଦେଇ 'ପୁରାଣମ୍ ପଂଚଲକ୍ଷଣମ୍' ଶିର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଛାତ୍ରୀ ଲୋପାମୁଦ୍ରା, ଦେବସ୍ମିତା ସାହୁ, ସୁଶାନ୍ତି ମୁଣ୍ଡା, ଲକ୍ଷ୍ମୀ ବାସ୍କେ ପ୍ରମୁଖ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ପରେ +୩ ଶେଷ ବର୍ଷର ଛାତ୍ରୀ ମାନେ ବିଦାୟ ନେଉଥିବାରୁ ଏହି ମଂଚରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ମାନେ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ଅଧାପକ ପ୍ରିୟଦର୍ଶନ ମାଝୀ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାନ୍ଧି ଶାନ୍ତି ପ୍ରତିଷ୍ଠାନରେ ସହିଦଙ୍କ ସ୍ମୃତି ଚାରଣ

ବୈଶିଙ୍ଗା , ୧୩/୪ (ନି.ପ୍ର): ସ୍ଥାନୀୟ ପୁରୁଣା ପ୍ଲାଷ୍ଟିକ କାରଖାନା ପରିସରରେ ବେତନଟୀର ପ୍ରାଚୀନ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଆବାହକ ଆଶୁକବି ବାସୁଦେବ ନାପିତଙ୍କ ଅଧକ୍ଷତାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ସହିଦ ମାନଙ୍କ ସ୍ମୃତି ଚାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସମାଜସେବୀ ରବୀନ୍ଦ୍ରନାଥ ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ମୁଖ୍ୟବକ୍ତା ଜାତୀୟ ପୁରସ୍କୃତ କୃତୀ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ରୋଟାରିଆନ ସୁନୀଲ କୁମାର ଖଣ୍ଡେଲୱାଲ,ମୟୂର ସାହିତ୍ୟର ସଂପାଦକ ଯତୀନ୍ଦ୍ରନାଥ ସାହୁ, କଇଁଫୁଲ ସମ୍ପାଦକ ପର୍ଶୁରାମ ସାହୁ , ଶିକ୍ଷାବିତ୍ ରାମଚନ୍ଦ୍ର ପଣ୍ଡା, କମଟିର ସଭ୍ୟ ବୟୋଜ୍ୟେଷ୍ଠ ହରେନ୍ଦ୍ର ନାଥ ବାରିକ ଓ ଜୟକୃଷ୍ଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥଲେ । ପ୍ରାରମ୍ଭରେ ଅପ୍ରେଲ ୧୩ ଜାଲିଓ୍ୱାନାବାଗ ହତ୍ୟା ଦିବସକୁ ସ୍ମରଣ କରି ସହିଦ ମାନଙ୍କ ପାଇଁ ଏବଂ ସ୍ୱର୍ଗତଃ ଆଶା ଭୋନସଲେଙ୍କ ଆତ୍ମାର ଶାନ୍ତି ନିମନ୍ତେ ଦୁଇ ମିନିଟ୍ ନୀରବ କରାଯାଇଥିଲା । ଶେଷରେ ସାମ୍ବାଦିକ କମଳ ଲୋଚନ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ହରିୟାଣବୀ ଗାୟକ ମାସୁମ ଶର୍ମାଙ୍କ ବିରୁଦ୍ଧରେ ମାମଲା ରୁଜୁ

ନୂଆଦିଲ୍ଲୀ,୧୩/୪ : ଡେରାଡୁନର ଡିଏଭି (ପିଜି) କଲେଜରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ କଥିତ ଭାବେ ଅଭଦ୍ର ଏବଂ ଆପତ୍ତିଜନକ ଶବ୍ଦ ବ୍ୟବହାର ମାମଲାରେ ପୁଲିସ ହରିୟାଣବୀ ଲୋକଗାୟକ ମାସୁମ ଶର୍ମାଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୁଲିସଙ୍କ ଅନୁସାରେ, ଛାତ୍ର ପ୍ରତିନିଧି ପ୍ରାଞ୍ଜଳ ନୌନୀ (ସତ୍ୟମ ଶିବମ ଛାତ୍ର ସଂଗଠନ)ଙ୍କ ପକ୍ଷରୁ ଥାନା ଡାଲାନୱାଲାରେ ଦିଆଯାଇଥିବା ତହରିରରେ ଅଭିଯୋଗ କରାଯାଇଛି ଯେ ୧୧ ଏପ୍ରିଲରେ କଲେଜ ପ୍ରାଙ୍ଗଣରେ ଆୟୋଜିତ ସାର୍ବଜନିକ ମଞ୍ଚ କାର୍ଯ୍ୟକ୍ରମ ସମୟରେ ଗାୟକଙ୍କ ପକ୍ଷରୁ ଅଶ୍ଳୀଳ ଏବଂ ଆପତ୍ତିଜନକ ଭାଷାର ବ୍ୟବହାର ହୋଇଥିଲା, ଯାହା ଫଳରେ ସେଠାରେ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ଭାବନା ଆହତ ହୋଇଥିଲା।

# ଦର୍ଶନ କଲଚରାଲ ଏକାଡେମୀ ପକ୍ଷରୁ ଦଶମ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଭଦ୍ରକ , ୧୩/୪ (ନି.ପ୍ର): ଦର୍ଶନ କଲଚରାଲ ଏକାଡେମୀର ଉଦଯାପନୀ ସନ୍ଧ୍ୟା ଗତକାଲି ରବିବାର ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ତରୀୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷ ଗୁଲମୁଖୀ ଦଲୱାଜି ହବିବ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ୱତନ୍ତ୍ର ଅତିଥି ଭାବେ ଓଡିଶୀ ନୃତ୍ୟ ଗୁରୁ ତଥା ସିନେ ତାରକା ପ୍ରତିଭା ପଣ୍ଡା, କଣ୍ଠ ଶିଳ୍ପୀ ରାଜେନ୍ଦ୍ର ବଳ, ଗଣେଶ ସଙ୍ଗୀତ ମହାବିଦ୍ୟାଳୟ ର ଅଧାପକ ସୁବାସ ପଣ୍ଡା ପ୍ରମୁଖ ଯୋଗଦେଇ କଳା ର ସ୍ଥାନ ଭଦ୍ରକ ଜିଲ୍ଲାରେ ସ୍ୱତନ୍ତ୍ର ରହିଛି ବୋଲି କହିଥିଲେ ଓ ଶେଷରେ ଅତିଥି ମାନେ କୃତୀ ପ୍ରତିଭା ଧାରିଙ୍କୁ ପୁରସ୍କୃତ କରିଥିଲେ। ଆର୍ଟ ରେ ଜୁନିଅର ନଂ ୧ କଳାକାର ମାନ୍ୟତା ଜେନା ଓ ଆର୍ଟ ସିନିଅର ନଂ-୧ କଳାକାର ଶୁଭଶ୍ରୀ ନାୟକ ସେହିପରି ସଙ୍ଗୀତ ରେ ଜୁନିଅର ନଂ ୧ କଳାକାର ଅଂଶିକା ନାଥ ଓ ସିନିଅର ନଂ -୧ କଳାକାର-ଚନ୍ଦ୍ରକାନ୍ତ ପାଲ ସେହିପରି ମର୍ଡର୍ଣ ଡାନ୍ସରେ ଜୁନିଅର ନଂ ୧ ଅଘାନ୍ୟା ରାଇଚାନ୍ଦ, ସିନିଅର ନଂ -୧ ଲକ୍ଷିତା ପଣ୍ଡା ଓ ଓଡ଼ିଶୀରେ ଜୁନିଅର ନଂ ୧ କଳାକାର ସୁକନ୍ୟା ନାୟକ ଓ ସିନିଅର ନଂ ୧ କଳାକାର ସ୍ୟୋୟମ ପ୍ରଭା ପୃଷ୍ଟି କୃତୀତ୍ୱ ଅର୍ଜନ କରିଛନ୍ତି । କୃତୀ ପ୍ରତିଭାଧାରିଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ନିର୍ଦ୍ଦେଶକ ସୁଦର୍ଶନ ନାୟକ ମଞ୍ଚ ଆମନ୍ତ୍ରଣ ଓ ନିର୍ଦ୍ଦେଶିକା ଅର୍ଚନା ବଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରଥମ ଆନ୍ତଃକ୍ଲବ୍ ଓ ଜିଲ୍ଲା କବାଡି ଚମ୍ପିଅନସିପ ୨୦୨୬ ଉଦ୍ଘାଟିତ

ଖୋର୍ଦ୍ଧା , ୧୩/୪ (ନି.ପ୍ର): ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି, ପ୍ରଥମ ଆନ୍ତଃ କ୍ଲବ୍ ଓ ଜିଲ୍ଲା କବାଡି ଚମ୍ପିଅନସିପ-୨୦୨୬ ପୂର୍ବାହ୍ନ ୯ଘଟିକା ସମୟରେ ଖୋର୍ଦ୍ଧା ଷ୍ଟାଡିୟମ୍ ପରିସରରେ ଉଦ୍ଘାଟିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡ଼ା ଚାମ୍ପିଅନସିପକୁ ଉଦ୍ଘାଟିତ କରି ନିଜ ଉଦବୋଧନରେ କହିଲେ ଜେ କ୍ରୀଡାର ପ୍ରଚାର ପ୍ରସାର କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ଯୋଜନା ଯାହା ତୃଣ ମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ମାନଙ୍କୁ ସୁଯୋଗ ପ୍ରଦାନ କରିବ । ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଯୋଗଦେଇ କ୍ରୀଡ଼ା ଶରୀରକୁ ସୁସ୍ଥ ରଖିବାସହ, କ୍ରୀଡ଼ାରେ ଅଧବସାୟ ରହିଲେ କ୍ରୀଡ଼ା ବୃତିକୁ ଆପଣେଇଲେ, କ୍ରୀଡ଼ାକୁ ଶିକ୍ଷା ଓ ଜୀବନ ସହିତ ଜଡିତ ରଖିଲେ ଏହା ଉତ୍ତମ ନାଗରିକ ଗଢିତୋଳିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଥାଏ ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ, ଉପେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ,ଅତିଥି ପରିଚୟ ଓ ମୁଖ୍ୟମନ୍ତ୍ରୀ କବାଡି ଚାମ୍ପିଅନସିପ -୨୦୨୬ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଜି ଏବଂ ଆସନ୍ତା କାଲି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବାଳକ ଓ ବାଳିକା ବିଭାଗରୁ ୧୦ ଓ ୬ ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ କ୍ରୀଡ଼ା ସଂସଦ କାର୍ଯ୍ୟକର୍ତ୍ତା ଜ୍ୟୋତି ପ୍ରକାଶ ମହାନ୍ତି, ଅନିଲ କୁମାର ସାହୁ, ଦାନିଏଲ୍ ନାଏକ, ବୀରକିଶୋର ସିଂହ, କେଦାର କୁମାର ବରାଳ ସମେତ ଶିକ୍ଷକ ଶିକ୍ଷୟତ୍ରୀ, ପ୍ରଶିକ୍ଷକ,ସାମ୍ବାଦିକ ଏବଂ ପ୍ରତିଯୋଗୀ ମାନେ ଯୋଗଦେଇଥିଲେ । ଶେଷରେ କ୍ରୀଡ଼ା ସଙ୍ଘ ସଭାପତି ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ହନୁମାନ ଜୟନ୍ତୀ ଉପଲକ୍ଷେ ବାର୍ଷିକ କଳସ ଶୋଭାଯାତ୍ରା, ଅଷ୍ଟମ ପ୍ରହର ଓ ମହାଯଜ୍ଞ ଅନୁଷ୍ଠିତ



ସୋର , ୧୩/୪ (ନି.ପ୍ର): ସୋର ବ୍ଲକ ଅନ୍ତର୍ଗତ ଶିଙ୍ଗାଖୁଣ୍ଟା ଗ୍ରାମ ପଞ୍ଚାୟତର ନୂଆଗାଁ ଠାରେ ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ ବିଶାଳ କଳସ ଶୋଭା ଯାତ୍ରା, ଅଷ୍ଟମ ପ୍ରହର ଓ ମହାଯଜ୍ଞ ସହିତ ଅନ୍ନଛତ୍ର ଆୟୋଜନ ହୋଇ ଯାଇଛି । ବଜରଙ୍ଗବାଲି କ୍ଲବର ସଭ୍ୟ ପଦ୍ମଲୋଚନ ରାଉତ, ଉତ୍ତମ କୁମାର ବେହେରା, ରମେଶ ଚନ୍ଦ୍ର ବେହେରା, ଦେବେନ୍ଦ୍ର ପାତ୍ର,ଉଦୟ ନାୟକ, ଚିତ୍ତରଞ୍ଜନ ଜେନା, ଜଗବନ୍ଧୁ ପାତ୍ର, ଦୀନବନ୍ଧୁ ପାତ୍ର,ରଞ୍ଜନ ସାହୁ, ଦିଗାମ୍ବର ପାତ୍ର,ତପନ କୁମାର ପାତ୍ର, ଅନିରୁଦ୍ଧ ରାଉତ ରାଜେନ୍ଦ୍ର ରାଉତ, ଉଦ୍ଧବ ଜେନା, ରାଜେନ୍ଦ୍ର ପାତ୍ର,ସମୀର ରଞ୍ଜନ ନାୟକ, ନରେନ୍ଦ୍ର କୁମାର ପାତ୍ର, ସୁଧାକର ସାମନ୍ତରାୟ, ସଞ୍ଜୟ କୁମାର ଜେନା ,ସଞ୍ଜୟ କୁମାର ସେଠୀ, ଅଜୟ ଜେନା, ଚିନ୍ମୟ ପାତ୍ର, ପ୍ରଶାନ୍ତ ସାହୁ, ପ୍ରଭାକର ପାତ୍ର, ନିଶାକର ସାମନ୍ତରାୟ, ଭଗୀରଥ ସାହୁ, ପ୍ରଭାକର ସାମନ୍ତରାୟ,ଜିତୁ ଜେନା, କୃପାସିନ୍ଧୁ ଜେନା, ପ୍ରିୟବ୍ରତ ପାତ୍ର, ବାସୁଦେବ ସାହୁ, ଜିତେନ୍ଦ୍ର ପାତ୍ର, ସୁଶାନ୍ତ ବେହେରା, ଚିରନ୍ତନ ରାଉତ, ସୁରେଶ ସାହୁ, ରାଜେନ୍ଦ୍ର ଜେନା,ତପନ ଚଣ୍ଡ, ସୁବାଷ ଚନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ଗୌରାଙ୍ଗ ବେହେରା,ରତିକାନ୍ତ ପାତ୍ର ,ଅଲେଖ ସାହୁ, ଦିବ୍ୟରଞ୍ଜନ ବେହେରା, ସଞ୍ଜୟ ମହାକୁଡ଼, ସନ୍ଦୀପ ବେହେରା, ଉମାକାନ୍ତ ବେହେରା, ରବୀନ୍ଦ୍ର ସାହୁ, ବଳରାମ ପାତ୍ର, ଲମ୍ୱୋଦର ରାଉତ, ପ୍ରଦୀପ ପାତ୍ର , ଗଣେଶ ବେହେରା, ମନୋରଞ୍ଜନ ଚଣ୍ଡ, ରାଜେନ୍ଦ୍ର ଚଣ୍ଡ,ମୁନା ସାହୁ,ବିଜୟ ସେଠୀ, ପ୍ରମୋଦ କୁମାର ଖଣ୍ଡା, ମହୀରଞ୍ଜନ ଖଣ୍ଡା, ରବୀନ୍ଦ୍ର କୁମାର ଜେନା, ଦିବାକର ଜେନା, ଦିବାକର ସାମନ୍ତରାୟ, ଖଜି ବେହେରା, ଭରତ ବେହେରା, ବିଜୟ କୁମାର ଜେନାଙ୍କ ସହ ସମସ୍ତ ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ପ୍ରାଚୀନ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନାଚକ୍ର



ବାରିପଦା, ୧୩/୪ (ନି.ପ୍ର): ଓଡିଆ ପକ୍ଷ ପାଳନ ଅବସରରେ ମୟୂରଭଞ୍ଜର ଅଗ୍ରଣି ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରାଚୀନ ସାହିତ୍ୟରେ ପ୍ରାଚୀନ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନା ଚକ୍ର ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନା ଚକ୍ରର ଆରମ୍ଭରେ "ପ୍ରତିଶ୍ରୁତି" ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଭକ୍ତକବି ଦୀନକୃଷ୍ଣଙ୍କ ପର୍ଯ୍ୟନ୍ତ ପ୍ରାଚୀନ କବି ମାନଙ୍କ ସାହିତ୍ୟରେ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ବର୍ଣ୍ଣିତ ସୁଲଳିତ ପଦାବଳୀକୁ ସୁନ୍ଦର ଭାବରେ ଉପସ୍ଥାପନ କରି ଓଡିଆ ଭାଷା ଓ ସାହିତ୍ୟର ଓ ପ୍ରତ୍ୟେକ ଓଡିଆଙ୍କର ଅସ୍ମିତାର ପ୍ରତୀକ ଶ୍ରୀ ଜଗନ୍ନାଥ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ବିଚିତ୍ର ନାଥ ସାହୁ ଓଡିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଶ୍ରୀ ଜଗନ୍ନାଥ ସଂସ୍କୃତି ଏକ ଉନ୍ନତ ପାରିବାରିକ ଜୀବନର ଦୃଷ୍ଟାନ୍ତ ବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ କବୟିତ୍ରୀ ବିରଜା ଦେବୀ ଓ ସମାଜ ସେବୀ ଶରତ ଚନ୍ଦ୍ର ନାୟକ ଆମେ ନିଜକୁ ଓଡିଆ ବୋଲି ଗର୍ବ କରିବାକୁ ଆହ୍ୱାନ ଦେଇଥିଲେ । ସଭାପତି ଡା.ଜେନା ତାଙ୍କ ଅଭିଭାଷଣରେ ଛାତ୍ର ଛାତ୍ରୀମାନେ କ୍ରମଶଃ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଓଡିଆ ଭାଷା ଓ ଜାତିର ଅସ୍ତିତ୍ୱକୁ ଭୁଲିଯିବା ଏକ ନିନ୍ଦନୀୟ ଘଟଣା ବୋଲି ଉଲ୍ଲେଖ କରି ମାତୃଭାଷା ପ୍ରୀତିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ସୁଧାମୟୀ ଦାସ ଓ ମିନତୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ସ୍ନେହଲତା ନାୟକ, ନରସିଂହ ବାରିକ, ବନମାଳୀ ପାତ୍ର, ହରିହର ବେହେରା, ଭଗବତୀ ଦାଶ, ସବିତା ମିଶ୍ର, ରଶ୍ମିତା ପାତ୍ର, ଡ.ଶଶିଧର ବିଶ୍ୱାଳ, ଡ.ସଞ୍ଜିବ କୁମାର ପାଣିଗ୍ରାହୀ, ପୁଷ୍ପଲତା ସାହୁ, ବାସନ୍ତୀଲତା ମହାପାତ୍ର, ଦୋଳଗୋବିନ୍ଦ ମହାନ୍ତ, ଭାସ୍ୱତୀ ପଣ୍ଡା, ସବିତା ରାଣୀ ସିଟ୍, ରାଜଲକ୍ଷ୍ମୀ ଦାସ, ବିଶ୍ୱମିତ୍ରା ଦାସ, ଦୀପଙ୍କର ମିଶ୍ର, ଗୋପାଳ ଚନ୍ଦ୍ର ଦତ୍ତ, ଦିଲ୍ଲୀପ କୁମାର ଆଇଚ୍, ଅଶୋକ କୁମାର ପଲେଇ ଓ ଗୌରହରୀ ମହାନ୍ତ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ବେଦପାଠ କରିଥିଲେ ଡ. ସଞ୍ଜିବ କୁମାର ପାଣିଗ୍ରାହୀ, ପ୍ରାରମ୍ଭରେ ଡ.ଶଶିଧର ବିଶ୍ୱାଳ ଅତିଥି ମାନଙ୍କୁ ମଞ୍ଚଆମନ୍ତ୍ରଣ କରିଥିବା ବେଳେ ପରିଶେଷରେ କବି ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡା ଏଚକେ ମହତାବ କଲେଜରେ ଯୋଗଦେଲେ ନୂତନ ଅଧ୍ୟକ୍ଷ

ଖଇରା, ୧୩/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡା ହରେକୃଷ୍ଣ ମହତାବ କଲେଜରେ ଦୀର୍ଘଦିନ ଧରି ଅଧ୍ୟକ୍ଷ ପଦ ଖାଲି ପଡିବା ପରେ ସୋମବାର ନୂତନ ଅଧ୍ୟକ୍ଷ ଭାବେ କପ୍ତିପଦା କଲେଜ ଇଂରାଜୀ ଅଧ୍ୟାପକ ସରୋଜ ଲେଙ୍କା ଅଧ୍ୟକ୍ଷ ଭାର ଗ୍ରହଣ କରିଛନ୍ତି । ପାଖାପଖି ୬ମାସ ଧରି ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଯୁଧିଷ୍ଠିର କୁଅଁର ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଥିଲେ । କଲେଜରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ତଥା ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ଅଧ୍ୟକ୍ଷ ଲେଙ୍କା ପ୍ରକାଶ କରିଛନ୍ତି । ଦାୟିତ୍ୱ ଗ୍ରହଣ ସମୟରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida